RNI No.ODIODI/2010/33031
୧୦ମ ବର୍ଷ Volume-10
ସଂଖ୍ୟା- ୯୦ Issue- 90
ଭୁବନେଶ୍ୱର, ଗୁରୁବାର ୧୩ ଜୁନ୍ ୨୦୧୯
Bhubaneswar, Thursday 13 June 2019
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଅମିତାଭଙ୍କ ଟ୍ୱିଟର ଆକାଉଣ୍ଟ ହ୍ୟାକ୍

ଜଳୁଛି ଓଡ଼ିଶା

# ୪୫° ଟପିଲା ୬ ସହର ପାରଦ

- ୧୭ ଯାଏଁ ତାତିରୁ ତ୍ରାହି ନାହିଁ
- ସମ୍ବଲପୁର ସବୁଠୁ ଉତ୍ତପ୍ତ ସହର
- ୧୭ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ
- ହାଇ ଆଲର୍ଟରେ ୧୬୫ ବ୍ଲକ



ଭୁବେନଶ୍ୱର, ୧୨।୬ (ନି.ପ୍ର.): ପ୍ରଚଣ୍ଡ ରୌଦ୍ରତାପରେ ଛଟପଟ ହେଉଛି ସାରା ଓଡ଼ିଶା। ୧୫ ତାରିଖ ଯାଏଁ ତାତିରୁ ନିସ୍ତାର ନଥିବା ବେଳେ ୧୬୫ ବ୍ଲକ୍‌କୁ ହାଇଆଲର୍ଟ କରିଛି ପାଣଇପାଗ ବିଭାଗ। ସମ୍ବଲପୁରରୁ ଭୁବନେଶ୍ୱର ହେଉ ବା ମାଲକାନଗିରିରୁ ଚାନ୍ଦବାଲି ହେଉ ସବୁଠି ପାରଦ ଉପରମୁହାଁ ହୋଇଛି। ଗୋଟିଏ ଦିନରେ ସବୁଠି ପାରଦ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଛି। ୧୩ଟି ସହରର ତାପମାତ୍ରା ୪୦° ଉପରେ ରହିଥିବା ବେଳେ ସମ୍ବଲପୁରର ତାପମାତ୍ରା ୪୫.୬° ଛୁଇଁଛି। ଆହୁରି ତିନି ଦିନ ପର୍ଯ୍ୟନ୍ତ ଏହି ତାତି ଲାଗି ରହିବବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ଼, ଅନୁଗୁଳ, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ଲାଗି ହିଟ୍‌ୱେଭ୍ ଜାରି କରାଯାଇଛି। ସତର୍କତା ଅବଲମ୍ବନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ୧୫ ପର୍ଯ୍ୟନ୍ତ ୧୬୫ଟି ବ୍ଲକ୍‌କୁ ରେଡ ଆଲର୍ଟ, ୭୧ଟି ବ୍ଲକ୍‌କୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ତିନି ଦିନରେ ତାପମାତ୍ରା ୪୨°ରୁ ୪୬° ପର୍ଯ୍ୟନ୍ତ ରହିବାର ଅନୁମାନ କରାଯାଉଛି।

ରାଜ୍ୟର ୬ଟି ସହରର ତାପାମତ୍ରା ୪୫° ଉପରେ ରହିଥିବା ଆଜି ରେକର୍ଡ କରାଯାଇଛି। ସମ୍ବଲପୁର ସର୍ବାଧିକ ୪୫.୬° ହୋଇଥିବା ବେଳେ ଗୋପାଳପୁର ସର୍ବନିମ୍ନ ୩୨.୭° ରେକର୍ଡ କରାଯାଇଛି। ତାଳଚେର-୪୫.୩°, ହରାକୁଦ-୪୫.୨°, ସୋନପୁର-୪୫.୨°, ଝାରସୁଗୁଡା ୪୫° ଓ ଟିଟିଲାଗଡରେ-୪୫° ତାପମାତ୍ର ରେକର୍ଡ କରାଯାଇଛି। ସୁନ୍ଦରଗଡ଼-୪୪.୫°, ଅନୁଗୁଳ-୪୩.୯°, ମାଲକାନଗିରି-୪୨.୬°, ବଲାଙ୍ଗୀର-୪୨.୫°, ଭୁବନେଶ୍ୱର-୪୨.୪°, ଭବାନୀପାଟଣ-୪୧.୮°, କେଉଁଝର-୪୦.୯°, ଚାନ୍ଦବାଲି-୪୦.୮°, କଟକ-୪୦.୫°, ବାରିପଦା-୩୮.୬°, ଦାରିଙ୍ଗବାଡି-୩୮.୫°, କୋରାପୁଟ-୩୫.୬°, ପୁରୀ-୩୫.୪°, ବାଲେଶ୍ୱର-୩୫.୨° ଏବଂ ପାରାଦ୍ୱୀପ-୩୩.୩ ତାପମାତ୍ର ରେକର୍ଡ କରାଯାଇଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରୁ ଜଣାପଡିଛି।

## ଡିଆରଡିଓକୁ ବଡ଼ ସଫଳତା

# ଏଚ୍‌ଏସ୍‌ଡିଭି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର, ୧୨।୬ (ନି.ପ୍ର.): ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନକୁ ଆଉ ଏକ ବଡ଼ ସଫଳତା ମିଳିଛି। ବାଲେଶ୍ୱର ଆଇଟିଆର୍ ଚାରି ନମ୍ବର ଲଞ୍ଚପ୍ୟାଡ୍‌ରୁ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ ହୋଇଛି। ବାଲେଶ୍ୱର ଆଇଟିଆର ଚାରି ନମ୍ବର ଲଞ୍ଚ ପ୍ୟାଡ୍‌ରୁ ହାଇପର ସୋନିକ ଟେକ୍ନୋଲୋଜି ଡେମନଷ୍ଟ୍ରେସନ୍ ଭେହିକିଲର (ଏଚ୍‌ଏସ୍‌ଡି)ର ଉତ୍‌କ୍ଷେପଣ ସଫଳ ହୋଇଛି। ଭଦ୍ରକ ଧାମରେ କଲାମ ଦ୍ୱୀପରୁ ଏଚ୍‌ଏସ୍‌ଡିର ପରୀକ୍ଷଣ ହୋଇଛି। ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠୋନ ବା ଡିଆରଡିଓର ପ୍ରତିରକ୍ଷା ସଚିବଙ୍କ ଉପସ୍ଥିତିରେ ସକାଳ ୧୧ଟା ୨୨ରେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଥିଲା। ଯାହା ଦ୍ୱାରା ସୁପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ ଓ ଉପଗ୍ରହ ପ୍ରେରଣ ହୋଇପାରିବ। ୨୦୧୭ ମସିହାରେ ଦୁଇଥର ହାଇପର ସୋନିକ୍ ଟେକ୍ନୋଲୋଜି ଡେମନଷ୍ଟ୍ରେସନ୍ ଭେହିକିଲର ପରୀକ୍ଷର କରାଯାଇଥିଲା। ଏହା ୨୦ ସେକେଣ୍ଡ ମଧ୍ୟରେ ୩୨.୫ କମି ଉଚ୍ଚ ଯାଏଁ ଯାଇପାରିବ। ଏହା ସହ ହାଇପର ସୋନିକ୍ ଟେକ୍ନୋଲୋଜି ଡେମନଷ୍ଟ୍ରେସନ୍ ଭେହିକିଲ ୭୯୬୨ କିମି ବେଗରେ ଗତି କରିଥାଏ।

## ଲାଞ୍ଚ ନେଇ ଧରାପଡିଲେ ଯନ୍ତ୍ରୀ



ବାଲେଶ୍ୱର, ୧୨।୬ (ନି.ପ୍ର): ଲାଞ୍ଚ ନେଇ ଧରାପଡିଲେ ଇଲେକ୍ଟ୍ରିକାଲ୍ ଜେଇ। କଟକ ଭିଜିଲାନ୍ସ ସେଲ୍ ଅଧିକାରୀ ଯନ୍ତ୍ରୀଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଛି। ସେ ହେଉଛନ୍ତି ମଠସାହି ଇଲେକ୍ଟ୍ରିକ୍ ଡିଭିଜନ୍‌ର କୁମାର ସ୍ଥିତପ୍ରଜ୍ଞା ମହାନ୍ତି। ସହରର ମାକଲପୁର ଅଞ୍ଚଳର ବୈରାମ ନଗରରେ ଜିତେନ୍ କୁମାର ସାହୁଙ୍କ ଘରେ ପୁରୁଣା ମିଟର ବଦଳାଇବା ଏବଂ ଫାଇନ୍ ଟଙ୍କା କମାଇଦେବା ପାଇଁ ୧୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ ପ୍ରଜ୍ଞା ମହାନ୍ତି। ଏ ସଂପର୍କରେ ଜିତେନ୍ କଟକ ଭିଜିଲାନ୍ସ ସେଲ୍‌ରେ ଅଭିଯୋଗ କରିଥିଲେ।

ଗତକାଲି ସଂଧ୍ୟା ବେଳେ ଯୋଜନା ମୁତାବକ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି ମେଷ୍ଟାଶାଳ ଦାସ ଆଇଟିଆଇ ନିକଟରେ ଲାଞ୍ଚ ବାବଦକୁ ୫୦୦୦ ଟଙ୍କା ନେଉଥିବା ବେଳେ ସାଦା ପୋଷାକରେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ପରେ ଭିଜିଲାନ୍ସ ଅଧିକାରୀ ପ୍ରଜ୍ଞା ମହାନ୍ତିଙ୍କ ବାଲିସାହି ସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ।

## ଜୁଲାଇ ୨ରେ ଚନ୍ଦ୍ରଯାନ-୨ ପ୍ରକ୍ଷେପଣ



ନୂଆଦିଲ୍ଲୀ, ୧୨।୬: ଜୁଲାଇ ୧୫ରେ ଚନ୍ଦ୍ରଯାନ-୨ ଲଞ୍ଚ କରାଯିବ ବୋଲି ଭାରତୀୟ ଗବେଷଣା କେନ୍ଦ୍ର (ଇସ୍‌ରୋ) ପକ୍ଷରୁ ଘୋଷଣା କରାଯାଇଛି। ଗତ ୧୦ ବର୍ଷ ଭିତରେ ଦ୍ୱିତୀୟ ଥର ଚନ୍ଦ୍ରକୁ ଯିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ବୁଧବାର ଇସ୍‌ରୋ ଚେୟାରମ୍ୟାନ୍ ଡା. କେ. ସିଭନ୍ କହିଛନ୍ତି। ଜୁଲାଇ ୧୫ ରାତ୍ରି ୨ଟା ୫୧ ମିନିଟ୍‌ରେ ଲଞ୍ଚ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ମଡ୍ୟୁଲସଗୁଡିକର ପ୍ରଥମ ଚିତ୍ର ବୁଧବାର ଇସ୍‌ରୋ ପକ୍ଷରୁ ଜାରି କରାଯାଇଛି। ଶ୍ରୀହରିକୋଟାରୁ ଚନ୍ଦ୍ରଯାନ-୨ ଜିଏସ୍‌ଏଲ୍‌ଭି ମ୍ୟାକ୍-୩ ଜରିଆରେ ପଠାଯିବ। ଏହି ମିଶନର ତିନୋଟି ମଡ୍ୟୁଲ୍ ରହିଛି। ସେଗୁଡିକ ହେଉଛି ଅରବିଟର, ଲ୍ୟାଣ୍ଡର-ବିକ୍ରମ ଓ ରୋବର-ପ୍ରଜ୍ଞାନ। ସେଗୁଡିକ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇସାରିଛି। ମଡ୍ୟୁଲଗୁଡିକ ଇସ୍‌ରୋ ଉପଗ୍ରହ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରାଯାଇସାରିଛି। ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧକୁ ଏକ ରୋଭର ପଠାଇ ଭାରତ ବିଶ୍ୱର ଏକମାତ୍ର ଦେଶ ଭାବେ ଇତିହାସ ସୃଷ୍ଟି କରିବାକୁ ଯାଉଛି।

# ଶ୍ରୀମନ୍ଦିର ଅନୁଧ୍ୟାନ କରିବ ଏଏସ୍‌ଆଇ ଟିମ୍

## ରଥଯାତ୍ରା ସମୟରେ ହେବ ମରାମତି କାମ



ଭୁବନେଶ୍ୱର, ୧୨।୬ (ନି.ପ୍ର.): ଏଏସ୍‌ଅଶି ଟିମ୍ ଶ୍ରୀମନ୍ଦିରରେ ଅନୁଧ୍ୟାନ କରିବ। ପୁରୀ ଶ୍ରୀମନ୍ଦିର ସୁରକ୍ଷା ନେଇ ବୁଧବାର ଭୁବେନଶ୍ୱରରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ମରାମତି କାମ ହେବ ବୋଲି ଜଣାପଡିଛି। ଜୁଲାଇ ୬ରୁ ୧୪ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଶ୍ରୀମନ୍ଦିରରେ ମରାମତି କାମ ହେବ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମରାମତି କାମ ୧୪ ତାରିଖ ସଂଧ୍ୟା ସୁଦ୍ଧା ଶେଷ ହେବ ବୋଲି ଆଲୋଚନା ହୋଇଛି। ବୈଠକ ପରେ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ଯେ, ଏଏସ୍‌ଆଇ ଟିମ୍ ଜୁଲାଇ ୫ ଓ ୬ରେ ଶ୍ରୀମନ୍ଦିର ସ୍ଥିତି ଅନୁଧ୍ୟାନ କରିବ। ଶ୍ରୀମନ୍ଦିର ମରାମତି ପାଇଁ ଜୁଲାଇ ୬ରୁ କାମ ଆରମ୍ଭ ହେବ। ଜୁଲାଇ ୧୪ ସୁଦ୍ଧା ଶ୍ରୀମନ୍ଦିର କାମ ଶେଷ କରାଯିବ।

ବୈଠକରେ ଗର୍ଭଗୃହର ସୁରକ୍ଷା ଉପରେ ଆଲୋଚନା ହୋଇଛି। ସେହଭଳି ସିଂହଦ୍ୱାର ପଥରରୁ ନିର୍ମିତ ସ୍ଥାୟୀ ଜୟ-ବିଜୟ ମୂର୍ତ୍ତି ଲାଗିବ ବୋଲି ଆଲୋଚନା ହୋଇଛି। ନୀଳଚକ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ରାସାୟନିକ ବିଶ୍ଳେଷଣ କରାଯିବ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମେତ ଏଏସ୍‌ଆଇ ସଦସ୍ୟ ଓ ପୂର୍ତ୍ତ ସଚିବ ଉପସ୍ଥିତ ରହିଥିଲେ।

## ଘରୁ ବାହାରିଲା ୧୩ ନାଗ



ଧାମନଗର, ୧୨।୬ (ନି.ପ୍ର.): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଆନନ୍ଦପୁର ବାବୁ ସାହିର ଖଗେଶ୍ୱର ମହାକୁଡଙ୍କ ଘରୁ ଗୋଟିଏ ନାଗୁଣୀ ସହ ୧୨ ନାଗ ଛୁଆ ଉଦ୍ଧାର କରାଯାଇଛି। ମଙ୍ଗଳବାର ଏକ ମୃତ ନାଗ ଛୁଆ ଦେଖିବା ପରେ ଖଗେଶ୍ୱର ସ୍ନେକ୍ ହେଲ୍ପଲାଇନ୍‌କୁ ଖବର ଦେଇଥିଲେ। କର୍ମୀ ଶେକ୍ ମିର୍ଜା ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ୧୨ ନାଗ ଉଦ୍ଧାର ହୋଇଛି। ଘଟଣା ପ୍ରଚାରିତ ହେବା ପରେ ସାହିରେ ଆତଙ୍କ ଖେଳିଯାଇଛି।

## ଭାଜପା ସଂସଦୀୟ କାର୍ଯ୍ୟନିର୍ବାହୀ କମିଟିରେ ୩ ଓଡ଼ିଆଙ୍କୁ ସ୍ଥାନ



ଭୁବନେଶ୍ୱର, ୧୨।୬ (ନି.ପ୍ର.): ବୁଧବାର ଭାଜପାର ସଂସଦୀୟ କାର୍ଯ୍ୟନିର୍ବାହୀ କମିଟି ଗଠନ ହୋଇଛି। ଏହି କମିଟିରେ ଓଡ଼ିଶାର ୩ ପ୍ରମୁଖ ଭାଜପା ନେତାଙ୍କୁ ସ୍ଥାନ ମିଳିଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଲୋକସଭା ସଚେତକ ହୋଇଥିବା ବେଳେ ସୁନ୍ଦରଗଡ଼ ସାଂସଦ ଜୁଏଲ୍ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଯଥାକ୍ରମେ ଲୋକସଭା ଓ ରାଜ୍ୟସଭାର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କମିଟିର ଅଧକ୍ଷ ଭାବେ ଦାୟିତ୍ୱ ମିଳିଥିବା ବେଳେ ରାଜନାଥ ସିଂହ ଲୋକସଭାରେ ଦଳର ଉପନେତା ଓ ତାଓବାରଚାନ୍ଦ ଗେହଲଟ ରାଜ୍ୟସଭାରେ ଦଳର ଉପନେତା ହୋଇଛନ୍ତି।

# ପାକିସ୍ତାନ ଉପରେ ଉଡିବନି ପ୍ରଧାନମନ୍ତ୍ରୀଙ୍କ ବିମାନ



ନୂଆଦିଲ୍ଲୀ, ୧୨।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନ ଆକାଶ ପଥ ଦେଇ କିର୍ଗିଜସ୍ତାନର ବିଶକେକ ଯିବେ ନାହିଁ। ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ବିମାନକୁ ପାକ-ଆକାଶ ପଥ ଦେଇ ନେଇଯିବାର ବିଚାର କରାଯାଇଥିଲା, କିନ୍ତୁ ଏବେ ପାକିସ୍ତାନ ଦେଇ ନ ଯିବା ଲାଗି ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ନିଷ୍ପତି କରାଯାଇଛି। ପ୍ରକାଶିତ ରିପୋର୍ଟ ଅନୁସାରେ, ଓମାନ, ଇରାନ୍ ଓ ମଧ୍ୟଏସିଆ ଦେଶ ଦେଇ କିର୍ଗିଜସ୍ତାନର ବିଶକେକ ଯିବ ପ୍ରଧାନମନ୍ତ୍ରୀଙ୍କ ବିମାନ। ତେବେ ଜୁନ୍ ୧୩-୧୪ରେ ହେବାକୁ ଥିବା ସଙ୍ଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ମୋଦି କିର୍ଗିଜସ୍ତାନର ରାଜଧାନୀ ବିଶକେକ ଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଖବର ଥିଲା କି ଏହି ସମ୍ମିଳନୀରେ ଯୋଗ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନ ଏୟାରରୁଟ ବ୍ୟବହାର କରିବେ, ଏଥିଲାଗି ଇମରାନ୍ ଖାନଙ୍କ ସରକାର ଅନୁମତି ଦେଇ ବି ଦେଇଥିଲେ। କିନ୍ତୁ ଶେଷ ମୁହୂର୍ତରେ ଏଥିରେ ପରିବର୍ତନ କରାଯାଇଛି। ବୈଦେଶିକ ମନ୍ତ୍ରାଳୟ ପ୍ରବକ୍ତାଙ୍କ ମୁତାବକ, ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମାନ ଓମାନ, ଇରାନ୍ ଓ ମଧ୍ୟ ଏସିଆ ଦେଶ ହୋଇ କିର୍ଗିଜସ୍ତାନର ରାଜଧାନୀ ବିଶକେକରେ ପହଂଚିବ। ଏହା ପାଇଁ ପ୍ରସ୍ତୁତି ବି କରାଯାଇ ସାରିଲାଣି। ଏହି ସମ୍ମିଳନୀରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମରାନ ଖାନ୍ ସାମିଲ ହେବେ।

# ଭୟଙ୍କର ରୂପ ଧାରଣ କଲା ସାମୁଦ୍ରିକ ବାତ୍ୟା ବାୟୁ

## ଓଡ଼ିଶାର ସହାୟତା ଲୋଡିଲା ଗୁଜୁରାଟ



ନୂଆଦିଲ୍ଲୀ, ୧୨।୬: ଆରବ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ବାୟୁ ଧୀରେ ଧୀରେ ଉତରକୁ ଗତି କରିବା ସହ ଅଧବକ ଶକ୍ତିଶାଳୀ ହେଉଛି। ଏହାକୁ ଭେରି ସିଭିୟର ସାଇକ୍ଲୋନ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ସାମୁଦ୍ରିକ ବାତ୍ୟା ବାୟୁ ଏବେ ଗୋଆଠାରୁ ୪୬୦ କିମି ଉତର-ପଶ୍ଚିମରେ ଓ ମୁମ୍ବାଇଠାରୁ ୨୯୦ କିମି ଦକ୍ଷିଣ ଓ ଦକ୍ଷିଣ- ପଶ୍ଚିମ ଦୂରରେ କେନ୍ଦ୍ରୀଭୂତ ରହିଛି। ଏହା ଆସନ୍ତା ୧୩ ତାରିଖ ସକାଳେ ଗୁଜୁରାଟର ପୋରବନ୍ଦର ଓ ମାହୁଭା ମଧ୍ୟବର୍ତି କୌଣସି ଏକ ସ୍ଥାନରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହି ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଗୁଜୁରାଟରେ ଏନଡିଆରଏଫକୁ ମୃତୟନ କରାଯାଇଥିବାବେଳେ ସେନା, ବାୟୁସେନା ଓ କୋଷ୍ଟଗାର୍ଡକୁ ସତର୍କ ରଖାଯାଇଛି। ଜିରୋ କାଜୁଆଲିଟି ପାଇଁ ଗୁଜୁରାଟ ସରକାର ସରକାର ଲକ୍ଷ୍ୟ ରଖିଛନ୍ତି ଓ ଏଥିପାଇଁ ଉପକୂଳକୁ ଲାଗିଥିବା ୧୦ ଟି ଜିଲ୍ଲାର ତଳିଆ ଅଂଚଳରୁ ଲୋକମାନଭ୍‌କୁ ଖାଲି କରି ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଆଜି ସଂନ୍ଧ୍ୟାସୁଦ୍ଧା ମୋଟ ୩ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତରୀତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ଗତ ମାସରେ ବାୟୁଠାରୁ ଦୁଇଗୁଣ ଶକ୍ତିଶାଳୀ ବାତ୍ୟା ଫନିର ସାମନା କରିଥିବା ଓଡ଼ିଶା ଏହି ବିପଦ ସମୟରେ ଗୁଜୁରାଟକୁ ସହାୟତାର ହାତ ବଢ଼େଇଛି। ଗୁଜୁରାଟ ସରକାରଙ୍କ ଅନୁରୋଧ ମିଳିବା ପରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଗୁଜୁରାଟ ମୁଖ୍ୟ ସଚିବ ଜେଏନ ସିଂଙ୍କ ସହ ଫୋନରେ କଥା ହୋଇଛନ୍ତି। ବାତ୍ୟା ପ୍ରସ୍ତୁତି ଓ ମୁକାବିଲା ଦିଗରେ ଓଡ଼ିଶା ସବୁ ପ୍ରକାରର ସହାୟତା କରିବ ବୋଲି ଶ୍ରୀ ପାଢ଼ୀ ପ୍ରତିଶୃତି ଦେଇଛନ୍ତି।

## ଡାହୁକ



ବିଚ୍ ରାସ୍ତାରେ ଜେଇଙ୍କୁ ଯେମିତି
ଉଠ୍ ବଅସ ଦଣ୍ଡ
ପ୍ରଜା କୋଅଟରେ ମାଓବାଦୀଙ୍କ
ଏମିତି ବାଗିଆ କାଣ୍ଡ
ନିଜକୁ ବୋଲେଇ ଷଣ୍ଢ
ପାଟଣାଗଡ଼ ବିଧାୟକଙ୍କ
ବିନ୍ଧୁଚି ପ୍ରବଳ ମୁଣ୍ଡ

-ବିଧୂ

## ନୀରବ ମୋଦିକୁ ପୁଣି ଝଟ୍‌କା

# ଜାମିନ୍ ଆବେଦନ ଖାରଜ



ଲଣ୍ଡନ, ୧୨।୬: ପୁଣି ନିରାଶ ହୋଇଛି ୧୩ ହଜାର କୋଟି ଟଙ୍କାର ପିଏନବି ଋଣ ଠକେଇର ମୁଖ୍ୟ ଅଭିଯୁକ୍ତ ନିବର ମୋଦି। ଆଜି ୟୁକେ ହାଇକୋର୍ଟ (ରୟାଲ କୋର୍ଟ ଅଫ୍ ଜଷ୍ଟିସ୍) ତାର ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଜଜ ଇନଗ୍ରିଡ ସିମଲର କହିଛନ୍ତି ଯେ ଜାମିନ ମିଳିବା ପରେ ନିରବ ମୋଦି ଆବଶ୍ୟକ ପଡିଲେ ପୁଣି ଆତ୍ମସମର୍ପଣ କରିବା ବିଶ୍ୱାସ ହେଉନାହିଁ। ସେ ମଧ୍ୟ ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରେ। ଗତ ମାସରେ ଲଣ୍ଡନ ୱେଷ୍ଟମିନିଷ୍ଟର କୋର୍ଟ ନିରବର ଜାମିନ ଆବେନକୁ ଖାରଜ କରିବା ପରେ ନିରବ ମୋଦି ୟୁକେ ହାଇକୋର୍ଟ (ରୟାଲ କୋର୍ଟ ଅଫ୍ ଜଷ୍ଟିସ) ରେ ଆବେଦନ କରିଥିଲା। ଗତ ମାର୍ଚ୍ଚ ୨୦ ତାରିଖରେ ଲଣ୍ଡନରେ ସ୍କଟଲାଣ୍ଡ ୟାର୍ଡ ପୋଲିସ ନିରବ ମୋଦିକୁ ଗିରଫ କରିଥିଲା। ସେହି ଦିନଠାରୁ ସେ ଲଣ୍ଡନର ଏକ ଜେଲରେ ରହିଛି। ଗତ ମାର୍ଚ୍ଚ ୯ ତାରିଖରେ ନିରବ ମୋଦିଙ୍କୁ ଦେଶକୁ ପ୍ରତ୍ୟାର୍ପିତ କରିବା ପାଇଁ ଭାରତ କରିଥିବା ଅନୁରୋଧକୁ ଗ୍ରହଣ କରିଥିଲା ବ୍ରିଟେନ। ବ୍ରିଟିଶ ଗୃହ ସଚିବ ସଜିଦ ଜାଭିଦ ଏହି ଅନୁରୋଧକୁ ଗ୍ରହଣ କରି ନିରବଙ୍କୁ ଭାରତକୁ ପ୍ରତ୍ୟାର୍ପିତ କରିବାକୁ ଇଂଲଣ୍ଡ ସହଯୋଗ କରିବ ବୋଲି ଜଣାଇଥିଲେ।



# ଉତ୍କଳ କେମେଷ୍ଟି ଆଣ୍ଡ୍ ଡ୍ରଗିଷ୍ଟ୍ ଆସୋସିଏସନର ଅଷ୍ଟମ କାର୍ଯ୍ୟକାରିଣୀ ସଭା




**ଭୁବନେଶ୍ୱର,୧୨।୬(ନିପ୍ର):** ଉତ୍କଳ କେମେଷ୍ଟି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ, ଯାହା ୨୦୦୦୦ କେମେଷ୍ଟି ଏଣ୍ଡ ଡ୍ରଗିଷ୍ଟଙ୍କୁ ନେଇ ଗଠିତ ଏବଂ ସମସ୍ତଙ୍କର ବ୍ୟବସାୟିକ ସ୍ୱାର୍ଥ ପାଇଁ ସର୍ବଦା ଚେଷ୍ଟିତ, ତାହାର, ୮ମ କାର୍ଯ୍ୟକାରିଣୀ ସଭା ଓ ସ୍ୱତନ୍ତ୍ର ସାଧାରଣ ସଭା ତା ୧୨.୬.୨୦୧୯ରିଖ ଦିନ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରର୍ସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବକିଶୋର ଦାସ ଓ ସମ୍ମାନିତ ଅତିଥି ଭାବେ ଜଳସମ୍ପଦ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଉପସ୍ଥିତ ସଭ୍ୟମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବ୍ରତି ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସାରା ରାଜ୍ୟର ପ୍ରାୟ ୮୦୦ ସଭ୍ୟ ଉକ୍ତ ସଭାକାର୍ଯ୍ୟରେ ଯୋଗ ଦେଇ ସଂଘର ନିଜସ୍ୱ ସମ୍ବିଧାନ ସଂଶୋଧନ ଉପରେ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ୟୁ.ସ.ଡ଼ି.ଏ.ର କୋଷାଧକ୍ଷ ଶ୍ରୀ ଦେବଦତ୍ତ ଦାସ ସଂଘର ଆୟବ୍ୟୟର ବିଶଦ୍ ବିବରଣୀ ପ୍ରଦାନ କରିଥିଲେ। ସଭ୍ୟମାନଙ୍କର ବିଭିନ୍ନ ବ୍ୟବସାୟିକ ସମସ୍ୟା ଓ ସମାଧାନର ଉପାୟ ବିଷୟରେ ଆଲୋକପାତ କରିବା ସହିତ ସଂଘର ସୁପରିଚାଳନା ପାଇଁ ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକଙ୍କ ସହିତ ସାଧାରଣ ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ ୟୁ.ସି.ଡି.ଏ.ର ସାଧାରଣ ସମ୍ପାଦକ ଶ୍ରୀ ପ୍ରଶାନ୍ତ ମହାପାତ୍ର। ସଭାକାର୍ଯ୍ୟକୁ ୟୁସିଡ଼ିଏର ସଭାପତି ଶ୍ରୀ ପି ସତ୍ୟନାରାୟଣ ପରିଚାଳନା କରିଥିଲେ।

# ମାତ୍ରାଧିକ ଔଷଧ ଖାଇ ଛାତ୍ରଙ୍କ ଆତ୍ମହତ୍ୟା

**ଢେଙ୍କାନାଳ,୧୨।୬(ନି.ପ୍ର):** ଗତ ୧ ବର୍ଷ ପୂର୍ବେ ମାଆଙ୍କ ଆକସ୍ମିକ ମୃତ୍ୟୁ ପରେ ମାନସିକ ଭାରସାମ୍ୟ ହରାଇ ସର୍ବଦା ବିଚଳିତ ରହୁଥିବା ଜଣେ ୧୦ମ ଶ୍ରେଣୀ ଛାତ୍ର ମାତ୍ରାଧିକ ଔଷଧ ଖାଇ ଆତ୍ମହତ୍ୟା କରିବା ଘଟଣା ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ଥାନା ଅଂଚଳରେ ଆଲୋଚନାର ବିଷୟ ହୋଇଛି। ମାଆଙ୍କ ଆକସ୍ମିକ ମୃତ୍ୟୁ ପରେ ଉକ୍ତ ଥାନା ଅଧିନ କନ୍ଦରସିଂହା ଗ୍ରାମର ଦୀପକ ତ୍ରିପାଠୀଙ୍କ ଏକମାତ୍ର ପୁଅ ତଥା ୧୦ମ ଶ୍ରେଣୀ ଛାତ୍ର ଉତ୍କଳ ତ୍ରିପାଠୀ (୧୫) ଗତ ରାତ୍ର ବେଳେ ଘରେ ଥିବା କେତେକ ଔଷଧକୁ ମାତ୍ରାଧିକ ଭାବେ ଖାଇଦେବା ପରେ ଗୁରୁତର ଅସୁସ୍ଥ ହୋଇଥିଲେ। ତାଙ୍କୁ ପରିବାର ସଦସ୍ୟମାନେ ନିକଟସ୍ଥ ପର୍ଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଚିକିତ୍ସା ସମୟରେ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ମାଆଙ୍କ ଆକସ୍ମିକ ମୃତ୍ୟୁ ପରଠାରୁ ଉତ୍କଳ ମାନସିକ ଭାରସାମ୍ୟ ହରାଇଥିବା ବେଳେ ମାତ୍ରାଧିକ ଔଷଧ ଖାଇବାରୁ ମୃତ୍ୟୁ ହେଲା ବୋଲି ପୋଲିସ୍ ନିକଟରେ ବାପା ଦୀପକ ପ୍ରକାଶ କରିଛନ୍ତି। ଶବକୁ ପୋଲିସ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ଶବ ହସ୍ତାନ୍ତର କରିଛନ୍ତି।

# 'ଦଶଭାଇ ମହାସଂଘ'ର ୮୬ତମ ବାର୍ଷିକ ସ୍ୱତନ୍ତ୍ର ବୈଠକ

**ପୁରୁଣା ଭୁବନେଶ୍ୱର,୧୨।୬(ନିପ୍ର):** ଦଶଭାଇ ମହାସଂଘ ଏକ ବହୁ ପୁରାତନ ଆଧାତ୍ମିକ ଭାଇଚରାର ସଂଗଠନ। ଆଜକୁ ବହୁବର୍ଷ ପୂର୍ବେ ୧୯୩୩ ମସିହାରେ ପୂଣ୍ୟତୋୟା ଦୟା ଓ ଭାର୍ଗବୀ ନଦୀ ଉପକଣ୍ଠ, ବିଶ୍ୱର ଐତିହାସିକ କୀର୍ତ୍ତିରାଜି ଧଉଳି ପାହାଡ଼ ପାଦଦେଶରେ ପବିତ୍ର ତୋଷାଳି କ୍ଷେତ୍ରର ଦାୟାଦମାନଙ୍କ ଦ୍ୱାରା ଗଢି ଉଠିଥିବା ଅନେକ ଗ୍ରାମର ୧୦ଜଣ ମୁରବୀମାନେ ଐକ୍ୟବଦ୍ଧ ଭାବରେ ଦଶଭାଇ ମହାସଂଘ ଗଠନ କରିଥିଲେ। ଏହି ଗ୍ରାମବାସୀମାନଙ୍କର ଅସୀମ ସାହସ, ବୀରତ୍ୱର ଗାଥା ଓ ଧୌର୍ଯ୍ୟ ଆଗରେ ଦିନେ ମଗଧାଧୀଶ ଚଣ୍ଡାଶୋକ ମଥା ନୁଆଁଇ ଧର୍ମାଶୋକରେ ପରିଣତ ହୋଇଥିଲେ ବୋଲି ଯାହାର ବର୍ଣ୍ଣନା ଇତିହାସରେ ଲିପିବଦ୍ଧ। କାଳକ୍ରମେ ଏହି ଅଞ୍ଚଳର ଅଧିବାସୀମାନଙ୍କ ପାଇଁ ବିଭିନ୍ନ ଧର୍ମାନୁଷ୍ଠାନ ମନ୍ଦିର ପ୍ରତଷ୍ଠା କରି ଲୋକମାନଙ୍କ ମଧ୍ୟରେ ଧର୍ମ ଚେତନା ଜାଗରଣ ପାଇଁ ଅନେକ ମେଳଣ, ମେଳା, ଦୋଳ ମହୋତ୍ସବ ଓ ଯାନିଯାତ୍ରା ସୃଷ୍ଟି କରାଯାଇ ସେମାନଙ୍କର ଧର୍ମୀୟ ଭାବନାକୁ ବୃଦ୍ଧି କରିଥାନ୍ତି। ଯାହାଦ୍ୱାରା ସେମାନେ ସେମାନଙ୍କର ଅଧିଷ୍ଠାତା ଠାକୁରମାନଙ୍କୁ ନେଇ ପରସ୍ପର ମଧ୍ୟରେ ଭେଟ ହୋଇଥାନ୍ତି। ଏହି ସଂସ୍କୃତି, ପରମ୍ପରା ସଦା ସର୍ବଦା ବଜାୟ ରହୁ, ଶାନ୍ତି ଶୃଙ୍ଖଳା, ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ, ଭ୍ରାତୃଭାବ, ସ୍ନେହଭାବ ଦୃଢୀଭୂତ କରି ଏକତା ହେବା ପାଇଁ ଏହି ମହାସଂଘର ଆଦର୍ଶ ଓ ସମସ୍ତଙ୍କର ଆଦରଣୀୟ ହୋଇ ଆଜକୁ ୮୬ ବର୍ଷରେ ପଦାର୍ପଣ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ନାଥପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ମହାସଂଘର ୮୬ତମ ବାର୍ଷିକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଗନ୍ଧର୍ବ ମହାପାତ୍ର ଦିବଂଗତ ୫ଜଣ ବରିଷ୍ଠ ସଦସ୍ୟମାନଙ୍କୁ ସେମାନଙ୍କର ଅତୁଳନୀୟ ଅବଦାନ ପାଇଁ ସ୍ମୃତିଚାରଣ କରି ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ସ୍ମୃତିପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାସଂଘର ସମ୍ପାଦକ ପ୍ରଫୁଲ୍ଲ ବିଶ୍ୱାଳ ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ ବନୀକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରିଥିଲେ। ଉପସଭାପତି ନିରଞ୍ଜନ ରାଉତରାୟ, କୋଷାଧକ୍ଷ ଅଶୋକ କୁମାର ହୋତା, ଉପଦେଷ୍ଟା ଯଯାତି କେଶରୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ଆଇନଜୀବୀ ସୁକାନ୍ତ ଚନ୍ଦ୍ର ଦାସ ବୈଠକରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରକ-ଧାମରା କୃଷକ ମଞ୍ଚର ବୈଠକ : ୨୫ରେ ରେଳରୋକ ନିଷ୍ପତ୍ତି

**ତିହିଡ଼ି, ୧୨।୬ (ନିପ୍ର):** ଭଦ୍ରକ-ଧାମରା କୃଷକ ମଞ୍ଚ ପକ୍ଷରୁ ଏକ ବୈଠକ ପୀରହାଟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କାହ୍ନୁଚରଣ ପଲେଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ କୃଷକ ମଞ୍ଚର ମୁଖ୍ୟ ସଂଯୋଜକ ବିଶ୍ୱକେଶରୀ ମହାନ୍ତି, ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା, ନିରଂଜନ ଦାସ, ଶଶିକାନ୍ତ ଦାସ, ପ୍ରଫୁଲ କୁମାର ପାଢ଼ୀ, ମୀନକେତନ ମହାଳିକ, ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦୀର୍ଘଦିନ ହେବ ବିଭିନ୍ନ ସମସ୍ୟାର ସମାଧାନ ନେଇ ଭଦ୍ରକ-ଧାମରା କୃଷକ ମଞ୍ଚ ସବୁବେଳେ ଦାବି କରିଆସିଛି। ଗତ ଫେବୃଆରୀ ୬ ତାରିଖ ଭଦ୍ରକର ଜିଲାପାଳ, ଧାମରା ପୋର୍ଟ କମ୍ପାନୀ ସିଇଓଙ୍କୁ ଜଣାଇଆସୁଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ବିହୀତ ପଦକ୍ଷେପ ଧାମରା ପୋର୍ଟ ନେଉନାହିଁ। ଭଦ୍ରକ ଠାରୁ ଧାମରା ପର୍ଯ୍ୟନ୍ତ ଯାଇଥିବା ରେଳପଥରେ ପ୍ରତ୍ୟେକ ଦିନ ଚୋରି ହେଉଥିବା କୋଇଲାକୁ ଜବତ କରାଯାଇ ରଖାଯାଇଥିଲା ଏବଂ ଚୋରମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଗଲା। କିନ୍ତୁ ବର୍ତ୍ତମାନ ରଖାଯାଇଥିବା ଚୋରା କୋଇଲା ୨୬ ହଜାର ୩୪ କୁଇଣ୍ଟାଲ ବର୍ତ୍ତମାନ ସେଠାରେ ନାହିଁ। ଏଥିପୂର୍ବରୁ ପୂର୍ବତନ ଜିଲାପାଳ ଲକ୍ଷ୍ମୀନାରାୟଣ ମିଶ୍ର ଜମିହରା, ବିସ୍ଥାପିତଙ୍କୁ ପ୍ରଥମ ପର୍ଯ୍ୟାୟରେ ଦଶଜଣଙ୍କୁ ନିଯୁକ୍ତି ପାଇଁ ଲେଖିକରି ଦେଇଥିଲେ। ତାହାକୁ ଆଜି ପର୍ଯ୍ୟନ୍ତ କମ୍ପାନୀ କାର୍ଯ୍ୟକାରୀ କଲାନାହିଁ। ଭଦ୍ରକରୁ ଧାମରା ପର୍ଯ୍ୟନ୍ତ ଯାଇଥିବା ରେଳପଥରେ ପ୍ରାୟ ଗ୍ରାମର ଶ୍ମଶାନ, ଗୋଚର ଜମିକୁ ଅଧିଗ୍ରହଣ ହୋଇଥିବାରୁ ଡିପିସିଏଲ କିଛି ଜମି ଅଧିଗ୍ରହଣ କରିଥିଲେ ହେଁ ଜମି ବିକ୍ରି କରିଥିବା ମିର୍ଜାପୁର ମୌଜାର ଜଣେ ବ୍ୟକ୍ତି ସେହି ଜମିକୁ ଲକ୍ଷାଧିକ ଟଙ୍କା ନେଇ ନିଜ ଅକ୍ତିଆରରେ ରଖି ମାଟି ଉଠାଇ ବିକ୍ରି କରୁଅଛନ୍ତି। ଏଥିପ୍ରତି ତିହିଡ଼ି ତହସିଲଦାର ଓ ପୋର୍ଟର ନଜର ନାହିଁ। ପେରିଫେରି ସ୍କିମରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଉନାହିଁ। ଗତ ୩ ବର୍ଷ ହେବ ଆରପିବିଏସ ମିଟିଂ ହେଉନାହିଁ। ପ୍ରତ୍ୟେକ ୩ ମାସରେ ଥରେ ପିଏଲଆରଆରସି ଜିଲା ପ୍ରଶାସନ ଦ୍ୱାରା ହେଉନାହିଁ। ପୂର୍ବରୁ ଯେଉଁ ୧୮ଦଫା ଦାବି ନେଇ ଜିଲା ପ୍ରଶାସନ ଓ ଡିପିସିଏଲକୁ ଭଦ୍ରକ-ଧାମରା କୃଷକ ମଞ୍ଚ ଦ୍ୱାରା ଦାବି କରାଯାଇ ଆସୁଅଛି। ଏଥିପ୍ରତି କୌଣସି ସୁଫଳ ମିଳିନାହିଁ। ପୂର୍ବରୁ ଭଦ୍ରକ-ଧାମରା କୃଷକ ମଞ୍ଚ ତରଫରୁ ଅନେକବାର ଆନ୍ଦୋଳାନାତ୍ମକ ପନ୍ଥା ହାତକୁ ନେଇଥିଲେ ହେଁ ଡିପିସିଏଲ କର୍ତ୍ତୁପକ୍ଷ ଏବଂ ଜିଲା ପ୍ରଶାସନ ଆଶ୍ୱସନା ଦିଅନ୍ତି ଯେ ଏଇଥର ହୋଇଯିବ। କିନ୍ତୁ କିଛି କରାଯାଏ ନାହିଁ। ମିର୍ଜାପୁର, ତିଶଳପୁର ମୌଜାପରି ଅନ୍ୟ ସବୁ ମୌଜାର ଚାଷୀମାନଙ୍କୁ ସମାନୁପାତିକ ମୂଲ୍ୟ ପ୍ରଦାନ କରାଯିବା ପାଇଁ ଦାବି ହୋଇଥିଲେ ହେଁ ତାହାକୁ କେହି କର୍ଣ୍ଣପାତ କରୁନାହାନ୍ତି। ବହୁ ଜମିହରା ବିସ୍ଥାପିତ ଚାଷୀ ଜମି ହରାଇ ଆଜି ପର୍ଯ୍ୟନ୍ତ ଭୋକ ଉପାସରେ କାଳାତିପାତ କରୁଛନ୍ତି। ସେଥିପାଇଁ ବର୍ତ୍ତମାନର ଜିଲା ପ୍ରଶାସନ ଓ ପୋର୍ଟ କମ୍ପାନୀର ଟିକେ ହେଲେ ନଜର ନାହିଁ। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖରେ ଭଟଟୀରା ପାୱାର ପ୍ଲାଣ୍ଟ ନିକଟରେ ଏକତ୍ରିତ ହୋଇ ନିଜର ହକ ହାସଲ ପାଇଁ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ରେଳରୋକ ମାଧ୍ୟମରେ ସାବ୍ୟସ୍ତ କରିବାକୁ ଏହି ବୈଠକରେ ଆହ୍ୱାନ ଦିଆଯାଇଛି।

# ରାଷ୍ଟ୍ରର ବିକାଶ ଓ ପ୍ରଗତିରେ ମହିଳାଙ୍କ ଅବଦାନ ଅତୁଳନୀୟ




**ଭୁବନେଶ୍ୱର,୧୨।୬(ନିପ୍ର):** ଭୁବନେଶ୍ୱରସ୍ଥିତ ମହିଳା ଦକ୍ଷତା ସମିତି ରାଜ୍ୟ ଶାଖାର ୨୬ତମ ବାର୍ଷିକ ଅଧିବେଶନ ୟୁନିଟ୍-୩ସ୍ଥିତ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାବନ୍ଧିକା ପ୍ରଫେସର ବିଜୟଲକ୍ଷ୍ମୀ ମହାନ୍ତି ମୁଖ୍ୟ ଅତିଥି ଓ ଓଇଏସ୍‌ର ଯୁଗ୍ମ ନିର୍ଦ୍ଦେଶିକା ପ୍ରୀତିପ୍ରତିଭା ଭୋଳ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଇଂଟରନେଟ୍ ବ୍ୟବହାରରେ ନାରୀ ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମିତିର କୋଷାଧକ୍ଷା ବୀଣାପାଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ସାଧାରଣ ସଂପାଦିକା ସୁଚେତା ରାଉତ ସମିତିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସମିତିର ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ସମିତିରସଭାପତି ବିଜୟଲକ୍ଷ୍ମୀ ସେନାପତି ସଭାରେ ସଭାପତିତ୍ୱ କରିଥିବାବେଳେ ମିନତି ବେହେରା ସଭା ପରିଚାଳନା କରିଥିଲେ। ସହଯୋଗ କରିଥିଲେ ଆରତୀ ମହାନ୍ତି ଓ କାନନବାଳା ମହାନ୍ତି। ସମିତିର ଉପସଭାପତି ଜ୍ୟୋତ୍ସ୍ନା ମହାପାତ୍ର ଓ ଗାୟତ୍ରୀ ମହାନ୍ତି ଏଥିରେ ଉପସ୍ଥିତ ଥିଲେ।

# ସମବାୟ ବ୍ୟାଙ୍କରେ ଆର୍ଥିକ ସାକ୍ଷରତା ସପ୍ତାହ କାର୍ଯ୍ୟକ୍ରମ

**ତିହିଡ଼ି,୧୨।୬(ନିପ୍ର):** ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ତିହିଡ଼ି ଶାଖାରେ ଆର୍ଥିକ ସାକ୍ଷରତା ସପ୍ତାହ କାର୍ଯ୍ୟକ୍ରମ (ଏଫଏଲଡବ୍ଲ୍ୟୁ) ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ଼ ମାଧ୍ୟମରେ ଚାଷୀମାନଙ୍କୁ ଦିଆଯାଉଥିବା ବିଭିନ୍ନ ସ୍କିମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ। ସେହିପରି ରିହାତି ଆଦି ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। ସରକାରଙ୍କର ବିଭିନ୍ନ ଯୋଜନାର ସୁବିଧା ହାସଲ କରିବାକୁ ଚାଷୀମାନଙ୍କୁ କୁହାଯାଇଥିଲା। ଏଥିରେ ବ୍ୟାଙ୍କ ଋଣ ବିଭାଗ ଅଧିକାରୀ ସୁରେନ୍ଦ୍ର ସାହୁ, ଗାନ୍ଧିନଗର ସେବା ସମବାୟ ସମିତି ସମ୍ପାଦକ ପିତବାସ ମଳିକ, ଅଣ୍ଡରାଇ ସେବା ସମବାୟ ସମିତି ସମ୍ପାଦକ ଶେଷଦେବ ପରିଡ଼ା, ଭାଟପଡ଼ା ସେବା ସମବାୟ ସମ୍ପାଦକ ଗୋପାଳ ମହାଳିକ, ଚାରିତରଫ ସେବା ସମବାୟ ସମିତି ସମ୍ପାଦକ ଚିତ୍ତରଂଜନ ସ୍ୱାଇଁ, ବାରସର ସମ୍ପାଦକ ଗିତାଞ୍ଜଳି ଦାସ, ପାଳିଆବିନ୍ଧା ସେବା ସମବାୟ ସମିତି ସମ୍ପାଦକ ନିମାଇଁ ଚରଣ ସାମନ୍ତ ପ୍ରମୁଖ ବିଭିନ୍ନ ସମିତିର ସମ୍ପାଦକ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୁଚିସ୍ମିତା ପଣ୍ଡା, ଦିଲିପ କୁମାର ସେଠୀ, ଅମିତାବାଳା ପାଣିଗ୍ରାହୀ, ଜିତେନ୍ଦ୍ର ବେହେରା, ଦିବ୍ୟାଭାରତୀ ଦାସ, କୁମାରେଶ ପରିଡ଼ା ବ୍ୟାଙ୍କ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବିଶ୍ୱ ବାଳଶ୍ରମିକ ବିରୋଧ ଦିବସ ପାଳିତ

**ଜଳେଶ୍ୱର,୧୨।୬(ନିପ୍ର):** ଜଳେଶ୍ୱର ତାଲୁକ ଆଇନ୍‌ସେବା କମିଟି ତରଫରୁ ଆଜି ବୁଧବାର ସହର ର ଶାସନବାର୍ଡ଼ ସ୍ଥିତ ସିଦ୍ଧେଶ୍ୱର ହାଇସ୍କୁଲ ପରିସରରେ ବିଶ୍ୱ ବାଳ ଶ୍ରମିକ ବିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ଆଇନ୍ ସଚେତନତା ଶିବିରରେ କମିଟିର ଅଧ୍ୟକ୍ଷ ତଥା ସବ୍‌ଜଜ୍ ବିନୋଦ ବିହାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିସହିତ ଶିବିରରେ ଓକିଲ ସଂଘ ସଭାପତି କୁଞ୍ଜବିହାରୀ ଦାସ, ସଭ୍ୟ ଚିନ୍ମୟ ଦାସ, ସୁନୀଲ ଜେନା, ପତିତପାବନ ପ୍ରଧାନ ପ୍ରମୁଖ ଯୋଗଦେଇ ବାଳ ଶ୍ରମିକ ନିଷେଧ ଆଇନ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଇନ୍ ର ଉପଯୁକ୍ତ ପ୍ରବର୍ତ୍ତନ, ବାଧ୍ୟତାମୂଳକ ଶିକ୍ଷାର ଠିକ୍ ପ୍ରଚଳନ,ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ବାଳ ଶ୍ରମିକ ପରିବାର ଗୁଡ଼ିକୁ ସାମିଲ କରିବା ତଥା ଗ୍ରାମ୍ୟ ଉନ୍ନୟନ ଯୋଜନା ରେ ବାଳ ଶ୍ରମିକ ମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ବାଳ ଶ୍ରମିକ ନିରାକରଣ ପ୍ରକ୍ରିୟାରେ ଶିକ୍ଷାକୁ ମହତ୍ତ୍ୱ ଦିଆଯିବା ଉପରେ ଉକ୍ତ ଶିବିରରେ ଜୋର ଦିଆଯାଇଥିଲା। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ଧରିତ୍ରୀ ଦାସ ଙ୍କ ସମେତ ବର୍ତ୍ତମାନର ପ୍ରଧାନଶିକ୍ଷକ ହରିଶଙ୍କର ମହାନ୍ତି,ସରୋଜ ପାଣିଗ୍ରାହୀ ଓ ଶତାଧିକ ଶିଶୁ ଏବଂ ମହିଳା ଶିବିରରେ ଯୋଗ ଦେଇଥିଲେ।




# ପ୍ରଶାସନର ବିଚିତ୍ର ନୀତି, ବ୍ୟାଙ୍କ ତଳେ ଚାଲିଛି ମଦ ଦୋକାନ

**ଢେଙ୍କାନାଳ,୧୨।୬(ନି.ପ୍ର):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ତଥା ଏନ୍.ଏ.ସି ଅଂଚଳରେ ଥିବା ଏକ ସମବାୟ ବ୍ୟାଙ୍କ ଶାଖାର ଭଡାଘର ତଳ ମହଲାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଗୋଟିଏ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲାଯିବା ପାଇଁ ଅନୁମତି ପ୍ରଦାନ ଘଟଣାକୁ ଜିଲ୍ଲା ପ୍ରଶାସନର ବିଚିତ୍ର ନୀତି ବୋଲି ସାଧାରଣରେ ଆଲୋଚନା ହେଉଛି। କାମାକ୍ଷାନଗର ଏନ୍.ଏ.ସି ଅନ୍ତର୍ଗତ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାକଡ ଦାଶ ପୋଖରୀ ନିକଟ ପେଟ୍ରୋଲ ପମ୍ପ ଠାରେ ଥିବା ଭଡାଘରର ପ୍ରଥମ ମହଲାରେ କାର୍ଯ୍ୟକ୍ଷମ ହେଉଥିବା ଅନୁଗୁଳ କେନ୍ଦ୍ର ସଂଯୁକ୍ତ ସମବାୟ ବ୍ୟାଙ୍କର ଠିକ୍ ତଳ ଘରେ ଗୋଟିଏ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରା ଯାଇଥିଲା। ମଦ ଦୋକାନରେ ଦୈନିକ ମଦ୍ୟପାନ ଏବଂ ମଦ୍ୟପଙ୍କ ପ୍ରାଦୁର୍ଭାବରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ବ୍ୟାଙ୍କ କାର୍ଯ୍ୟରେ ଯାଉଥିବା ପୁରୁଷ ଓ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। କେବଳ ସେତିକି ନୁହଁ ମଦ୍ୟପଙ୍କ ପ୍ରାଦୁର୍ଭାବରେ ରାସ୍ତାର ବିଭିନ୍ନ ଯାନବାହାନ ଯାତ୍ରୀମାନେ ହଡବଡେଇ ଯାଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବେଳେ ମାତାଲଙ୍କ ଅଶ୍ଳିଳ ଇଙ୍ଗିତରେ ଛାତ୍ରୀ, ଯୁବତୀ ଏବଂ ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଥିବା ତଥା ସମ୍ପୃକ୍ତ ଅଂଚଳଟି ମଦ୍ୟପଙ୍କ ଆଡ୍ଡାସ୍ଥଳ ପାଲଟି ଥିବାରୁ ବ୍ୟାଙ୍କର ଗ୍ରାହକ ମାନେ ହଇରାଣ ହେବା ଦୈନିକ ଚିତ୍ରରେ ପରିଣତ ହୋଇଯାଇଛି। ସମ୍ପୃକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଲୋକମାନେ ଦାବୀ କରିଥିବା ବେଳେ ବ୍ୟାଙ୍କକୁ ଘର ଭଡାଦେବା ପୂର୍ବରୁ ତଳ ମହଲାରେ ଗୋଦାମ ଘର ହେବ ବୋଲି ଘର ମାଲିକ କହି ପରେ ମଦ ଦୋକାନକୁ ଭଡାରେ ଦେବା ଯୋଗୁଁ ଜିଲ୍ଲାପାଳ ଏବଂ ଅବକାରୀ ବିଭାଗକୁ ବାରମ୍ବାର ଚିଠି ଲେଖି କୌଣସି ସୁଫଳ ନ ମିଳିବାରୁ ପୁରୁଣା କୋଠାକୁ ବ୍ୟାଙ୍କ ଫେରାଇ ନେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ନାବାର୍ଡ ଅଧିକାରୀଙ୍କୁ ଏ ସମ୍ପର୍କରେ ରିପୋର୍ଟ ଦିଆ ଯାଇଛି ବୋଲି ବ୍ୟାଙ୍କର ଶାଖା ପରିଚାଳକ ମନୋରଞ୍ଜନ ସିଂ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ପୂର୍ବରୁ ଏହି ବ୍ୟାଙ୍କଟି ଲକ୍ଷ୍ମୀ ବଜାର ଠାରେ କାର୍ଯ୍ୟକ୍ଷମ ଥିବା ବେଳେ ବ୍ୟାଙ୍କ ଗୃହ ବିପଦ ସଙ୍କୁଳ ହେବାରୁ ଗତ ୨୦୧୬ ମସିହା ସେପ୍ଟେମ୍ବର ମାସ ୧୯ ତାରିଖ ଦିନ ଦାଶ ପୋଖରୀ ନିକଟସ୍ଥ ଭଡା ଘରକୁ ସ୍ଥାନାନ୍ତର କରା ଯାଇଥିଲା। ଅନ୍ୟପକ୍ଷେ, ପ୍ରଶାସନ ଜାଣିଶୁଣି ଆଇନକୁ ଦଳିଚକଟି ବ୍ୟାଙ୍କ ତଳ ଗୃହରେ ମଦ ଦୋକାନ ଖୋଲିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ମଦ ଦୋକାନକୁ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶୃତି ଦେଇ ପ୍ରତିଶୃତି ରକ୍ଷାକରି ନ ଥିବା ମଦ ବିରୋଧୀ ଆନ୍ଦୋଳନ ନେତ୍ରୀ ପ୍ରକାଶ କରିଛନ୍ତି।

# ଓଡ଼ିଶୀ ନୃତ୍ୟାଙ୍ଗନା କବିତା ମହାନ୍ତିଙ୍କ ଦ୍ୱାରା ରାଜସ୍ଥାନ ଉଦୟପୁରରେ ଶ୍ରୀ ତ୍ରିନାଥଜୀ ଓ ଶ୍ରୀ ଜଗନ୍ନାଥଙ୍କ ବୈଭବର ଜୀବନ୍ତ ପ୍ରଦର୍ଶନ

**ଜୟପୁର,୧୨।୬(ନିପ୍ର):** ଗତ ୮ ତାରିଖ ସନ୍ଧ୍ୟାରେ ରାଜସ୍ଥାନର ଉଦୟପୁର ସହରର ପରିବେଶ ହୋଇଉଠିଥିଲା ଜଗନ୍ନାଥମୟ। ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଥିବା ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ସୁପ୍ରସିଦ୍ଧ ନୃତ୍ୟଶିଳ୍ପୀ। କାର୍ଯ୍ୟକ୍ରମରେ ସାମିଲ ଥିଲା ଭରତନାଟ୍ୟମ, କୁଚିପୁଡି, କଥକ ସହିତ ଓଡ଼ିଶୀ ନୃତ୍ୟ ଯାହା ଦର୍ଶକଙ୍କୁ କରିଥିଲା ବିଭୋର। ଏଥିରେ ଓଡ଼ିଶାର ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ଶ୍ରୀମତୀ କବିତା ମହାନ୍ତିଙ୍କର ପରିକଳ୍ପନା ଥିଲା ଗୋଟିଏ ମଞ୍ଚରେ ଶ୍ରୀନାଥ ଜୀ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତିର ମହାମିଳନ। ଏହି କ୍ରମରେ ଏହି ଦୁଇ ସଂସ୍କୃତିକୁ ଆଧାରି କରି ପ୍ରସ୍ତୁତ ହୋଇଥିଲା ନୃତ୍ୟନାଟିକା। ଶ୍ରୀମତୀ ମହାନ୍ତିଙ୍କ ଉଦ୍ୟମରେ ଶ୍ରୀ ତ୍ରିନାଥ ଜୀ ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ବୈଭବର ଜୀବନ୍ତ ନିଦର୍ଶନ ଦେଖିବାକୁ ମିଳିଥିଲା। ଶ୍ରୀକୃଷ୍ଣ ବନ୍ଦନା "ଭଜେ ବ୍ରିଜେଶନନ୍ଦନ" ଥିଲା ମଞ୍ଚରେ ଶ୍ରୀମତୀ ମହାନ୍ତିଙ୍କ ନିଜସ୍ୱ ପ୍ରଦର୍ଶନ। ଓଡ଼ିଶୀ ନୃତ୍ୟ ତଥା ଓଡ଼ିଆ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଶ୍ରୀମତୀ ମହାନ୍ତି ସର୍ବଦା ଉଦ୍ୟମରତା। ଓଡ଼ିଶାସ୍ଥିତ ରୁଦ୍ରାକ୍ଷ ସଂସ୍ଥାନର ୭ ଜଣ ଯୁବ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କ ମନକୁ ଜିଣିବାରେ ବେଶ୍ ସକ୍ଷମ ହୋଇପାରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଶ୍ରୀମତୀ କବିତା ମହାନ୍ତିଙ୍କ ଦିଗ୍‌ଦର୍ଶନରେ ଦିଲ୍ଲୀଠାରେ ପ୍ରତିଷ୍ଠିତ 'ନୃତ୍ୟାଭିନୟ' ଅନୁଷ୍ଠାନରେ ବହୁ ଛାତ୍ରଛାତ୍ରୀ ଓଡ଼ିଶୀ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି। ବିଭିନ୍ନ ସମୟରେ ବହୁ ଜାତୀୟ ତଥା ଅନ୍ତର୍ଜାତୀୟ ନୃତ୍ୟ ଉତ୍ସବରେ ଶ୍ରୀମତୀ ମହାନ୍ତି ଓ ତାଙ୍କ ଦଳ ଦ୍ୱାରା ପ୍ରସ୍ତୁତ ନୃତ୍ୟାଭିୟନ ଦର୍ଶକଙ୍କୁ ଆକୃଷ୍ଟ କରିବା ସହ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗୌରବ ଅର୍ଜନ କରିବାରେ ସକ୍ଷମ ହୋଇଛନ୍ତି।





# ଖଣିଜ ଦ୍ରବ୍ୟ ,ବାଲି,ମୋରମ ଚୋରାଚାଲାଣ କରୁଥିବା ଯାନବାହାନ ଉପରେ କାର୍ଯ୍ୟାନୁଷ୍ଠାନ



ବ୍ରହ୍ମପୁର,୧୨।୬ (ନି.ପ୍ର): ଗଂଜାମ ଜିଲ୍ଲା ଛତ୍ରପୁର ରାଜସ୍ୱ ସମୀକ୍ଷା ବୈଠକ ମଙ୍ଗଳବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ଗଂଜାମ ଜିଲ୍ଲାର ଲଘୁ ଖଣିଜ ପଦାର୍ଥ ତଥା ବାଲି,ମୋରମ ଆଦି ଚୋରାଚାଲାଣ କରୁଥିବା ଗାଡିଗୁଡିକ ଉପରେ ଏଣିକି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଲଘୁ ଖଣିଜ ଚୋରାଚାଲାଣ କରୁଥିବା ଗାଡିର ରେଜଷ୍ଟ୍ରେଷନ୍ ରଦ୍ଧ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଫଳରେ ଉକ୍ତ ଗାଡି କୌଣସି ପରିସ୍ଥିତିରେ ଆଉ ରାସ୍ତାକୁ ବାହାରି ପାରିବ ନାହିଁ । ମାଫିଆଁଙ୍କ ଉପରେ ଲଗାମ କଷିବା ପାଇଁ ଏପରି ଦୃଢ ନିଷ୍ପତି ନେବାକୁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ତହସିଲଦାର,ଓ ଆଂଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ଆଇନ ଅନୁମୋଦିତ ଖଣିଗୁଡିକର ଲାଇସେନ୍ସ ପ୍ରଦାନରେ ବିଳମ୍ବ ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କ ସମସ୍ୟା ହାତ ପାଆନ୍ତାରେ ସମାଧାନ କରିବା ପାଇଁ ଜିଲ୍ଲାର ବିଭିନ୍ନ ଅପହଂଚ ଇଲାକାରେ ମହାସମାଧାନ ଶିବିର ଆୟୋଜନ କରାଯିବ । ଜିଲ୍ଲାପାଳ ଏବଂ ବିଭିନ୍ନ କର୍ମଚାରୀ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ତତକ୍ଷଣାତ୍ ସମାଧାନ ପନ୍ଥା ଗ୍ରହଣ କରିବେ । ଜିଲ୍ଲାପାଳ ଜିରୋ ପେଣ୍ଡେନ୍ସି ଅଫ୍ ବାର୍କ ଘୋଷଣା କରିଛନ୍ତି । କୌଣସି କର୍ମଚାରୀ ପାଖରେ କୌଣସି ଚିଠି ଉପରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେବ ନାହିଂ । କାମ ପଡି ରହିଲେ କର୍ମଚାରୀଙ୍କ ବିରୋଦ୍ଧ ରେ ସମୁଚୀତ ଦଣ୍ଡବିଧାନ କରାଯିବ । କାର୍ଯ୍ୟାଳୟରେ ଅଧିଗ୍ରହଣ ଚିଠିଗୁଡିକ ରୀତିମତ ରେଜଷ୍ଟ୍ରାର ରେ ଉଲ୍ଲେଖ ରହିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏଥିରେ ଅବହେଳା କଲେ କର୍ମଚାରୀଙ୍କ ଦରମା ବନ୍ଦ କରାଯିବ । ପ୍ରତ୍ୟେକ କାର୍ଯ୍ୟର ରୂପାୟନ ସମୟ ଭିତରେ କରାଯିବ । ତହସିଲଦାର ମାନେ ଜନସାଧାରଣଙ୍କ ଅଧିକ ସୁବିଧା ଭାଜନ ହେବେ । ସରକାରୀ ଜମି ଜବରଦଖଲ ଉପରେ କଡା ଅଭିମୁଖ୍ୟ ଗ୍ରହଣ କରିବାକୁ ଜିଲ୍ଲାପାଳ କୁଲାଙ୍ଗେ କହିଥିଲେ । ଯେଉଁମାନେ ବ୍ୟବସାୟକ ଉଦ୍ଦେଶ୍ୟରେ ଜମି ଜବରଦଖଲ କରିଛନ୍ତି ,ସେମାନଙ୍କ ଘର ତୁରନ୍ତ ଭଙ୍ଗାଯିବ । ଏହା ଦ୍ୱାରା ସାଧାରଣ ଜନତା ଜମିଜମା ବାବଦରେ ମଧ୍ୟସ୍ଥ ଙ୍କ ଦ୍ୱାରା ହତାଶ ହେବେ ନାହିଂ । ଜିଲ୍ଲାରେ ପାଣି ପାଉଚ ସଂମ୍ପୂର୍ଣ୍ଣ ନିଷେଧ ପାଇଂ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ସରକାରୀ କାର୍ଯ୍ୟରେ ପାଣିପାଉଚ ବ୍ୟବହାର କରାଯିବ ନାହିଁ । ପାଣିପାଉଚ ପ୍ରସ୍ତୁତ କରୁଥିବା ଫ୍ୟାକ୍ଟ୍ରି ସିଲ୍ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ପେଟ୍ରୋଲ ପମ୍ପରେ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ ନିୟମ କଡାକଡି ହେବ । ନୂତନ ଭାବେ ତିଆରି ହେବାକୁ ଥିବା ଅଙ୍ଗନବାଡି କେନ୍ଦ୍ର ପାଇଁ ନିକଟସ୍ଥ ବିଦ୍ୟାଳୟ ପରିସରରେ ସ୍ଥାନ ନିରୂପଣ କରି ୭ଦିନ ମଧ୍ୟରେ ସମ୍ପୃକ୍ତ ବିଭାଗ କୁ ଜଣାଇବା ପାଇଁ ଜିଲ୍ଲାପାଳ ବୈଠକରେ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଦିଗନ୍ତ ରାଉତରାୟ, ଛତ୍ରପୁର ଉପଜିଲ୍ଲାପାଳ ପ୍ରିୟରଂଜନ ପୃଷ୍ଟି, ଭଞ୍ଜନଗର ଉପଜିଲ୍ଲାପାଳ ରାଜେନ୍ଦ୍ର ମି,ଜିଲ୍ଲା ରାଜସ୍ୱ ଅଧିକାର ଦିବ୍ୟ ଲୋଚନ ମହାନ୍ତି, ଆଚଳିକ ପରିବହନ ଅଧିକାରୀ ସୟ କୁମାର ବିଶ୍ୱାଲଙ୍କ ସମେତ ବହୁ ବିଭାଗିୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଫନି ବାତ୍ୟାରେ ଭାଙ୍ଗିଥିବା ଭଙ୍ଗା ଆଜବେଷ୍ଟସ୍‌କୁ ସଂଗ୍ରହ କଲା ବିଜୁ ଯୁବ ବାହିନୀ

ଡେଲାଙ୍ଗ,୧୨।୬ (ନି.ପ୍ର): ସାମୁଦ୍ରିକ ଝଡ ବାତ୍ୟାରେ ବହୁ ଘରଦ୍ୱାର ଧନ ସମ୍ପତି ଭାଙ୍ଗି ଚୁରମାର ହୋଇଛି । ଜିଲ୍ଲାପାଳ ପୁରୀ ବଳବନ୍ତ ସିଂହ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଜିଲ୍ଲା ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପୁରୀ ଜିଲ୍ଲାପାଳ ପୁରୀ ଜିଲ୍ଲାର ସମସ୍ତ ବ୍ଲକ ବିଜୁ ଯୁବ ବାହିନୀ ଫନିବାତ୍ୟାରେ ଭାଙ୍ଗି ଯାଇଥିବା ଆଜବେଷ୍ଟସ୍ ଗୁଡିକ ସଂଗ୍ରହ କରିବା ନିମନ୍ତେ ଆର୍ଦ୍ଦେଶ ଦେଇଥିଲେ । ଏହି ଭଙ୍ଗା ଆଜେଷ୍ଟସ୍‌କୁ ଯାଜପୁର ପଠାଯାଇ ନୂତନ ଆଜେଷ୍ଟସ୍ ତିଆରି କରାଯିବ । ଏହି ପରିପ୍ରେକ୍ଷୀରେ ଡେଲାଙ୍ଗ ବ୍ଲକରେ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ଦ୍ୱାରା ପଞ୍ଚାୟତ ମାନଙ୍କରୁ ଭଙ୍ଗା ଆଜବେଷ୍ଟସ୍ ସଂଗ୍ରହ କରାଯାଇଛି । ସବୁ ଭଙ୍ଗା ଆଜବେଷ୍ଟସ୍‌କୁ ଏକାଠି କରି ଗାଡି ସାହାଯ୍ୟରେ ଯାଜପୁର ପଠାଯିବ ବୋଲି ବିଡିଓ ଡେଲାଙ୍ଗ କ୍ଷିରୋଧର ପ୍ରଧାନ ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ପ୍ରଫୁଲ ଭଲ୍ଲିକଙ୍କୁ ସୂଚନା ଦେଇଛନ୍ତି ।



# ମୁଣ୍ଡ ଉପରେ ମୌସୁମି

ଗୋପାଳପୁର,୧୨।୬ (ନି.ପ୍ର): ଆଉ ମାତ୍ର କେଇଟା ଦିନ ରହିଲା ବର୍ଷା ଋତୁ । ମୁଣ୍ଡ ଉପରେ ବସା ବାନ୍ଧିଛି ମୌସୁମି । ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଗ୍ରୀଷ୍ମ ଋତୁରେ ପୋଖରୀ ,କେନାଲ ଓ ବନ୍ଧବାଡର ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସରିବାକୁ କଡା ନିର୍ଦ୍ଦେଶ ରହିଥିଲେ ମଧ୍ୟ ରଙ୍ଗେଇଲୁଣ୍ଡା ବ୍ଲକ ଅଂଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମେଳିଛି । ଆଉ ମାତ୍ର କେଇଟା ଦିନ ପରେ ଓଡିଶାରେ ମୌସୁମି ପ୍ରବେଶ କରିବା ସହ ବର୍ଷା ଆରମ୍ଭ ର ଯଥେଷ୍ଟ ସମ୍ଭାବନା ରହିଛି । ରାଜ୍ୟ ଜଳ ସଂମ୍ପଦ ବିଭାଗ ଅନ୍ତର୍ଗତ କ୍ଷୁଦ୍ର ଜଳସେଚନ ବିଭାଗ ଗଂଜାମ-୧ ,ବ୍ରହ୍ମପୁର ପକ୍ଷରୁ ରାଳବ ଦେଉଳିଆ ବନ୍ଧର ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯାଇ ପୁନରଉଦ୍ଧାର କାର୍ଯ୍ୟ ଚାଲୁ ରହିଚି । ଏହି କାର୍ଯ୍ୟସ୍ଥଳରେ ଲାଗିଥିବା ସୂଚନା ଫଳକରେ ଥିବା ସୂଚନା ପ୍ରକାରେ ଉକ୍ତ ବନ୍ଧର ୭୮ହଜାର ଘନମିଟର ଅଂଚଳର ମାଟିକୁ ଖନ୍ନନ ସହ ବନ୍ଧର ଉନ୍ନତିକରଣ କାର୍ଯ୍ୟ ସ୍ଥିର କରାଯାଇଥିଲା । ଏନେଇ ବିଭାଗ ପକ୍ଷରୁ ୪୦ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ଠିକାଦାର ବାବୁଲା ସେଠିଙ୍କ ପକ୍ଷରୁ ୩୧ଲକ୍ଷ ୭୫ହଜାର ୨୮୮ଟଙ୍କାରେ ଏହି ଟେଣ୍ଡର ନିଆଯାଇଥିଲା । ଏହି ପୋଖରିର ପୁନରୁଦ୍ଧାର କାର୍ଯ୍ୟ ୨୦୧୮ ମସିହା ଡିସେମ୍ବର ୭ ତାରିଖରେ ଆରମ୍ଭ ହୋଇ ୨୦୧୯ମସିହା ମାର୍ଚ୍ଚ ୧୬ ତାରିଖରେ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଇଛି । ଗତ ଜାନୁଆରୀ ୨୧ ତାରିଖରେ ଗୋପାଳପୁର ବିଧାୟକ ଡା ; ପ୍ରଦୀପ ପାଣିଗ୍ରାହୀଙ୍କ ଦ୍ୱାରା ଏହି ବନ୍ଧର ଉନ୍ନତିକରଣ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଏହା ମଧ୍ୟରେ କାର୍ଯ୍ୟ ଶେଷ କରିବାର ଲିଖିତ ତାରିଖରୁ ୨ ମାସ ଅତିକ୍ରାନ୍ତ ପରେ ଗତ ୧୦ଦିନ ହେବ ଠିକାଦାରଙ୍କ ପକ୍ଷରୁ ଏହି ପୋଖରିର ପୁନରଦାର କାର୍ଯ୍ୟ ଆରମ୍ଭ କରାଯାଇଛି । ଆଜି ଯାଏ କେବଳ ୨୪ଭାଗ କାର୍ଯ୍ୟ ସରିଥିବା ଦେଖିବାକୁ ମେଳିଛି । ଆଉ ମାତ୍ର ସପ୍ତାହକ ମଧ୍ୟରେ ଓଡିଶାକୁ ମୌସୁମି ସ୍ପର୍ଶ କରିବାର ପୁର୍ବାନୁମାନ କରାଗଲାଣି । ଯାହା ଦ୍ୱାରା ବଳକା ରହିଥିବା କାର୍ଯ୍ୟ କିପରି ହେବ ତାହାକୁ ନେଇ ଜନତାଙ୍କ ପ୍ରଶ୍ନ ? କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାକୁ ସଂମ୍ପୂର୍ଣ୍ଣ କରାଯିବା ନା ,ବର୍ଷା ଆରମ୍ଭ ହେଲେ ପୁନରୁଦ୍ଧାର କାର୍ଯ୍ୟ କୁ ଅଧାପନ୍ତରିଆ ରଖି ବିଲ୍ କରି ନିଆଯିବ ତାହାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁନୀଲ କୁମାର ପତୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ମତାମତ ମିଳିପାରିନାହିଁ । କାର୍ଯ୍ୟର ସମୟ ସୀମା ଆଉ ୪ ମାସ ବୃଦ୍ଧି କରିବାକୁ ଠିକାଦାରଙ୍କ ତରଫରୁ ଆବେଦନ କରାଯାଇଥିଲା । ଏହି କ୍ରମରେ ଜୁନ ୨୭ ତାରିଖ ସୁଦ୍ଧା ପୋଖରୀ ପୁନରୁଦ୍ଧାର କାମ ଶେଷ ହେବ । କାର୍ଯ୍ୟ ଯେତିକି ହୋଇଛି ତାହାର ମାପ କରାଯାଇ ଠିକାଦାରଙ୍କୁ ସେହି ଅନୁପାତରେ ପ୍ରାପ୍ୟ ଦିଆଯିବୋଲି ନିର୍ବାହୀ ଯନ୍ତ୍ରୀ ଗୋପାଳକୃଷ୍ଣ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।



# ଫନିବାତ୍ୟା ଗଲା, ସଂକ୍ରାମକ ବ୍ୟାପିଲା ଅସ୍ତବ୍ୟସ୍ତ କରୁଛି ଝାଡାବାନ୍ତି

ପିପିଲି,୧୨।୬(ନି.ପ୍ର): ପୁରୀ ଜିଲ୍ଲାର ସତ୍ୟବାଦୀ,କଣାସ, ଡେଲାଙ୍ଗ, ପିପିଲି ତାର ଆଖପାଖ ଗ୍ରାମ ଓ ବିଭିନ୍ନ ସାହିବସ୍ତିରୁ ଝାଡାବାନ୍ତି ରୋଗୀଙ୍କ ସୁଅ ଛୁଟୁଛି । ଆକ୍ରାନ୍ତ ରୋଗୀଙ୍ଗ ପେଟ ମୋଡିବା ସହ ଲଗାତର ବାନ୍ତି ହେଉଛି । ପ୍ରବଳ ଗ୍ରିଷ୍ମ ପ୍ରଭାବ ଗୁଳିଗୁଳି ସାଙ୍ଗକୁ ସାମୁଦ୍ରିକ ଝଡ ବାତ୍ୟ ଫନିପରେ ଦୂଷିତ ପାଣି ପିଇବା କାରଣରୁ ଝାଡାବାନ୍ତି ବ୍ୟାପୁଥିବା ଡାକ୍ତର କହିଛନ୍ତି । ଝାଡାବାନ୍ତି ବ୍ୟାପୁଥିବା ଅଞ୍ଚଳରେ ମେଡିକାଲ ଟିମ୍ ପହଞ୍ଚୁନଥିବାରୁ ସ୍ଥିତି ଉତ୍କଟ ହୋଇପଡିଛି । ଖୁବ୍ ଶିଘ୍ର ଏହି ଅଞ୍ଚଳ ଗୁଡିକରେ ଡାକ୍ତରୀ ଟିମ୍ ପହଞ୍ଚି ସ୍ଥିତିକୁ ସୁଧାର ଆଣିବାକୁ ଦାବୀ ଜୋର ଧରିଛି ।

# ଫନିକୁ ମାସେ ପୁରିଲା : ବିପନ୍ନଙ୍କୁ ୪ଲିଟର କିରୋସିନ ଘୋଷଣାରେ ରହିଲା

ନିଆଳୀ,୧୨।୬ (ନି.ପ୍ର): ବାତ୍ୟା ଫନୀକୁ ମାସେ ୧୦ଦିନ ପୁରିଛି କଟକ ଜିଲ୍ଲା ନିଆଳୀ ବ୍ଲକରେ ଏବେବି ବାତ୍ୟା ବିପନ୍ନଙ୍କୁ ସରକାରୀ ଘୋଷଣା ମୁତାବକ ୪ଲିଟର କିରୋସିନି ମିଳିନି । ଯାହାକୁ ନେଇ ବିପନ୍ନଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏବେବି ବିଦ୍ୟୁତ ସମସ୍ତ ଗ୍ରାମକୁ ସଂଯୋଗ କରାଯାଇ ପାରିନଥିବାବେଳେ ଲୋକେ ଅନ୍ଧାରରେ ରହୁଛନ୍ତି । ସରକାର ବିପନ୍ନଙ୍କୁ ସହାୟତା ଘୋଷଣାକରି ନଦେବା ବିପନ୍ନଙ୍କ ପ୍ରତି ଉପହାସ ସଦୃଶ୍ୟ ହୋଇଛି । ଲୋକେ କିରୋସିନ ପାଇଁ ଡିଲରଙ୍କ ନିକଟକୁ ବାରମ୍ବାର ଫେରି ଅସନ୍ତୋଷ ପ୍ରକାଶ କରୁଛନ୍ତି । କେବେ ଦେବେ ତାହାମଧ୍ୟ ଏବେ ଅସ୍ପଷ୍ଟ ହୋଇ ରହିଛି । ସେହିପରି ବିପନ୍ନଙ୍କ ପାଇଁ ଆସିଥିବା ଚୁଡା ଓ ଗାଇଙ୍କ ପାଇଁ ଦାନା ତାହା ପ୍ରଦାନ କରାନଯିବା ପଛରେ କି ରହସ୍ୟ ଲୁଚି ରହିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏନେଇ ବୁଦ୍ଧିଜିବୀରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବୀ କରିଛନ୍ତି ।

# ଇସାନେଶ୍ୱର ବସ୍ତିରେ ଉତ୍ତର ବିଧାୟକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୨।୬ (ନି.ପ୍ର): ନୀଳାଦ୍ରି ବିହାର ସ୍ଥିତ ଇସାନେଶ୍ୱର ବସ୍ତି ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ନବନିର୍ବାଚିତ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟ ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ୧୪ନଂ ୱାର୍ଡର ପୂର୍ବତନ ବସ୍ତିବାସୀନ୍ଦାଙ୍କ ପାଇଁ ସବୁବେଳେ କାମ କରିଆସୁଛନ୍ତି । ଆମକୁ ମଧ ନିର୍ଦ୍ଦେଶ ଦେଇଛନ୍ତି ଲୋକଙ୍କ ପାଖକୁ ଯାଅ । ସୁବିଧା ଅସୁବିଧା ପଚାରି ବୁଝ । ତେଣୁ ଆପଣମାନେ ଚିନ୍ତା କରନ୍ତୁ ନାହିଁ । ବସ୍ତିର ନିଶ୍ଚିତ ଉନ୍ନତି ହେବ । ଏହି ସଭାକୁ ଟ୍ରଷ୍ଟର ସଂପାଦିକା ପ୍ରଭାସିନୀ କଅଁର,



କର୍ପୋରେଟର ଦେବୀ ପ୍ରସାଦ ମଲ୍ଲିକ, ସାମ୍ବାଦିକ ସୁକାନ୍ତ ରାଉତ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ବସ୍ତିର ବିଭିନ୍ନ ସମସ୍ୟା ସଂପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବିଧାୟକ କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ଉପସଭାପତି ମନୋରଞ୍ଜନ ମହାନ୍ତି, ନିର୍ମଳି କଅଁର ଓ ଭାରତ ଚନ୍ଦ୍ର ଆଦକ, ଶ୍ରୀଧର ଦେହୁରୀ, ଶ୍ରୀବତ୍ସ ବଲ୍ଲଭ, ଉଦୟନାଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ବସ୍ତିର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବାସିନ୍ଦା ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ନୋ ଏଣ୍ଟ୍ରି ନିର୍ଦ୍ଦେଶକୁ ବେଖାତିର,୧ ଆହତ

ଢେଙ୍କାନାଳ,୧୨।୬ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ପିତିରି ଛକ ଠାରୁ ଜିଲ୍ଲାପାଳ ନିଖିଲ୍ ପଓ୍ୱନ କଲ୍ୟାଣଙ୍କ ନିର୍ଦ୍ଦେଶ କ୍ରମେ ନୋ ଏଣ୍ଟ୍ରି ଲାଗୁ କରାଯିବା ସହିତ ହୋମ୍‌ଗାର୍ଡଙ୍କ ମୂତୟନ କରା ଯାଇଥିବା ବେଳେ ସେମାନଙ୍କୁ ହାତଗୁଞ୍ଜା ଦେଇ ଚଳପ୍ରଚଳ କରୁଥିବା ଭାରିଯାନ ଗୁଡିକ ଦୂର୍ଘଟଣା ଘଟାଉ ଥିବାରୁ ଧନଜୀବନ ହାନୀ ହେବାରେ ଲାଗିଛି । ଆଜି ସେହ ନୋ ଏଣ୍ଟ୍ରି ନିର୍ଦ୍ଦେଶକୁ ବେଖାତିର କରି ଓ.ଆର ୧୯ କେ ୦୭୯୯ ନମ୍ବର ବିଶିଷ୍ଟ ଟ୍ରକଟି ସେହି ରାଜପଥ ଦେଇ ଯାଉଥିବା ବେଳେ ପିତିର ଛକ ଠାରେ ବିପରୀତ ଦିଗରୁ ଆସୁଥିବା ଓ.ଡି ୦୬ ଏମ ୫୩୫୭ ନମ୍ବର ବିଶିଷ୍ଟ ଆଇସ୍କ୍ରିମ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ମୁହାଁମୁହିଁ ଧକ୍କା ଦେବାରୁ ଭ୍ୟାନ ଭିତରେ ଚାଳକ ତଥା ଚୌଦ୍ୱାର ଥାନା ଅଂଚଳର ସୁଶାନ୍ତ ମୁଦୁଲି ଚାପିହୋଇ ରହି ଯାଇଥଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ୍ ପହଁଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଚାଳକ ସୁଶାନ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ । ଦୂର୍ଘଟଣା ଗ୍ରସ୍ତ ଉଭୟ ଗାଡିକୁ ସବ୍-ଇନିସ୍ପେକ୍ଟର ଜନ୍ମେଜୟ ପାତ୍ର ଜବତ କରିବା ସହିତ ଏକ ଦୂର୍ଘଟଣା ମାମଲା ରୁଜ୍ଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ଜିଲ୍ଲାପାଳଙ୍କ ନୋ ଏଣ୍ଟ୍ରି ନିର୍ଦ୍ଦେଶକୁ ବେଖାତିର କରି ଭାରିଯାନ ଚଳାଚଳ କରୁଥିବା ଯୋଗୁଁ ଦୂର୍ଘଟଣା ଘଟି ଧନଜୀବନ ହାନୀ ହେବା ଫଳରେ ଜନ ଅସନ୍ତୋଷ ବୃଦ୍ଧି ପାଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ବିଶେଷ କରି କାର୍ଯ୍ୟରତ ହୋମ୍‌ଗାର୍ଡ ମାନେ ହାତଗୁଞ୍ଜା ନେଇ ଭାରିଯାନ ଗୁଡିକୁ ଛାଡି ଦେଉଥିବାରୁ ଦୂର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରି ହୋମ୍‌ଗାର୍ଡଙ୍କ ବଦଳରେ କନେଷ୍ଟବଳ ଏବଂ ଜଣେ ଏ.ଏସ୍.ଆଇଙ୍କୁ ମୂତୟନ କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବୀ କରିଛନ୍ତି ।

# ସୂର୍ଯ୍ୟମନ୍ଦିରରେ ଟିକେଟ କଳାବଜାରୀର ପର୍ଦ୍ଦାଫାଂସ୍; ଚାପରେ ପୋଲିସ

କୋଣାର୍କ,୧୨।୬ (ନି.ପ୍ର): ପୂର୍ବ ଏସିଆର ଏକ ମାତ୍ର ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରରେ ଦୀର୍ଘଦିନ ଧରୀ ଟିକେଟ କଳାବଜାରି ହେଉଥିବା ସମ୍ପର୍କରେ ବିଭିନ୍ନ ଗଣମାଧମରେ ଖବର ପ୍ରଚାରିତ ହୋଇ ଆସୁଥିଲା । ଚଳିତମାସ ୮ତାରିଖରେ ଏହି ଘଟଣାର ପର୍ଦାଫାସ ହେବା ପରେ ସ୍ଥାନିୟ ଏଏସଆଇ କର୍ତ୍ତୁପକ୍ଷଙ୍କ ପକ୍ଷରୁ ଏଥିରେ ସମ୍ପୃକ୍ତ ଥିବା କାର୍ଯ୍ୟାଳୟର କିଛି କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କ ନାମରେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କାହା ଚାପରେ ପଡି କୋଣାର୍କଥାନା ପୋଲିସ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ ତାହା ସ୍ଥାନିୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଖବରରୁ ପ୍ରକାଶ ଯେ କୋଣାର୍କ ସୂର୍ଯ୍ୟମନ୍ଦିରର ସୁରକ୍ଷା ପାଇଁ ନିୟୋଜିତ ସୁରକ୍ଷା କର୍ମୀ ଚୟନରେ ଅନିୟମିତତା ଓ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ନିମନ୍ତେ ଟିକେଟ ବିକ୍ରିରେ କଳାବଜାରୀ କରାଯାଇ ପର୍ଯ୍ୟଟକ ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଶୋଷଣ କରାଯାଉଥିବା ନେଇ ସର୍ବଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ କର୍ମଚାରୀ ଓ ଶ୍ରମିକ ସଙ୍ଗଠନ ପକ୍ଷରୁ ଗତ ୧୧.୦୭.୨୦୧୮ରିଖରେ ଏହାର ବିଧିବଦ୍ଧ ତଦନ୍ତ ଓ ଏହି ଘଟଣାରେ ଜଡିତ ଥିବା ବିଭାଗର କେତେକ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରିୟ ଭିଜିଲାନ୍ସ କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା । ଅନୁରୁପ



ଭାବରେ କୋଣାର୍କ ଭଳି ବିଶ୍ୱ ଐତିହ୍ୟ ସ୍ଥଳୀକୁ ସୁରକ୍ଷା ଓ ଏପରି କଳାକାରାନାମାର ପର୍ଦାଫାସ ପାଇଁ ଗତ ୩୦.୦୭.୨୦୧୮ରିଖରେ ତତକାଳିନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡଃ ମହେଶ ସର୍ମାଙ୍କ ନିକଟରେ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା । ପରେ ପରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏଏସଆଇର ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସି ସେହି ସମୟରେ ଦାୟୀତ୍ୱରେ ଥିବା ସ୍ଥାନିୟ ଏଏସଆଇ ଅଧିକାରୀଙ୍କୁ ଏଭଳି ଘଟଣାର ଯେପରି ପୁନରାବୃତି ନହୁଏ ସେଥିପ୍ରତି ତିକ୍ଷଣ ନଜର ଦେବାକୁ ତାଗିତ କରିଥିଲେ । ମାତ୍ର ଏଏସଆଇ ଏଡିଜିଙ୍କ ନିର୍ଦ୍ଦେଶକୁ ବେଖାତିରି କରି ସୂର୍ଯ୍ୟମନ୍ଦିରରେ ପୁନର୍ବାର ସେହି ଟିକେଟ କଳାବଜାରିର ର୍‍ୟାକେଟ ସକ୍ରିୟ ହୋଇ ଉଠିଥିଲା । ଏଠାରେ ପ୍ରକାଶ ଥାଉକି ସୂର୍ଯ୍ୟମନ୍ଦିରର ଦାୟୀତ୍ୱରେ ବିଭିନ୍ନ ସମୟରେ ଆସୁଥିବା ଅଧିକାରୀ ମାନଙ୍କୁ ସେଠାରେ ଥିବା କେତେକ ସ୍ଥାନିୟ କର୍ମଚାରୀ ହାତ ବାରସି କରି ଏହି



କଳାକାରାନାମାର ମୁଖ୍ୟ କାର୍ପଟଦାର ସାଜିଥିବା ଏହି ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଗତ ୮ତାରିଖ ଶନିବାର ସୂର୍ଯ୍ୟମନ୍ଦିରରେ ଟିକେଟ କଳାବଜାରିର ପର୍ଦାଫାସ ହୋଇଛି । ଏନେଇ ସ୍ଥାନିୟ ଏ ଏସଆଇ ଅଧିକାରୀ ଦାୟିତ୍ୱରେ ଥିବା ଶୁଶାନ୍ତ କୁମାର ଗୋଚ୍ଛାୟତ ଏହି ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କ ବିରୋଧରେ କୋଣାର୍କ ଥାନାରେ ଅଭିଯୋଗ କରିବାର ୫ଦିନ ହେଲାଣି । ମାତ୍ର କାହାଚାପରେ ପଡି କୋଣାର୍କଥାନା ପୋଲିସ ଏଭଳି ଏକ ପର୍ଯ୍ୟଟକ ମାରଣ ଓ ସମ୍ବେଦନ ଶିଳ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାହା ପୋଲିସ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏ ସମ୍ବନ୍ଧରେ ଏଏସଆଇର ବରିଷ୍ଠ ଅଧିକାରୀ ଚିରଞ୍ଜୀନ ଦାଶଙ୍କୁ ପଚାରିବାରେ ସେ କୁହନ୍ତି ଏହା ଏକ ସମ୍ବେଦନ ଶିଳ ଘଟଣା । ଏଭଳି ହେବା ଦ୍ୱାରା ବିଭାଗର ମାନ ସମ୍ମାନ ପ୍ରତି ଆସୁଛି । ଖୁବ ଶିଘ୍ର ସୂର୍ଯ୍ୟମନ୍ଦିରରେ କାର୍ଯ୍ୟକରୁଥିବା ସ୍ଥାନିୟ ଓ ବହୁଦିନ ଧରି ରହିଥିବା କର୍ମଚାରୀ ମାନଙ୍କ ଅନ୍ୟତ୍ର ବଦଳି ପାଇଁ ପକ୍ରିୟା ଆରମ୍ଭ କରାଯାଇ ଏଭଳି ଘଟଣାର ପୁନରାବୃତି ଯେ ଭଳି ନହୁଏ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।

ଗୁରୁବାର,୧୩ ଜୁନ୍ ୨୦୧୯, ଭୁବନେଶ୍ୱର
Thursday, 13 June 2019, Bhubaneswar



ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସଂପାଦକୀୟ

# ମୋଦି ବନାମ ଟ୍ରମ୍ପ

ଭାରତରେ ଏକ ପ୍ରବାଦ ଅଛି-ଦ୍ୱୟ ବିବାଦେନ ତୃତୀୟସ୍ୟ ଲାଭ। ଅର୍ଥାତ୍ ଦୁଇ ଜଣଙ୍କ ବିରୋଧରେ ବିବାଦରୁ ତୃତୀୟ ଜଣଙ୍କ ଲାଭ ହୋଇଥାଏ। କିନ୍ତୁ ଏବେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଦୁଇ ଜଣଙ୍କ ମଧ୍ୟରେ ବିବାଦରୁ ତୃତୀୟ ଜଣକ କ୍ଷତିଗ୍ରସ୍ତ ବା ପ୍ରଭାବିତ ହେଉଛି। ଏହାର ସଦ୍ୟତମ ଉଦାହରଣ ହେଲା ଆମେରିକା ଓ ଇରାନ୍ ମଧ୍ୟରେ ବିବାଦରୁ ଭାରତର କ୍ଷତି ହେବ। ଇରାନ୍ ସହ ଆମେରିକାର ବିବାଦ ବହୁ ପୁରୁଣା। ସତୁରୀ ଦଶକର ଶେଷ ଭାଗରେ ଇରାନରେ ଶାହାଙ୍କ ଶାସନର ଅନ୍ତ ପରେ ଦେଶର ସର୍ବୋଚ୍ଚ ଧର୍ମ ଗୁରୁ ଆୟୋତୋଲ୍ଲା ଖୋମିନୀଙ୍କ ନିୟନ୍ତ୍ରଣକୁ ଶାସନ କ୍ଷମତା ଆସିବା ପରଠାରୁ ଆମେରିକା ଓ ଇରାନ୍ ମଧ୍ୟରେ ବିବାଦ ଧିରେ ଧିରେ ବଢ଼ିବାରେ ଲାଗିଥିଲା ଯାହା ଏବେ ଚରମ ସୀମାରେ ଉପନୀତ ହୋଇଛି। ଇରାନ୍-ଇରାକ୍ ଯୁଦ୍ଧରେ ବି ଆମେରିକା ଇରାକ୍‌ର ପକ୍ଷ ନେଇଥିଲା। କିନ୍ତୁ ସଦ୍ଦାମ ହୁସେନଙ୍କ କୁଏତ୍ ଦଖଲ ପରେ ଆମେରିକା ଇରାକ୍ ଉପରେ ମଧ୍ୟ ଦାଉ ସାଧିଲା। ଇରାକ୍ ଉପରେ ଆମେରିକାର ଆକ୍ରମଣ ପରବର୍ତ୍ତୀ ଘଟଣାବଳୀକୁ ତର୍ଜମା କଲେ ଦେଖାଯିବ ଯେ, ଯେତେବେଳେ ଆମେରିକାକୁ ଯାହା ସୁହାଇଛି ସେତେବେଳେ ସେ ସେହି ପକ୍ଷ ନେଇଛି। ଇରାନ୍ ସହ ଆମେରିକାର ସମ୍ପର୍କ ତିକ୍ତ ହେବା ପଛରେ ବି କୌଣସି ମହତ୍ ଉଦ୍ଦେଶ୍ୟ ବା ବିଶ୍ୱର କଲ୍ୟାଣ ସାଧନ ଉଦ୍ଦେଶ୍ୟ ନାହିଁ। ଏହା କେବଳ ଆମେରିକାର ଅହଂ ଭାବକୁ ପ୍ରମାଣିତ କରୁଛି। ଇରାନକୁ ତଳିତଳାନ୍ତ କରିବା ହେଉଛି ଆମେରିକାର ଏକମାତ୍ର ଲକ୍ଷ୍ୟ। ଇରାନ୍ ସରକାରଙ୍କ ସହ ଆମେରିକାର ବିବାଦ ଥାଇପାରେ ବା ରାଜନୈତିକ ମତପାର୍ଥକ୍ୟ ଥାଇପାରେ। କିନ୍ତୁ ଇରାନର ସାଧାରଣ ଜନତା କ'ଣ ଦୋଷ କରିଛନ୍ତି ? ସେମାନଙ୍କୁ ଏହି ବିବାଦରେ ବଳି ପକାଯାଉଛି ଯାହା ଆଦୌ ସ୍ପୃହଣୀୟ ନୁହେଁ। ଇରାନର ପରମାଣୁ ପରୀକ୍ଷଣ ନେଇ ଆମେରିକର ଓ ଇରାନ୍ ମଧ୍ୟରେ ବିବାଦ ଆରମ୍ଭ ହୋଇଛି। ପରାମାଣୁ ଅସ୍ତ୍ର ନିର୍ମାଣକୁ ବିରୋଧ କରାଯିବା ଉଚିତ ଏଥିରେ କେହି ଦ୍ୱିମତ ହେବାର ନାହିଁ। କିନ୍ତୁ ପରମାଣୁ ଅସ୍ତ୍ର ପ୍ରସ୍ତୁତିର ଠିକା କ'ଣ କେବଳ ଆମେରିକା, ରୁଷ, ଚୀନ, ଇଂଲଣ୍ଡ, ଫ୍ରାନ୍ସ ଭଳି ବିକାଶିତ ଓ ଶକ୍ତିଶାଳି ରାଷ୍ଟ୍ର ନେଇଛନ୍ତି ? ଯଦି ପରମାଣୁ ନିରସ୍ତ୍ରିକରଣ କଥା ଉଠୁଛି ତେବେ ଏହି ନିୟମରେ ବିଶ୍ୱର ସବୁ ରାଷ୍ଟ୍ର ସାମିଲ୍ ହୁଅନ୍ତୁ। ଇରାନ୍ ଭଳି ଏକ ବିକାଶମୁଖୀ ରାଷ୍ଟ୍ର ପ୍ରତି କାହିଁକି ଏତେ ରାଗ ? ଇରାନ୍ ଉପରେ ଆମେରିକାର ଟାର୍ଗେଟ ଏବେ ନୁହେଁ। କିନ୍ତୁ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଆମେରିକାର ଇରାନ୍ ବିରୋଧୀ ଆଭିମୁଖ୍ୟ ଆହୁରି ସଶକ୍ତ ହୋଇଛି ଏବଂ ଯେନତେନ ପ୍ରକାରେଣ ଇରାନକୁ ତଳିତଳାନ୍ତ କରିବା ହେଉଛି ଆମେରିକାର ଲକ୍ଷ୍ୟ। ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଆମେରିକା ପକ୍ଷରୁ ଇରାନ୍ ଉପରେ କଟକଣା ଲଗାଯାଇଛି। ଏପରିକି ଇରାନ ନାଗରିକଙ୍କୁ ଭିସା ପ୍ରଦାନ ଉପରେ ମଧ୍ୟ ଟ୍ରମ୍ପ ପ୍ରଶାସନ କଟକଣା ଲଗାଇଛନ୍ତି। ଫଳରେ ଆମେରିକାରେ ବସବାସ କରୁଥିବା ଇରାନୀୟ ନାଗରିକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଅନେକ ଆମେରିକା ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ଆମେରିକାର ଲକ୍ଷ୍ୟ ହେଲା ଆର୍ଥିକ ଦୃଷ୍ଟିରୁ ଇରାନକୁ ଦୁର୍ବଳ କରିଦେବା। ଇରାନ୍ ଅର୍ଥନୀତିର ମୂଳ ହେଲା ଏହାର ତୈଳ ଭଣ୍ଡାର। ପେଟ୍ରୋଲିୟମ୍ ଉତ୍ପାଦନରେ ଇରାନ୍ ବିଶ୍ୱର ଏକ ଅଗ୍ରଣୀ ରାଷ୍ଟ୍ର। ବିଦେଶକୁ ପେଟ୍ରୋଲିୟମ୍ ରପ୍ତାନୀ କରି ଇରାନ୍ ପ୍ରଚୁର ବୈଦେଶିକ ମୁଦ୍ରା ଆମଦାନୀ କରିଥାଏ। ଦେଶର ମୋଟ୍ ଆଭ୍ୟନ୍ତରୀଣ ଉତ୍ପାଦନର ୮୦ ପ୍ରତିଶତ ତୈଳ ଉତ୍ପାଦନ ଉପରେ ନିର୍ଭରଶୀଳ। ୬୦ ପ୍ରତିଶତ ନିଯୁକ୍ତି ସୁଯୋଗ ମଧ୍ୟ ଏ କ୍ଷେତ୍ରରେ ରହିଛି। ଏହାକୁ ଲକ୍ଷ୍ୟ ରଖି ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏବେ ଇରାନରୁ ତୈଳ ଆମଦାନୀ ଉପରେ କଟକଣାକୁ କଡ଼ାକଡ଼ି କରାଯାଇଛି। ଗତ ବର୍ଷ ନଭେମ୍ବରରେ ଆମେରିକା ପକ୍ଷରୁ ଇରାନରୁ ତୈଳ ଆମଦାନୀ କରୁଥିବା ପ୍ରମୁଖ ୮ଟି ରାଷ୍ଟ୍ର ଉପରେ କଟକଣାକୁ ୬ମାସ ପାଇଁ କୋହଳ କରାଯାଇଥିଲା। ଏହି ୬ଟି ରାଷ୍ଟ୍ର ମଧ୍ୟରେ ଭାରତ, ଚୀନ, ଦକ୍ଷିଣ କୋରିଆ, ଜାପାନ୍ ଭଳି ବିଶ୍ୱର ପ୍ରମୁଖ ରାଷ୍ଟ୍ର ଅଛନ୍ତି। ଏହି ୬ମାସିଆ ଅବଧି ଆସନ୍ତା ମେ' ୨ତାରିଖରେ ଶେଷ ହୋଇଛି। ଏହି ସମୟ ମଧ୍ୟରେ ପେଟ୍ରୋଲିୟମର ବିକଳ୍ପ ବ୍ୟବସ୍ଥା କରିବାକୁ ଆମେରିକା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହି ଅବଧି ପରେ ଯଦି ଭାରତ ଇରାନରୁ ତୈଳ ଆମଦାନୀ କରେ ତେବେ ଭାରତକୁ ମିଳୁଥିବା ବିଭିନ୍ନ ରିହାତି ଆଉ ମିଳିବ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ତେଣୁ ଚଳିତ ମାସରୁ ଭାରତ ଇରାନରୁ ପେଟ୍ରୋଲିୟମ୍ ଆମଦାନୀ ବନ୍ଦ କରିଛି। ଏହା ଭାରତ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ଯଦିଓ ଭାରତ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ବିଚାର ବିମର୍ଷ କରୁଛି ଏବଂ କୁଏତ୍, ୟୁଏଇ, ସାଉଦୀ ଆରବ ଭଳି କେତେକ ରାଷ୍ଟ୍ରରୁ ତେଲ ଆମଦାନୀ କରିବାକୁ କଥାବାର୍ତ୍ତା ଆରମ୍ଭ କରିଛି, କିନ୍ତୁ ତାହା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ବୋଝ ହୋଇପାରେ। କାରଣ ଅନେକ। ପ୍ରଥମତଃ ଭାରତ ଇରାନରୁ ସର୍ବାଧିକ ପରିମାଣର ତୈଳ ଆମଦାନୀ କରେ ଏବଂ ଏହା ତୁଳନାତ୍ମକ ଭାବେ ଯଥେଷ୍ଟ ଶସ୍ତାରେ ମିଳେ। ଚୀନ ପରେ ଭାରତ ଇରାନରୁ ସର୍ବାଧିକ ତୈଳ ଆମଦାନୀ କରିଥାଏ। ଇରାନ୍ ତୁଳନାରେ ଅନ୍ୟ ରାଷ୍ଟ୍ରରୁ ଭାରତ ତୈଳ ଆମଦାନୀ କଲେ ୩୦ ପ୍ରତିଶତ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଆମେରିକା ଓ ଇରାନ୍ ମଧ୍ୟରେ ବିବାଦ ହେତୁ ଏବେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହୋଇଛି ଆକାଶଛୁଆଁ। ବେଡ଼ି ଉପରେ କୋରଡ଼ା ମାଡ଼ ଭଳି ଏବେ ଆମେରିକା ପକ୍ଷରୁ ଭାରତକୁ ଇରାନରୁ ତୈଳ ଆମଦାନୀ ନକରିବାକୁ ଧମକ ଦିଆଯାଉଛି ଏବଂ ଟ୍ରମ୍ପ ପ୍ରଶାସନ ଏକରକମ ଭାରତକୁ ବ୍ଲାକ୍ ମେଲ୍ କରୁଛି। ଏହାକୁ ଅମାନ୍ୟ କଲେ ଅଧିକ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ। ଭାରତକୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ିବ। ତେଣୁ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବା ସୁନିଶ୍ଚିତ। ଏହା ଦେଶର ଅର୍ଥନୀତି ଉପରେ କୁ ପ୍ରଭାବ ପକାଇବା ସୁନିଶ୍ଚିତ। ମୁଦ୍ରାସ୍ଫୀତି ବଢ଼ିବ, ଜିଡିପି କମିବ। ଏହି ସମସ୍ୟାର ମୁକାବିଲା କରିବା ପାଇଁ ଭାରତକୁ ବିକଳ୍ପ ଚିନ୍ତା କରିବାକୁ ପଡ଼ିବ। ସେହିପରି ନିକଟରେ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ଲାଗୁ କରିଛି କିଛି ବାଣିଜ୍ୟକ କଟକଣା। ଏହା ଫଳରେ ଭାରତ ଓ ଆମେରିକା ମଧ୍ୟରେ ଆମଦାନୀ-ରପ୍ତାନୀ ହ୍ରାସ ପାଇବ। ଏଥିରେ ଉଭୟ ରାଷ୍ଟ୍ର କ୍ଷତିଗ୍ରସ୍ତ ହୋଇପାରନ୍ତି। ଭାରତର ଟିକସ ବ୍ୟବସ୍ଥା ନେଇ ଟ୍ରମ୍ପ ଦୀର୍ଘ ଦିନ ହେବ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି। କାରଣ ଏହା ଆମେରିକା ପାଇଁ ପ୍ରତିକୂଳ ହେଉଛି। ତେଣୁ ଟ୍ରମ୍ପ ପ୍ରଶାସନ ଭାରତ ଉପରେ କଟକଣା ଜାରି କରିଛନ୍ତି। ଏହା ମୋଦି ସରକାରଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଏବେ ଦେଖିବାର କଥା ମୋଦି ବନାମ୍ ଟ୍ରମ୍ପ ବାଣିଜ୍ୟକ ଲଢ଼େଇରେ କିଏ ବାଜି ମାରୁଛି।

# ଧ୍ରୁପଦୀ ଧ୍ରୁବନକ୍ଷତ୍ର : ଫକୀରମୋହନ

**ମାୟାଧର ନାୟକ**

ଫକୀରମୋହନଙ୍କ ସାହିତ୍ୟ ହେଉଛି ଗୋଟିଏ ଜାତିରେ ଫୁଙ୍ଗୁଳା ଫର୍ଦ । ତାଙ୍କ ସମୟର ଓଡିଶାକୁ ଏକ ସନ୍ଧିକ୍ଷଣର ଓଡିଶା କହିଲେ ଅତ୍ୟୁକ୍ତି ହେବନାହିଁ । ଯେଉଁ ସମୟରେ ତାଙ୍କ ଜନ୍ମ (୧୮୪୩) ସେଇ ସମୟରେ ଓଡିଆ ଜାତି ଏହାର ଚାରି ଦଶନ୍ଧି ପୂର୍ବରୁ ବ୍ରିଟିଶ୍ ଶାସନର ବଳୟଭୁକ୍ତ ହୋଇସାରିଥିଲା ତାଙ୍କ ଜନ୍ମର ୨୬ବର୍ଷ ଆଗରୁ । ୧୮୧୭ ମସିହାର ପାଇକବିଦ୍ରୋହ ଇଂରେଜମାନଙ୍କ ବିରୋଧରେ ଭାରତର ପ୍ରଥମ ମୁକ୍ତିସଂଗ୍ରାମ, ଯାହାକୁ ଐତିହସିକମାନେ ପ୍ରାନ୍ତିୟବିଦ୍ରୋହ ବୋଲି ଆଖ୍ୟା ଦେଇଯାଇଛନ୍ତି । ଅତୀତରେ ସ୍ୱର୍ଦ୍ଧିତ ବୀରପ୍ରସବିନୀ, ବାଣିଜ୍ୟସଂମୃଦ୍ଧ ଏକ ବିଶାଳ ଭୁଖଣ୍ଡ, ଫକୀରମୋହନ ଜନ୍ମବେଳରୁ ଏକ ବିପର୍ଯ୍ୟସ୍ତ, ଅବକ୍ଷୟଗ୍ରସ୍ତ ଖଣ୍ଡିତ କଙ୍କାଳ ! ଅର୍ଦ୍ଧମୃତ, ହତଗୌରବ ଜାତିର ଗାଥାକାର ଭାବରେ ଫକୀରମୋହନ ନିଜ ସର୍ଜନା ମାଧ୍ୟମରେ ଅଙ୍କନ କରିଛନ୍ତି ଏହି ଅନଳକୁଂତ ଭୂଚିତ୍ରର ଭାବମୂର୍ତ୍ତି । ସ୍ୱୟଂ ସେ ଥିଲେ ବୀରହନୁମଲ୍ଲଙ୍କର ବଂଶଧର । ସେଦିନ ହନୁମଲ୍ଲଙ୍କ ହାତରେ ଥିଲା ଶତ୍ରୁଜୟୀ ଶାଣିତ ଶସ୍ତ୍ର, ମାତ୍ର ପରବର୍ତ୍ତୀ ଦାୟାଦ ଫକୀରମୋହନଙ୍କ ହାତରେ ଏକ କାଳଜୟୀ ତୀକ୍ଷ୍ଣ କଲମ ।

ଉନ୍ନବିଂଶ ଶତାବ୍ଦୀର ମଧ୍ୟଭାଗର ମାନଚିତ୍ରରେ ଓଡିଆ ଭାଷା, ସାହିତ୍ୟର ଲେଖାଚିତ୍ର ନିତାନ୍ତ ମ୍ଳାନ, ନିଷ୍ପ୍ରଭ । ସାରଳା ଦାସ, ଜଗନ୍ନାଥ ଦାସଙ୍କ ଠାରୁ ଆବର୍ତ୍ତିତ ଓ ବିବର୍ତ୍ତିତ ହୋଇ ଏକ ମହାସମୁଦ୍ରୋପମ ସାହିତ୍ୟର ସ୍ରୋତଧାରା ଫକୀରମୋହନଙ୍କ ପର୍ଯ୍ୟନ୍ତ ପହଂଚିବାବେଳକୁ ଏକ କ୍ରମଶୀର୍ଣ୍ଣ ନଦୀର କରୁଣ ପରିଣାମ ଭୋଗୁଛି । ଇଂରେଜ ଶାସନାଧୀନ ଓଡିଶାର କ୍ଷୟିଷ୍ଣୁ ସାମନ୍ତବାଦର ଅସ୍ତଲଗ୍ନରେ ଦରିଦ୍ର ଓଡିଆ ଭିଟାମାଟି ଛାଡି ବୃତି ଅନ୍ୱେଷଣ କରୁଛି ରେଙ୍ଗୁନ୍, କଲିକତା ଇତ୍ୟାଦି ସୁଦୁରବର୍ତ୍ତୀ ଭୁମିରେ । ଜମିଦାରି ସବୁ ନିଲାମ ହେବାରେ ଲାଗିଛି, ଏବଂ ଓଡିଆ ଜମିଦାର ବଦଳରେ ବଙ୍ଗାଳୀ ଜମିଦାରମାନଙ୍କୁ ଦେଖାଯାଉଛି – ଏଥିସହ ଏକ ଇଂରାଜି ପ୍ରଶିକ୍ଷିତ ନବ୍ୟ – ମଧ୍ୟବିତବର୍ଗ ମଧ । ଏହା ଏକ ସଂଦିଗ୍ଧ ସମୟଖଣ୍ଡ – ଏକ ସକରୁଣ ସନ୍ଧିକ୍ଷଣ – ଯେତେବେଳେ ଭେକ ହରାଇଥିବା ଓଡିଆ ଭାଷା ଭିକ୍ଷାଥଳି ଧରି ବାରଦୁଆର ବୁଲି ମାଗୁଛି ମୁଠାଏ ଜୀବନ ମାତ୍ର ।

ଲକ୍ଷ କରିବାର କଥା, ଏହି ସମୟ ମଧରେ ଓଡିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଧ୍ୱନୀ ଉଠି ଏ ଭାଷାକୁ ବଙ୍ଗଳାଭାଷା ସହିତ ସାମିଲ କରିଦିଆଯିବାର ମସୁଧା ଚାଲିଥିଲା । ଏଇ ଭାଷାବିଲୋପ ଆନ୍ଦୋଳନକୁ ସେତେବେଳେ ଯେଉଁ ସମର୍ଥସାହାସୀ ଓଡିଆଏ ସାମ୍ନା କରିଥିଲେ ଏବଂ ଓଡିଆଭାଷାର ଜୀବନୀଶକ୍ତିକୁ ଆବାହାନ କରିବା ନିମନ୍ତେ ସାରା ଓଡିଶାରେ ଯେଉଁ ସାଂସ୍କୃତିକ ଯୁବନେତୃତ୍ୱ ଏକ ନବଜାଗରଣ ପର୍ବର ଅୟମାରମ୍ଭ କରିଥିଲା- ଫକୀରମୋହନ ସେନାପତି ଥିଲେ ସେଇମାନଙ୍କ ମଧରୁ ଜଣେ ଅଗ୍ରଗଣ୍ୟ ଉତ୍କଳ ପୁରୁଷ ।

୧୮୬୬ ମସିହାରେ ଓଡିଶାରେ ନଅଙ୍କଦୁର୍ଭିକ୍ଷ ପଡିଥିଲାବେଳେ ଫକୀରମୋହନ ମାତ୍ର ୨୩-୨୪ବର୍ଷର ଯୁବକ । କ୍ଷୁଧାଜର୍ଜର ଓଡିଶାର ଆର୍ତନାଦକୁ ଶୁଣିଥିଲେ ସେ ଏବଂ ପ୍ରତ୍ୟକ୍ଷ କରିଥିଲେ ଉଲଗଂ ବାସ୍ତବତା । ସେଥିପାଇଁ ପରବର୍ତ୍ତୀ କାଳରେ ତାଙ୍କ ସାହିତ୍ୟରେ କଳ୍ପନାର କେଳିକୌତୁକ ନାହିଁ, ବରଂ ଜୀବନର ଅପରାହ୍ନରେ ତଥା ୫୦ବର୍ଷ ବୟସୋତର ପର୍ଯ୍ୟାୟରେ ସେ ଲେଖିଯାଇଥିବା ତାଙ୍କ ୪ଟି ଯାକ ଉପନ୍ୟାସରେ ଅଛି ଗ୍ରାମୀଣ ଉତ୍କଳର ଗୈରିକ ଉତ୍କଟତା – ନାମାନ୍ତରେ ଯାହା ନିର୍ଦ୍ଦୟ ବାସ୍ତବତାର ନିଖୁଣ ଚିତ୍ର । ୧୮୯୭ରୁ ୧୯୧୫ ମସିହା ମଧରେ ପ୍ରକାଶିତ ତାଙ୍କର ଏହି ୪ ଉପନ୍ୟାସ – ଲଛମା, ଛ'ମାଣ ଆଠ ଗୁଣ୍ଠ, ମାମୁ, ପ୍ରାୟଶ୍ଚିତ – ହେଉଛି ଦୀର୍ଘ ଦୁଇ ଶତାବ୍ଦୀବ୍ୟାପି ଓଡିଆ ଜୀବନଚିତ୍ରର ଏକ ଛିନ୍ନଚୌହଦି । ଇତିହାସରୁ ସମକାଳ ପର୍ଯ୍ୟନ୍ତ ସଂପ୍ରସାରିତ ଏକ ମହାସର୍ଜନାସ୍ରୋତ ଏ ସବୁ ଉପନ୍ୟାସ ।

'ଲଛମା'ର ଓଡିଶା ହେଉଛି ଅଷ୍ଟାଦଶ ଶତାବ୍ଦୀର ଉତ୍ପୀଡିତ ଆତ୍ମାର ଏକ ଆଭାସଚିତ୍ର । ଛ'ମାଣ ଆଠ ଗୁଣ୍ଠ ଉନବିଂଶ ଶତାବ୍ଦୀର ଅନ୍ତିମ ଭାଗର ଘଟଣାକ୍ରମକୁ ଆଧାରିତକରି ଏକ କରୁଣ କଥାବସ୍ତୁ । ପ୍ରଥମକରି ଏ ଉପନ୍ୟାସରେ ଗୋଟିଏ ଜମିକୁ ଚିତ୍ରକଳ୍ପକରି ଛିଡା କରାଇଛନ୍ତି ଫକୀରମୋହନ । ସେଦିନ କୁରୁସଭାରେ ଘୋଷିତ ଦୁର୍ଯ୍ୟୋଧନର ଦୁର୍ଦ୍ଦାନ୍ତ ଇସ୍ତାହାର 'ବିନାଯୁଦ୍ଧେ ନଦେବି ମୁଁ ସ୍ୱଚଗ୍ର ମେଦିନୀ' ଠାରୁ ସରଳନୀରିହ ଶାରିଆ ଭଗିଆଙ୍କର ଛ'ମାଣ ଆଠଗୁଣ୍ଠ ଜମିର ଗୁରୁତ୍ୱ କୌଣସି ଦୃଷ୍ଟିରୁ ନ୍ୟୁନ ନୁହେଁ । 'ମାମୁ' ହେଉଛି ଉନ୍ନବିଂଶ ଶତାବ୍ଦୀ ମଧରେ ବ୍ୟବସ୍ଥିତ ଏକ ବିଷମ ସମୟଖଣ୍ଡର ବୃତଚିତ୍ର । ସହର ଅଛି, ଗାଁ ଅଛି, ଇଂରେଜ ଶାସନର କ୍ରମ ସହିତ ଆଧୁନିକ କାଳର ଆଭାସ ମଧ ଅଭିବ୍ୟଞ୍ଜିତ ଏ ଉପନ୍ୟାସରେ । ଘର ଛାଡି ଚରିତ୍ର ଦପ୍ତରମୁହାଁ । ଚାକିରି ପାଇଁ ଇଂରାଜି ଭାଷା ପ୍ରତି ଅନୁରାଗ, ଓଡିଆ ଯୌଥ ପରିବାରର କ୍ରମସଂକୋଚନମୁଖୀ ଭବିଷ୍ୟତ ପାଇଁ କିପରି ବାଟ ଫିଟାଇଛି, ଫକୀରମୋହନଙ୍କ 'ମାମୁ'ରେ ଏହା ବ୍ୟଞ୍ଜନାତ୍ମକ ଭାବରେ ବ୍ୟକ୍ତ । ଯୌଥ ପରିବାରର ବିପର୍ଯ୍ୟୟ ପରେ ଏକ ନବ୍ୟଶିକ୍ଷିତ ମଧବିତବର୍ଗର ଅଭ୍ୟୁଦୟ ଏବଂ ନୂତନ ରୁଚି, ସଂସ୍କାର, ନବଜାଗରଣର ପୃଷ୍ଠଭୂମିରେ 'ପ୍ରାୟଶ୍ଚିତ' ଉପନ୍ୟାସ ପରିକଳ୍ପିତ ।

ଫକୀରମୋହନଙ୍କ ଉପନ୍ୟାସ ଗୁଡିକରେ ଯଦି ଓଡିଶାର ନିଦ୍ରା ଓ ସ୍ୱପ୍ନଭଙ୍ଗର ସ୍ୱର ଶୁଣାଯାଇଥାଏ, ତା'ହେଲେ ଆଧୁନିକ ସମାଜର ଘନଘଟାମୟ ଘଟଣାଗୁଚ୍ଛ ମଧ୍ୟରୁ ବାସ୍ତବତାକୁ ବାଛିନେଇ ତା'ରି ଭିତିରେ ସେ ନିଜ କାହାଣୀର କାୟାକଳ୍ପ ନିର୍ମାଣ କରିଥିଲେ ହେଁ ତାଙ୍କର ଅଦ୍ୱିତୀୟ ଅବଦାନ ହେଉଛି ଓଡିଶାକୁ ସେ ଉପହାର ଦେଇପାରିଛନ୍ତି ଅଜସ୍ର ଅବିସ୍ମରଣୀୟ ଚରିତ୍ର । ତାଙ୍କ ପରି ଅନ୍ୟକୌଣସି ଆଧୁନିକ ଓଡିଆ ଲେଖକ ଏତେ ସ୍ମରଣୀୟ ଚରିତ୍ର ସୃଷ୍ଟି କରିପାରିନାହାଁନ୍ତି, ଆଜିଯାଏଁ ବି । ରାମଚନ୍ଦ୍ର ମଙ୍ଗରାଜ, ନାଜର ନଟବର ପରି ଜଟିଳ ଚରିତ୍ର ଯେପରି ଅଛନ୍ତି ସା'ଆନ୍ତାଣି, ଶାରିଆ ଭଗିଆ ପରି ସରଳ ଚରିତ୍ର ବି ସେମିତି ଓଡିଆ ପୁରପଲ୍ଲୀରେ ପ୍ରବାଦ ପାଲଟିଯାଇଛନ୍ତି । ତା'ଛଡା ଉପନ୍ୟାସର ଗୋବିନ୍ଦଭଣ୍ଡାରି, ଚମ୍ପା, ଚିତ୍ରକଳା ଠାରୁ ଆରମ୍ଭକରି ଗଳ୍ପର ସଭ୍ୟ ଜମିଦାର, ଡାକମୁନିଷୀ, ରାଣ୍ଡିପୁଅ ଅନତା ସହିତ ଆଖିଆଗରେ ଶେଷଯାତ୍ରୀର ତାରାପରି ଝଲସି ଉଠେ 'ରେବତୀ' !

ଫକୀରମୋହନ ଆଧୁନିକ ଓଡିଆ ସାହିତ୍ୟରେ ସର୍ବାଧିକ ସ୍ମରଣୀୟ ଚରିତ୍ରର ଅନତିକ୍ରାନ୍ତ ସ୍ରଷ୍ଟା । ତାଙ୍କଠି ଥିଲା ଆଧୁନିକ ଉପନ୍ୟାସକୁ ସମକାଳୀନ ପୁରାଣରେ ପରିଣତ ପାରିବାର ଅପାର ସାମର୍ଥ୍ୟ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଏହି କାଳଜୟୀ ରଚନାକାର ପରବର୍ତ୍ତୀ ଜୀବନରେ ବିପୁଳ ସାହିତ୍ୟ ସୃଷ୍ଟି କରିବାପୂର୍ବରୁ ସାହିତ୍ୟର ସୁରକ୍ଷା ନିମନ୍ତେ କିପରି ଅତନ୍ଦ୍ର ପ୍ରହର କାଟୁଥିଲେ, ସଭା କରି, ସଂଗଠନ କରି । ସେ ନିଜେ ମଧ ଏକ ମୁଦ୍ରଣ ଯନ୍ତ୍ର ଆଣି ବାଲେଶ୍ୱରରୁ ଆରମ୍ଭ କରିଥିଲେ ବହିଛପା ଅଭିଯାନ । ଏଭଳି ଅଙ୍ଗିକାର ସେତେବେଳେ ବି ଦୁର୍ଲଭ ଥିଲା, ଆଜିବି ସୁଲଭ କେଉଁଠି ? ଫକୀରମୋହନଙ୍କ 'ଆତ୍ମଜୀବନ ଚରିତ୍ର' ତାଙ୍କ କଲମର କାଳୋତୀର୍ଣ୍ଣ କୃତି । ଏହା ଯେକୌଣସି ଗଳ୍ପ ଉପନ୍ୟାସ ଠାରୁ ସୁଧା ଅଧିକତର ଉତୀର୍ଣ୍ଣ ସୃଷ୍ଟି । ବ୍ୟକ୍ତିର ଅଭିବ୍ୟକ୍ତିରେ ସମାଜ ଓ ସମୟ କିପରି ଅନ୍ତରଙ୍ଗ ଭାବରେ ଏକାକାର, ତାଙ୍କ ଆତ୍ମଚରିତ୍ର ଏହାର ସତ୍ୟବଦ୍ଧ ସାକ୍ଷୀ । ସବୁ ଚରିତ୍ରର ଊର୍ଦ୍ଧ୍ୱରେ ସେ ଆମ ଆଧୁନିକ ଗଦ୍ୟର ଧ୍ରୁପଦୀ ଧ୍ରୁବନକ୍ଷତ୍ର – ଏହା ନିସନ୍ଦେହ ।

# ଅଯୋଧ୍ୟାରେ ଶ୍ରୀରାମ ଜନ୍ମଭୂମି ବିବାଦର ସମାଧାନ ଜରୁରୀ

**ଡ. ସମନ୍ୱୟ ନନ୍ଦ**

ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦ୍ୱିତୀୟ ଥର ପାଇଁ ସରକାର ଗଠନ ହେବା ପରେ କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଅଯୋଧ୍ୟାରେ ଶ୍ରୀରାମମନ୍ଦିର ନିର୍ମାଣ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇଛନ୍ତି । ସେ ତାଙ୍କର ଏହି ବକ୍ତବ୍ୟରେ ଅଯୋଧ୍ୟା ପ୍ରସଙ୍ଗର ସମାଧାନ ପାଇଁ ମୁସଲମାନ ମାନେ ଆଗେଇ ଆସନ୍ତୁ ବୋଲି ଅପିଲ କରିଛନ୍ତି।

ସେ କହିଛନ୍ତି ଯେ ଅଯୋଧ୍ୟାର ଜନ୍ମଭୂମିରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ କୌଣସି ରାଜନୈତିକ ପ୍ରସଙ୍ଗ ନୁହେଁ ବରଂ ଏହା ଲୋକ ମାନଙ୍କର ଭାବନା ସହ ଜଡିତ । ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣୀ ପ୍ରକ୍ରିୟାକୁ ତ୍ୱରିତ କରିବା ପାଇଁ ମଧ୍ୟ ପୁଣି ଥରେ ଆହ୍ୱାନ ଜଣାଇଛନ୍ତି । ସେ କହିଛନ୍ତି ଯେ ମୁସଲମାନ ମାନେ ଏହି ପ୍ରସଙ୍ଗକୁ ଏକ ରାଜନୈତିକ ପ୍ରସଙ୍ଗ ଭାବେ ନିଅନ୍ତୁ ନାହିଁ ବରଂ ଏହାର ସମାଧାନ ପାଇଁ ପ୍ରୟାସ କରନ୍ତୁ ଯାହା ଫଳରେ ଜନ୍ମ ଭୂମି ଠାରେ ଭବ୍ୟ ମନ୍ଦିରର ନିର୍ମାଣ କରା ଯାଇ ପାରିବ ।

ଇଲାହାବାଦ ଉଚ୍ଚ ନ୍ୟାୟାଳୟରେ ରାମ ଲାଲାଙ୍କ ପାଇଁ ବରିଷ୍ଠ ଓକିଲ ଭାବେ ପ୍ରତିନିଧିତ୍ୱ କରିଥିବା ଶ୍ରୀ ପ୍ରସାଦ କହିଛନ୍ତି ଯେ ସେଠାରେ ପୂର୍ବରୁ ମନ୍ଦିର ଥିବା ମିଳିଥିବା ପ୍ରମାଣରୁ ପ୍ରମାଣିତ ହୋଇଛି ତେଣୁ ଏହି ମାମଲାର ସମାଧାନ ତ୍ୱରିତ କରା ଯିବାର ଆବଶ୍ୟକତା ରହିଛି ।

ରବି ଶଙ୍କର ପ୍ରସାଦ ବର୍ତମାନର କେନ୍ଦ୍ର ଆଇନ ମନ୍ତ୍ରୀ ହେବା ସହ ରାମ ଲାଲାଙ୍କ ଓକିଲ ଭାବେ ମଧ୍ୟ କୋର୍ଟରେ ଲଢିଛନ୍ତି । ସେ ଏହି ମାମଲାର ଗୁରୁତ୍ୱକୁ ସଠିକ ଭାବେ ବୁଝିଛନ୍ତି । ତେଣୁ ସେ ସଠିକ ଭାବେ ଏହି ମାମଲାର ଶୀଘ୍ର ସମାଧାନ ପାଇଁ ମୁସଲମାନ ମାନଙ୍କୁ ସହଯୋଗ କରିବାକୁ ଅପିଲ କରିଛନ୍ତି ।

୯୦ ଦଶକରେ ଯେତେବେଳେ ଏହି ମାମଲାକୁ ନେଇ ଅନେକ ବିତର୍କ ହେଉଥିଲା ସେତେବେଳେ ମୁସଲମାନ ପକ୍ଷର ନେତା ମାନେ କହୁଥିଲେ ଯେ ଯଦି ସେହି ସ୍ଥାନରେ ମନ୍ଦିରକୁ ଭାଙ୍ଗି ଢାଂଚା ତିଆରି କରା ଯାଇଥିବାର ପ୍ରମାଣ ମିଳିବ ତେବେ ସେମାନେ ଏହି



ସ୍ଥାନ ଉପରେ ନିଜର ଦାବିକୁ ଛାଡି ଦେବେ । ତେବେ ବିଗତ ବର୍ଷ ମାନଙ୍କରେ ବୈଜ୍ଞାନିକ ପଦ୍ଧତିରେ ସେହି ସ୍ଥାନରେ ଖନନ କରା ଯାଇଥିଲା ଓ ସେଥିରୁ ମନ୍ଦିରର ଭଗ୍ନାବଶେଷ ଥିବାର ପ୍ରମାଣ ମିଳିଥିଲା । ଏହି ଆଧାରରେ ଇଲାହାବାଦ ହାଇକୋର୍ଟ ମଧ୍ୟ କହିଥିଲେ ଯେ ସେଠାରେ ମନ୍ଦିର ଥିଲା । ତେଣୁ ଏପରି ପରିପ୍ରେକ୍ଷୀରେ ମୁସଲମାନ ପକ୍ଷ ର ନେତା ମାନେ ସେମାନେ କହିଥିବା କଥା ଉପରେ କାଏମ ରହିବା ଉଚିତ ଓ ନିଜର ଦାବିକୁ ଛାଡି ସେହି ସ୍ଥାନରେ ରାମ ଲାଲାଙ୍କର ଏକ ଭବ୍ୟ ମନ୍ଦିର ନିର୍ମାଣ କରିବାକୁ ସହଯୋଗର ହାତ ବଢାଇବା ଉଚିତ । ଏଠାରେ ଆଉ ଏକ କଥା ଉଲ୍ଲେଖ କରିବା ଆବଶ୍ୟକ । ଅଯୋଧ୍ୟାର ଏହି ପ୍ରସଙ୍ଗ ହିନ୍ଦୁ ଓ ମୁସଲମାନ ମାନଙ୍କର ପ୍ରସଙ୍ଗ ନୁହେଁ । ଶ୍ରୀରାମ ଦେଶବାସୀଙ୍କର ପୂର୍ବଜ । ତାଙ୍କୁ ମର୍ଯ୍ୟାଦାପୁରୁଷ ଶ୍ରୀରାମ ବୋଲି କୁହା ଯାଇଥାଏ । ଭାରତରେ ଥିବା ମୁସଲମାନ ମାନେ ଆରବ କିମ୍ବା ମଧ୍ୟ ଏସିଆରୁ ଆସି ନାହାନ୍ତି । ସେମାନେ ଏହି ମାଟିର ସନ୍ତାନ । ସେମାନେ କୌଣସି କାରଣରୁ ଇସଲାମକୁ ଗ୍ରହଣ କରିଛନ୍ତି । ତେଣୁ ମର୍ଯ୍ୟାଦା ପୁରୁଷୋତର ଶ୍ରୀରାମ ହିନ୍ଦୁ ମାନଙ୍କର ସହିତ ଭାରତରେ ରହୁଥିବା ମୁସଲମାନ ମାନଙ୍କର ମଧ୍ୟ ସେ ପୂର୍ବପୁରୁଷ । ଅନ୍ୟ ପକ୍ଷରେ ବାବର ମଧ୍ୟ ଏସିଆରୁ ଆସି ଥିବା ଜଣେ ଆକ୍ରମଣକାରୀ ଥିଲା । କୌଣସି ସ୍ୱାଧୀନ ଓ ସ୍ୱାଭିମାନୀ ଦେଶ କେବେ ହେଲେ ଦାସତ୍ୱର ପ୍ରତୀକକୁ ସହ୍ୟ କରି ପାରିବ ନାହିଁ । ତେଣୁ ଭାରତର ମୁସଲମାନ ମାନେ ମଧ୍ୟ ମନେ ରଖିବା ଉଚିତ ଏହି ଲଢେଇ ଭାରତର ପ୍ରତୀକ ଶ୍ରୀରାମଙ୍କ ଜନ୍ମସ୍ଥାନ ଓ ବିଦେଶୀ ଆକ୍ରମଣକାରୀ ବାବର ଦ୍ୱାରା ସ୍ଥାପିତ ଦାସତ୍ୱର ପ୍ରତୀକ ମଧ୍ୟରେ ଲଢେଇ । ତେଣୁ ଏହି ଦେଶର ମୁସଲମାନ ମାନେ ବିଦେଶୀ ଆକ୍ରମଣକାରୀର ପ୍ରତୀକକୁ କିପରି ସମର୍ଥନ ଦେବେ ? ଏକଥା ସ୍ପଷ୍ଟ ଯେ କିଛି ରାଜନୈତିକ ଦଳ ଓ କିଛି ମୁସଲମାନ ସଂପ୍ରଦାୟର ନେତା ମାନେ ଚାହୁଁ ନାହାନ୍ତି ଯେ ଏହି ପ୍ରସଙ୍ଗର ସମାଧାନ ହେଉ । ଯଦି ଏପରି ହୋଇଗଲା ତେବେ ତାଙ୍କର ରାଜନୈତିକ ରୋଟି ସେକିବା ବନ୍ଦ ହେବାର ଆଶଙ୍କା ରହିଛି ।

ଆଜକୁ ଚାରି ଶହ ବର୍ଷ ତଳେ ପ୍ରଭୁ ଶ୍ରୀରାମଙ୍କର ମନ୍ଦିରକୁ ବିଦେଶୀ ଆକ୍ରମଣକାରୀ ମାନେ ବିଧ୍ୱଂସ କରି ସେଠାରେ ଦାସତ୍ୱର ପ୍ରତୀକକୁ ଠିଆ କରାଇଥିଲେ । ଏହି ମାମଲାର କୋର୍ଟକୁ ଯିବାର ୬୮ ବର୍ଷ ବିତି ସାରିଲାଣି । ଦୀର୍ଘ ୬୮ ବର୍ଷ ବିତି ସାରିଲା ପରେ ମଧ୍ୟ ଶ୍ରୀରାମ ଲାଲାଙ୍କ ଭବ୍ୟ ମନ୍ଦିର ନିର୍ମାଣ ହୋଇ ପାରୁ ନାହିଁ । ଗତ ୨୬ ବର୍ଷ ଧରି ରାମ ଲାଲା ଟେଂଟରେ ରହୁଛନ୍ତି । ତେବେ ହିନ୍ଦୁ ମାନଙ୍କୁ କେତେ ଦିନ ଧରି ଆଉ ଅପେକ୍ଷା କରିବାକୁ ପଡିବ ଏହା ହେଉଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ।

ଏହି ପ୍ରସଙ୍ଗରେ କୋର୍ଟ ପ୍ରତିଦିନ ଶୁଣାଣୀ କରିବା ଉଚିତ ବୋଲି କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଅପିଲ କରିଛନ୍ତି । ଦେଶବାସୀଙ୍କ ଭାବନା ସହ ଜଡିତ ହୋଇ ଥିବା କାରଣରୁ ଏହି ମାମଲାର ତ୍ୱରିତ ଶୁଣାଣୀ କରିବାକୁ ସେ ନ୍ୟାୟାଳୟକୁ ଅପିଲ କରିଛନ୍ତି । ତେବେ କୋର୍ଟର ଏହି ମାମଲାରେ ଆଭିମୁଖ୍ୟ ନକାରାତ୍ମକ ରହିଛି । କୋର୍ଟ ପୂର୍ବରୁ କହିଛନ୍ତି ଯେ ଏହି ମାମଲା ତାଙ୍କର ପ୍ରାଥମିକତାରେ ନାହିଁ । ସୁପ୍ରିମକୋର୍ଟର ଜଜ ମାନଙ୍କର ଏହି ଗୋଟିଏ ବକ୍ତବ୍ୟରୁ ତାଙ୍କର ମନୋଦଶାକୁ ବୁଝା ଯାଇ ପାରେ । ଯେଉଁ ପ୍ରସଙ୍ଗକୁ ନେଇ ସମଗ୍ର ଦେଶ ଉଦ୍ବେଳିତ ସେହି ପ୍ରସଙ୍ଗ କୋର୍ଟର ପ୍ରାଥମିକତାରେ ନାହିଁ । ତେବେ ଏହି ଭଳି ପରିସ୍ଥିତିରେ କୋର୍ଟର ପ୍ରାଥମିକତା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଦେବା ଉଚିତ । ମୁମ୍ବାଇ ବୋମା ବିସ୍ଫୋରଣର ଅଭିଯୁକ୍ତ ୟାକୁବ ମେନନକୁ ଫାସି ଦିଆ ଯିବ କି ନାହିଁ ସେ ସମ୍ପର୍କରେ କୋର୍ଟ ମଧ୍ୟ ରାତ୍ରୀରେ ମଧ୍ୟ ଶୁଣାଣୀ କରି ପାରନ୍ତି । ଏହା କୋର୍ଟର ପ୍ରାଥମିକତାରେ ରହିଛି । ପ୍ରଧାନମନ୍ତ୍ରୀଙ୍କୁ ମାରିବାକୁ ଷଡଯନ୍ତ୍ର କରିଥିବା ସହରୀ ନକ୍ସଲ ମାନଙ୍କ ସମ୍ପର୍କରେ ସିଧା ସିଧା ସୁପ୍ରିମକୋର୍ଟରେ ଶୁଣାଣୀ କରା ଯାଇ ପାରିବ । ଏହା ତାଙ୍କର ପ୍ରାଥମିକତାରେ ରହିଛି । ସେହିପରି ଜନ୍ମାଷ୍ଟମୀରେ ଦହି ହାଣ୍ଡିର ଉଚ୍ଚତା କେତେ ହେବ, ଦିପାବଳୀରେ ବାଣ ଫୁଟା ଯାଇ ପାରିବ କି ନାହିଁ, ଯଦି ଫୁଟା ଯିବ କେତେଟାରୁ କେତେଟା ମଧ୍ୟରେ ଫୁଟା ଯାଇ ପାରିବ ଏହି ଭଳି ମାମଲା କୋର୍ଟର ପ୍ରାଥମିକତାରେ ରହିଛି । ମାତ୍ର ଭାରତର ପରିଚୟ, ଅସ୍ମିତା ସହ ଜଡିତ ଏହି ପ୍ରସଙ୍ଗ କୋର୍ଟର ପ୍ରାଥମିକତାରେ ନାହିଁ ।

ଶ୍ରୀରାମ ଜନ୍ମଭୂମିରେ ଭବ୍ୟ ରାମ ମନ୍ଦିର ନିର୍ମାଣ କେବଳ ଏକ ସାଧାରଣ ମନ୍ଦିର ନିର୍ମାଣର ପ୍ରଶ୍ନ ନୁହେଁ । ଜନ୍ମଭୂମି ଠାରେ ଭବ୍ୟ ମନ୍ଦିର ନିର୍ମାଣ ଭାରତୀୟ ସଭ୍ୟତାର ପ୍ରତୀକ ହେବ । ବିଦେଶୀ ଆକ୍ରମଣକାରୀ ବନାମ ଭାରତର ପରିଚୟର ଏହା ହେଉଛି ଲଢେଇ। ତେଣୁ ରାମ ଜନ୍ମଭୂମିରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସମସ୍ତ ବାଧାକୁ ଦୂର କରି ମନ୍ଦିର ନିର୍ମାଣର ମାର୍ଗ ପ୍ରଶସ୍ତ କରା ଯିବାର ଆବଶ୍ୟକତା ରହିଛି। ଦେଶବାସଙ୍କର ଧୈର୍ଯ୍ୟର ପରୀକ୍ଷା ନ ନେଇ ଏ ଦିଗରେ ଥିବା ସମସ୍ତ ବାଧାକୁ ଦୂର କରି ଭବ୍ୟ ମନ୍ଦିର ନିର୍ମାଣ କରିବା ହେଉଛି ସମୟର ଆବଶ୍ୟକତା । ତେଣୁ ମୁସଲମାନ ପକ୍ଷ ଏହି ମାମଲାର ସମାଧାନ କରିବାକୁ ଆଗେଇ ଆସିବା ସହ କୋର୍ଟ ମଧ୍ୟ ଶୁଣାଣୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ଆଶା କରା ଯାଉଛି ।



# ଢେଙ୍କାନାଳ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ

**କାମାକ୍ଷାନଗର,୧୨/୬(ନିପ୍ର):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଜୁ କଲ୍ୟାଣ ମଣ୍ଡପ ଠାରେ ଢେଙ୍କାନାଳ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଏବଂ କାମାକ୍ଷାନଗର ସାମ୍ବାଦିକ ସଂଘର କୋଷାଧ୍ୟକ୍ଷ ବିମଳ ଚନ୍ଦ୍ର ବିଶ୍ୱାଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ପ୍ରତାପ କୁମାର ବରାଳ, ଉପସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ପ୍ରଦୀପ୍ତ କୁମାର ଦାସ, କାମାକ୍ଷାନଗର ସାମ୍ବାଦିକ ସଂଘର ସଭାପତି ହିମାଂଶୁ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନନ୍ଦ, ମୁଖ୍ୟ ଆଇନ୍ ଉପଦେଷ୍ଟା ଧର୍ମାନନ୍ଦ ମଲ୍ଲିକ୍,ଉପଦେଷ୍ଟା ବିରଂଚି ନାରାୟଣ



ମହାପାତ୍ର ପ୍ରମୁଖ ମଂଚାସୀନ ଥିଲେ । ସାମ୍ବାଦିକ ଦିବ୍ୟାନୀ କୁମାର ସାହୁ, ସଦାଶିବ ସେଠୀ, ତରୁଣ କୁମାର ଦାସ, କ୍ଷୀରୋଦ ସାହୁ, ହୃଦୟ ବଲ୍ଲଭ ମିଶ୍ର ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ ।ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ଢେଙ୍କାନାଳ ତଥା ସାରା ଭାରତ ବର୍ଷର ଗର୍ବ ଓ ଗୌରବ ଏଭରେଷ୍ଟ ଆରୋହଣକାରୀ ସୁଶ୍ରୀ କଳ୍ପନା ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତ ସାମ୍ବାଦିକଗଣ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ସଂଘର ସାଧାରଣ ସମ୍ପାଦକ ପ୍ରତାପ କୁମାର ବରାଳ ସଙ୍ଗଠନକୁ ସୁଦୃଢ଼ କରିବା ସହ ଆଗାମୀ ଦିନରେ ସାମ୍ବାଦିକ ମାନଙ୍କର କାର୍ଯ୍ୟପନ୍ଥା, ପ୍ରତି ବ୍ଲକ୍‌ରେ ସାମ୍ବାଦିକ ମାନଙ୍କ ପାଇଁ ଅଫିସ୍ ଗୃହ, କୋର୍ଡିନେଟର ନିଯୁକ୍ତି, ଗୋପବନ୍ଧୁ ଜୀବନ ବୀମା, ସଂଘରେ ସାମ୍ବାଦିକ ମାନଙ୍କର ରିନ୍ୟୁ ଏବଂ ନୂତନ ସାମ୍ବାଦିକ ମାନଙ୍କୁ ପ୍ରବେଶ ଆଦି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା ।ପରେ ପ୍ରତି ବ୍ଲକ୍ ପାଇଁ ନୂତନ କୋର୍ଡିନେଟର ଚୟନ କରାଯାଇଥିଲା । କାମାକ୍ଷାନଗର ବ୍ଲକ ପାଇଁ ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ବରାଳ, ପରଜଙ୍ଗ ବ୍ଲକ ପାଇଁ ଯଦୁମଣି ପ୍ରଧାନ, କଙ୍କଡାହାଡ ବ୍ଲକ ପାଇଁ ସଞ୍ଜୀବ ନାୟକ, ଭୁବନ ବ୍ଲକ ପାଇଁ ପ୍ରେମାନନ୍ଦ ମହାନ୍ତି, ଓଡାପଡା ବ୍ଲକ୍ ପାଇଁ ପ୍ରତାପ ବେହେରା, ହିନ୍ଦୋଳ ବ୍ଲକ୍ ପାଇଁ ବିଶ୍ୱେଶ୍ୱର ସେଠୀଙ୍କୁ କୋର୍ଡିନେଟର ଭାବରେ ଚୟନ କରାଗଲା । ଜିଲ୍ଲା କାର୍ଯ୍ୟକାରିଣୀ କମିଟିରେ ସଦସ୍ୟ ପାଇଁ ବରିଷ୍ଠ ସାମ୍ବାଦିକ ଆଭାସ ବରାଳ, ସରୋଜ କର, ବାଇଧର ଚାନ୍ଦଙ୍କୁ ସର୍ବସମ୍ମତି କ୍ରମେ ବଛା ଯାଇଥିଲା । ସେହିପରି ଭାବରେ ଜିଲ୍ଲା ସାମ୍ବାଦିକ ସଂଘର କୋଷାଧ୍ୟକ୍ଷଙ୍କ ଦେହ ଅସୁସ୍ଥ କାରଣରୁ ବରିଷ୍ଠ ସାମ୍ବାଦିକ ଅମରେନ୍ଦ୍ର ଦାସଙ୍କୁ ନୂତନ କୋଷାଧ୍ୟକ ଭାବରେ ଚୟନ କରାଯାଇଥିଲା । ଶେଷରେ କାମାକ୍ଷାନଗର ସାମ୍ବାଦିକ ସଂଘର ବରିଷ୍ଠ ସାମ୍ବାଦିକ ସୌମେନ୍ଦ୍ର କୁମାର ସାହୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପର୍ଯ୍ୟୟର ମୁକାବିଲା ପାଇଁ ସରକାରୀ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ମିଳିତ ବୈଠକ

**କଟକ,୧୨।୬(ନିପ୍ର):** ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସରକାରୀ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ମିଳିତ ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ଖଣ୍ଡାୟତରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିପର୍ଯ୍ୟୟ ସମୟରେ ସାମାଜିକ କ୍ଷେତ୍ରରେ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକର ଭୂମିକା, ପ୍ରଭାବିତ ଲୋକମାନଙ୍କୁ ସେବା ଯୋଗାଇ ଦେବା, ସ୍ୱାସ୍ଥ୍ୟ ତଥା ପରିମଳ ଓ ପରିବେଶକୁ ସୁସ୍ଥ ରଖିବା ପାଇଁ ସେମାନଙ୍କୁ ସଚେତନ କରିବା ଆଦି ବିଷୟରେ ଅତିରିକ୍ତ ଜିଲ୍ଲାପାଳ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନଙ୍କ ସହିତ ବିଷଦ



ଆଲୋଚନା କରିଥିଲେ । ଏତଦବ୍ୟତୀତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କର ଏକ ଡାଟା ବେସ୍ ପ୍ରସ୍ତୁତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖଣ୍ଡାୟତରାୟ ପରାମର୍ଶ ଦେଇଥିଲେ । ଏହି ବୈଠକରେ ୮୦ ଗୋଟି ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ବିଭୁତି ଭୂଷଣ ନାୟକ, ଜିକଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ କୁମାର ଷଡଙ୍ଗୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଅଶୋକ କୁମାର ମିଶ୍ର, ଆଇ.ଏ.ଜି. କନସଲଟାଣ୍ଟ ଶ୍ରୀ ଆଦିତ୍ୟ ସାହୁ, ଜିଲ୍ଲା ଜରୁରୀ ଅଧିକାରୀ ସ୍ମିତା ରଥଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୨୧ ଜୁନ୍ ପାଇଁ ସୂର୍ଯ୍ୟା ଫାଉଣ୍ଡେସନ ଏକଦିବସୀୟ ପ୍ରଶିକ୍ଷଣ ଶିବିର



**ଭୁବନେଶ୍ୱର,୧୨।୬(ନିପ୍ର):** ଆସନ୍ତା ୨୧ ଜୁନ୍ ବିଶ୍ୱଯୋଗ ଦିବସ ଉପଲକ୍ଷେ ସୂର୍ଯ୍ୟ ଫାଉଣ୍ଡେସନ ତରଫରୁ ଭୁବନେଶ୍ୱର ସ୍ଥିତ ୩ନଂ ଶିଶୁମନ୍ଦରି ପରିସରରେ ଏକ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଯୋଗ ମଣିଷର ମନ, ବୁଦ୍ଧି ଓ ଆତ୍ମାକୁ ସ୍ଥିର ସୁସ୍ଥ ଓ ନିରୋଗ କରିଥାଏ । ଯୋଗକୁ ଆର୍ନ୍ତଜାତିକ ସ୍ତରରେ ମାନ୍ୟତା ମିଳିବା ପରେ ବିଶ୍ୱର ୧୦୮ଟି ଦେଶରେ ଏହାକୁ ନେଇ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହୋଇଛି । ଏହି ଦିବସଟି ପାଳନ କରିବା ତଥା ସାମୁହିକ ଯୋଗ ପ୍ରଦର୍ଶନ ପାଇଁ ସୂର୍ଯ୍ୟ ଫାଉଣ୍ଡେସନ ତରଫରୁ ଆସନ୍ତା ୨୧ ତାରିଖରେ ଓଡିଶାର ପ୍ରମୁଖ ୮୦ ଟି ଗ୍ରାମରେ ଯୋଗ ଶିବିର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି ବୋଲି ସୂର୍ଯ୍ୟା ଫଉଣ୍ଡେସନର ଓଡିଶା ମୁଖ୍ୟ ପର୍ଶୁରାମ ବିଷୋଇ ସୂଚନା ଦେଇଛନ୍ତି । ଶ୍ରୀ ବିଷୋଇଙ୍କ ପ୍ରତ୍ୟକ୍ଷ ସଂଚାଳନରେ ଫାଉଣ୍ଡେସନ୍‌ର ୮୦ ଜଣରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଉପସ୍ଥିତ ରହି ଶିବିରରେ ଅଂଶ ଗ୍ରହଣ କରିଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ମନୋରଂଜନ ପଟ୍ଟନାୟକ ଓ ଗୌରୀ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ପ୍ରଶିକ୍ଷଣର ଶିବିରାର୍ଥୀଙ୍କୁ ଯୋଗର ବୈଶିଷ୍ଟ୍ୟ ଓ ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ ।

# ପଞ୍ଚାୟତ ସମିତି ବୈଠକରେ ବନ୍ୟା ମୁକାବିଲା ଚିନ୍ତା





**ଜଳେଶ୍ୱର,୧୨।୦୬ (ନିପ୍ର):** ଆଜି ବୁଧବାର ପୂର୍ବାହ୍ନ ୧୦ ଟାରୁ ଦିବା ୨ ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟାଦରି ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସମ୍ମୀଳନୀ କକ୍ଷରେ ଚଳିତ ପଂଚାୟତ ସମିତିର ୭ମ ବୈଠକ ସମିତି ଅଧ୍ୟକ୍ଷା ସବିତାରାଣୀ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ୪ର୍ଥ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଅଶ୍ୱିନୀ କୁମାର ପାତ୍ର ଙ୍କୁ ସମିତି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମିତି ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ,ବିଡିଓ ନିତ୍ୟାନନ୍ଦ ସାହୁ,ତହସିଲଦାର ଅଭିମନ୍ୟୁ ପଣ୍ଡା,ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ମନୋଜ କୁମାର ମୁଣ୍ଡ ପ୍ରମୁଖ ଅଧିକାରୀ ଏବଂ ଜନ ପ୍ରତିନଧୀ ବୈଠକରେ ଯୋଗଦେଇ ନିର୍ବାଚିତ ପଂଚାୟତ ପ୍ରତିନିଧି ମାନଙ୍କ ଠାରୁ ପଂଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ । ବିଶେଷକରି ବନ୍ୟା ପରିସ୍ଥିତିର ମୁକାବିଲା ସହିତ କୃଷି, ବିଦ୍ୟୁତ ଯୋଗାଣ ସମସ୍ୟା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା । ବନ୍ୟାଜଳ ନିଷ୍କାସନ ନିମନ୍ତେ ପୋତି ଯାଇଥିବା ନାଳ ତଥା ନୟନଯୋରୀ କୁ ସଫେଇ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ସୁବର୍ଣ୍ଣରେଖା ନଦୀର ମାକିଡ଼ିଆ ଠାରେ ଯଥାଶୀଘ୍ର ପଥର ସ୍ପର ସହିତ ଲକ୍ଷ୍ମଣନାଥ ଠାରୁ ରାଜଘାଟ ପର୍ଯ୍ୟନ୍ତ ନଦୀବନ୍ଧର ସୁରକ୍ଷା ନିମନ୍ତେ ସୁରକ୍ଷା ପାଚେରୀ ନିର୍ମାଣ ପାଇଁ ମଧ୍ୟ ଯୋଜନା ଚୁଡ଼ାନ୍ତ ହୋଇଛି ବୋଲି ଉକ୍ତ ବୈଠକରେ ଅବଗତ କରାଇଥିଲେ ବିଭାଗୀୟ ଅଧିକାରୀ । ତେବେ ଆଜିର ବୈଠକରେ ନବ ନିର୍ବାଚିତ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଂଗୀ ଙ୍କ ପ୍ରତିନିଧି ଭାବେ କେହି ଯୋଗ ନ ଦେବା କୁ ନେଇ ଚର୍ଚ୍ଚା ହୋଇଥିଲା ।

## ଗ୍ରାମବାସୀଙ୍କ ବିରୋଧ ପାଇଁ ବର୍ଷେ ହେଲା ଅଟକିଥିଲା କାର୍ଯ୍ୟ

# ପୁଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ନିର୍ମାଣ ହେଲା କାନପୁର ଘୋଷରା କଲଭର୍ଟ ରାସ୍ତା

**ତିହିଡ଼ି,୧୨।୬(ନିପ୍ର):** ସ୍ଥାନୀୟ ଗ୍ରାମବାସୀଙ୍କ ବିରୋଧ ହେତୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ତିହିଡ଼ି ବ୍ଲକ ଅଧୀନ କାନପୁର ଘୋଷରା ନିକଟରେ ବର୍ଷେ ହେଲା ରାସ୍ତାକାର୍ଯ୍ୟ ଅଟକି ରହିଥିଲା । ଆଜି ପୁଲିସ ଓ ପ୍ରଶାସନର ମିଳିତ ସହଯୋଗରେ ରାସ୍ତାକାର୍ଯ୍ୟ କରାଯାଇଥିବା ଜଣାଯାଇଛି । ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ସହ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ଶ୍ୱେତପଦ୍ମା ଦାସ ଓ ତିହିଡ଼ି ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଆଜି ସକାଳେ ଘଟଣାସ୍ଥଳରେ ପହଞ୍ଚିବା ପରେ ଠିକାଦାରଙ୍କ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିଲା । କଲଭର୍ଟର ଦୁଇ ପାର୍ଶ୍ୱ ରାସ୍ତା କାର୍ଯ୍ୟ କରାଯାଇଥିଲା । ଯେ କୌଣସି ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୁଲିସ ଉପସ୍ଥିତ ରହିଥିଲେ । ତେବେ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ଉପୁଜିନାହିଁ ବୋଲି ସୂଚନା ଦେଇଛନ୍ତି ତିହିଡ଼ି ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର । ଆଜି ୮୦ ପ୍ରତିଶତ ରାସ୍ତା କାର୍ଯ୍ୟ ଶେଷ ହୋଇଥିବା ବେଳେ ଆସନ୍ତା କାଲି ପିଚୁ ହେବ ଓ କାର୍ଯ୍ୟ ଶେଷ ହେବ । ଆସନ୍ତାକାଲି ମଧ୍ୟ ପୁଲିସ ମୃତୟନ ରହିବେ । କାନପୁର ଘୋଷରା ନିକଟରେ ଜଳ ନିଷ୍କାସନ ପାଇଁ ଅଧିକ ସଂଖ୍ୟାରେ କଲଭର୍ଟ ନିର୍ମାଣ ପାଇଁ ଆଖପାଖ ଗ୍ରାମଗୁଡ଼ିକର ଗ୍ରାମବାସୀମାନେ ଦାବି କରିଆସୁଥିଲେ । କଲଭର୍ଟ ନିର୍ମାଣ କରାନଗଲେ ବନ୍ୟାଜଳ ଜମି ରହିବା ସହ ଚାଷାଦି କ୍ଷତିଗ୍ରସ୍ତ ହେବ ବୋଲି ସେମାନେ ଅଭିଯୋଗ କରିଆସୁଥିଲେ । ଫଳରେ ସେମାନଙ୍କ ବିରୋଧ ଯୋଗୁ ଏଠାରେ ରାସ୍ତା ନିର୍ମାଣକୁ ବିରୋଧ କରାଯିବା ଫଳରେ ବର୍ଷେ ହେଲା କାର୍ଯ୍ୟବନ୍ଦ ରହିଥିଲେ । ଏକ ଅସ୍ଥାୟୀ ରାସ୍ତା ଦ୍ୱାରା ଯାନବାହନ ଚଳାଚଳ କରୁଥିଲା । ଫଳରେ ଏଠାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିଲା । ଆଗକୁ ବର୍ଷାଋତୁ ଆସୁଥିବାରୁ ଏଠାରେ ପରିସ୍ଥିତି ଅଣାୟତ ହେବାର ମଧ୍ୟ ଆଶଙ୍କା ସୃଷ୍ଟି ହୋଇଥିଲ । ତେବେ ଆଜି ରାସ୍ତା ନିର୍ମାଣ କରାଯିବା ଫଳରେ ଏକ ବଡ଼ ସମସ୍ୟାର ସମାଧାନ ହୋଇପାରିଛି ବୋଲି ଜଣାପଡ଼ିଛି ।

### ନଦୀକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

**ତିହିଡ଼ି,୧୨।୬(ନିପ୍ର):** ତିହିଡ଼ି ବ୍ଲକ ଅଧୀନ ବାରସର ପଞ୍ଚାୟତ ସାପକାଟିଆ ଗ୍ରାମର ଧୂପାଳ ଦାସଙ୍କ ପୁଅ ବାପି (୨୮) ଆଜି ଗେଙ୍ଗୁଟି ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗାଧୋଇବାକୁ ଯାଇଥିବା ବାପି ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀମାନେ ଖୋଜାଖୋଜି କରିଥିଲେ । ତେବେ ସଫଳ ନ ହେବାରୁ ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ରିପୋର୍ଟ ଲେଖା ହେବା ବେଳକୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିବା ଜଣାଯାଇଛି । ଗେଙ୍ଗୁଟି ନଦୀରେ ସମୟେ ସମୟେ କୁମ୍ଭୀର ଆସିଯାଉଥିବାରୁ କାଳେ କୌଣସି ଦୁର୍ଘଟଣା ଘଟିଥାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

# ଯୁବକଙ୍କ ଝୁଲନ୍ତା ଶବ ଜବତ, ହତ୍ୟା ଅଭିଯୋଗ

**ଢେଙ୍କାନାଳ,୧୨।୬(ନି.ପ୍ର):** ଯାଜପୁର ଜିଲ୍ଲା ବଡଚଣା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ଜଣେ ଯୁବକ ୨ ଜଣଙ୍କୁ ବିବାହ କରି ପ୍ରଥମ ପତ୍ନୀଙ୍କୁ ଛାଡି ଦ୍ୱିତୀୟ ପତ୍ନୀଙ୍କ ସହିତ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ଅନ୍ତର୍ଗତ ଲେଥେକା ଗାଁର ନିଜ ବିଧବା ଭଉଣୀ ଘରେ ରହୁଥିବା ବେଳେ ଆଜି ସେହି ଯୁବକଙ୍କ ଝୁଲନ୍ତା ଶବକୁ ପୋଲିସ୍ ଜବତ କରିଛି । ଅନ୍ୟପକ୍ଷେ, ସେଠାରେ ଯୁବକଙ୍କ ବାପା ଏବଂ ତାଙ୍କ ପ୍ରଥମ ପତ୍ନୀ ପହଁଚି ଯୁବକଙ୍କୁ ମାଡମାରି ହତ୍ୟା କରିବା ପରେ ଶବକୁ ଝୁଲାଇ ଦିଆ ଯାଇଥିବା ଅଭିଯୋଗ କରିବାରୁ ପୋଲିସ୍ ତଦନ୍ତ ଚଳାଇଛି । ନେଉଳପୁର ଗ୍ରାମର ଦିବାକର ପ୍ରଧାନଙ୍କ ପୁଅ ରମାକାନ୍ତ (୩୭) ୨ ଜଣଙ୍କୁ ବିବାହ କରି ଗତ ୫ ବର୍ଷ ପୂର୍ବେ ପ୍ରଥମ ପତ୍ନୀଙ୍କୁ ନିଜ ଘରେ ଛାଡିଦେଇ ଦ୍ୱିତୀୟ ପତ୍ନୀଙ୍କ ସହିତ ନିହଲପ୍ରସାଦ ଥାନା ଅଧିନ ଲେଥେକା ଗ୍ରାମରେ ଥିବା ବିଧବା ଭଉଣୀ ଘରେ ରହୁଥିଲେ । ଆଜି ସକାଳେ ପତ୍ନୀଙ୍କ ଶାଢୀ ଦ୍ୱାରା ରମାକାନ୍ତ ଝୁଲି ରହିଥିବା ଦେଖି ବିଧବା ଭଉଣୀ ଏବଂ ପଡୋଶୀ ମାନେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ୍ ପହଁଚି ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛନ୍ତି । ଘଟଣା ସ୍ଥଳରେ ତାଙ୍କ ବାପା ଏବଂ ପ୍ରଥମ ପତ୍ନୀ ପହଁଚି ରମାକାନ୍ତଙ୍କୁ ମାଡମାରି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଝୁଲାଇ ଦିଆ ଯାଇଛି ବୋଲି ଅଭିଯୋଗ କରିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ୍ ପ୍ରକାଶ କରିଛି ।

# ବିଲରୁ ଶବ ଜବତ, ଅଂଶୁଘାତ ମୃତ୍ୟୁ ଅଭିଯୋଗ

**ଢେଙ୍କାନାଳ,୧୨।୬(ନି.ପ୍ର):** ଢେଙ୍କାନାଳ ଟାଉନ୍ ଥାନା ଅନ୍ତର୍ଗତ ବାଙ୍କକୁସୁମ ଗ୍ରାମର କାର୍ତ୍ତିକ ପ୍ରଧାନ (୩୫)ଙ୍କ ଶବକୁ ଆଜି ମଧ୍ୟାହ୍ନରେ ପୋଲିସ୍ ଜବତ କରିଥିବା ବେଳେ ତାଙ୍କର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି । କାର୍ତ୍ତିକ ଆଜି ସକାଳେ ଚାଷକାମ ପାଇଁ ବିଲକୁ ଯାଇ ନ ଫେରିବାରୁ ପରିବାର ସଦସ୍ୟମାନେ ଖୋଜାଖୋଜି କରି ବିଲରୁ ଶବକୁ ଠାବ କରିଥିଲେ । ଶବ ଠାବ ପରେ ପୋଲିସକୁ ଖବର ଦେବାରୁ ଘଟଣା ସ୍ଥଳରେ ପୋଲିସ୍ ପହଁଚି ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇଛନ୍ତି । କାର୍ତ୍ତିକଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ୍ ପ୍ରକାଶ କରିଛି ।

## ମାନସିଂବଜାରସ୍ଥ କେଶଲେନ୍‌ରେ ଶତାଧିକ ବର୍ଷ ମନ୍ଦିରର ପୁନଃପ୍ରତିଷ୍ଠା

**ବାଲେଶ୍ୱର,୧୨/୬(ନି.ପ୍ର):** ମାନସିଂବଜାରସ୍ଥ ଶତାଧିକ ବର୍ଷର ଗୋବିନ୍ଦ ନାରାୟଣ ଜୀଉଙ୍କ ମାଟିକାନ୍ଥ ମନ୍ଦିରକୁ ସ୍ଥାନୀୟ ଗ୍ରାମବାସୀମାନେ ସୁଦୃଶ୍ୟ ମନ୍ଦିରଭାବେ ନିର୍ମାଣ କରିବାପରେ ଆଜି ଜୀଉଙ୍କ ବିଗ୍ରହ ପୁନଃ ସ୍ଥାପନ ଓ ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଛି । ସୁରେନ୍ଦ୍ର ପାଢ଼ୀ ମୁଖ୍ୟପୂଜକଙ୍କ ସହ ୬ଜଣ ପୂଜକ ପୂଜା,କୀର୍ତ୍ତନ ଓ ଯଜ୍ଞ ଆଦି କାର୍ଯ୍ୟ ସଂପନ୍ନ କରିଥିଲେ । ଦିବା୧୨ଟାରୁ ପ୍ରସାଦ ସେବନରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ମେନେଜିଂ ଟ୍ରଷ୍ଟର ସଦସ୍ୟ ସୁଧାସିନ୍ଧୁ ପଣ୍ଡା, ହରିନାରାୟଣ ଜେନା, ଚିନ୍ମୟ କେଶ, ପ୍ରଭାକର ପ୍ରଧାନ, ପଦ୍ମଲୋଚନ ଜେନା ଓ ଜୟରାମ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସୁବାସ ସାହୁ, କୈଳାସ ଭୂୟା, ଉମେଶଚନ୍ଦ୍ର ଗୋଛାୟତ, ସନ୍ତୋଷ କାଠ, କାହ୍ନୁ ନାୟକ, ଦେବାଶିସ ଦାସ, କମଳାକାନ୍ତ ଦାଶ,ରମେଶ ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ନିମନ୍ତ୍ରିତ ଅତିଥିମାନେ ଯୋଗ ଦେଇଥିଲେ ।

## ଯୌତୁକ ଜନିତ ବଧୂ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଜଳେଶ୍ୱର,୧୨।୬(ନିପ୍ର):** ଜଳେଶ୍ୱର ଥାନା ଅଧୀନ ବର୍ତ୍ତନା ଗ୍ରାମର ପ୍ରଶାନ୍ତ ବେହେରାଙ୍କ ପତ୍ନୀ ଉତ୍ପଳା ଗତକାଲି ବିଳମ୍ବିତ ସଂଧ୍ୟାରେ ଘରୋଇ କଳହ ଓ ଯୌତୁକ ନିର୍ଯ୍ୟାତନାକୁ ନେଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ଏକ ଲିଖିତ ଅଭିଯୋଗ ଜଳେଶ୍ୱର ଥାନାରେ ହୋଇଅଛି । ମୃତା ଉତ୍ପଳାର ବାପା ତଥା ଜଳେଶ୍ୱର ବ୍ଲକ ରାଇବଣିଆ ଥାନ ଓଲମାରା ପଂଚାୟତ ବ୍ରହ୍ମାପୁର ଗ୍ରାମନିବାସୀ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଲିଖିତ ଅଭିଯୋଗ ମୂଳେ ଜଳେଶ୍ୱର ଥାନାରେ ଏକ ଯୌତୁକଜନିତ ବଧୂହତ୍ୟା ମାମଲା (ନଂ.୧୨୪/୧୯) ରୁଜୁ କରାଯାଇ ସ୍ୱାମୀ ପ୍ରଶାନ୍ତଙ୍କୁ ପୁଲିସ ଅଟକରଖି ପଚରାଉଚୁରା କରୁଛି । ଏଥିସହିତ ମାମଲାର ଅନ୍ୟ ଅଭିଯୁକ୍ତ ଶାଶୁ, ଶ୍ୱଶୁର ଓ ଦେଢ଼ଶୁର ପୁଲିସ ଗିରଫଦାରୀ ଭୟରେ ଫେରାର ଥିବା ଜଣାପଡ଼ିଛି । ଏଠାରେ ପ୍ରକାଶଯୋଗ୍ୟ ଯେ, ମୃତା ଉତ୍ପଳାର ଏକ ୧୦ ମାସର ଶିଶୁ କନ୍ୟା ଅଛନ୍ତି ।

## ୩ ବର୍ଷ ହେଲା ମିଳୁନି ବୀମା ରାଶି

# ଚାରିତରଫ ସମବାୟ ସମିତିରେ ତାଲା ପକାଇଲେ ଚାଷୀ

**ତିହିଡ଼ି,୧୨।୬(ନିପ୍ର):** ଗତ ୩ ବର୍ଷ ହେଲା ତିହିଡ଼ି ବ୍ଲକ ଅଧୀନ ଚାରିତରଫ ସେବା ସମବାୟ ସମିତିରୁ ଚାଷୀମାନେ ବୀମାରାଶି ପାଉନଥିବା କାରଣରୁ ଆଜି ସେମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ପରେ କାର୍ଯ୍ୟାଳୟରେ ଚାବି ପକାଇଦେଇଛନ୍ତି । ଫଳରେ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଠପ ହୋଇଯାଇଥିବା ବେଳେ କର୍ମଚାରୀମାନେ ଫେରିଯାଇଛନ୍ତି । ଆଜିର ଏହି ଧାରଣାକୁ ଲଗାଇ ଚାଷୀମାନେ ୩ଥର ଧାରଣାରେ ବସିସାରିଲେଣି । ଶ୍ରୀଧର ପାଢ଼ୀ, ସୁବାଷ ସେଠୀ, ଆନନ୍ଦ ଚନ୍ଦ୍ର ପଣ୍ଡା, ମନୋଜ ପଲାଇ, ବଳରାମ ସୁଆର, ସୁଶାନ୍ତ ପଣ୍ଡା, ସୁନିଲ ପଣ୍ଡା, ବାବାଜୀ ପଣ୍ଡା, ବୁଦ୍ଧିରାମ ଜେନା, ପ୍ରଦୀପ ବାରିକ, ବିଚିତ୍ର ବାରିକ, ଗୌରାଙ୍ଗ ପଲାଇ, ଦେବେନ୍ଦ୍ର ପଣ୍ଡା, ରାଜେନ୍ଦ୍ର ପଲାଇ, ଅରୁଣ ବାରିକ ପ୍ରମୁଖ



ବହୁ ଚାଷୀ ଆଜି ସକାଳ ୧୦ଟାରେ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । ଫଳରେ ଗ୍ରାହକମାନେ ଭିତରକୁ ଯାଇପାରିନଥିଲେ । ପୂର୍ବ ପ୍ରତିଶ୍ରୁତି ମୁତାବକ ସେମାନଙ୍କୁ ବୀମାରାଶି ମିଳୁନଥିବାରୁ ଗଭୀର କ୍ଷୋଭ ପ୍ରକାଶ କରିଥିଲେ । ତେବେ ସଭାପତି ନପହଞ୍ଚିବାରୁ ସେମାନେ ମଧ୍ୟାହ୍ନ ୧୨ଟାରେ କାର୍ଯ୍ୟାଳୟ ବାହାରକୁ କର୍ମଚାରୀମାନଙ୍କୁ ବାହାର କରିଦେଇ ତାଲା ପକାଇଦେଇଛନ୍ତି । ଏ ସମ୍ପର୍କରେ ଜାଣିବା ପାଇଁ ସମିତିର ସମ୍ପାଦକ ଚିତ୍ତରଂଜନ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲା । ଚାଷୀମାନେ ଧାରଣା ଦେବା ପରେପରେ ସେ ଏ ସମ୍ପର୍କରେ ସମବାୟ ସମିତି ସହକାରୀ ନିବନ୍ଧକ, ସମବାୟ ସମ୍ପ୍ରସାରଣ ଅଧିକାରୀ, ଭଦ୍ରକ ଜୋନାଲ ଅଫିସ, ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ତିହିଡ଼ି ଶାଖାର ପରିଚାଳକ ପ୍ରମୁଖଙ୍କୁ ସୂଚନା ଦେଇଛନ୍ତି । ତେବେ ସେମାନେ ଆଜି ଘଟଣାସ୍ଥଳରେ ପହଞ୍ଚିନଥିବା ସୂଚନା ମିଳିଛି । ୨୦୧୭ ମସିହାରେ ବୀମାରାଶି ଏହି ସମିତି ଅଧୀନରେ ୧୭୧ ଜଣଙ୍କୁ ମିଳିନାହିଁ । ବାହାରପାଳ ଗ୍ରାମର ୧୪୧ ଜଣ, ଚାରିତରଫ ଗ୍ରାମର ୨୪ ଜଣ ଓ ଖଡ଼ିପାଣ ଗ୍ରାମର ୬ ଜଣ ମୋଟ ୧୦ ଲକ୍ଷ ୧୬ ହଜାର ଟଙ୍କା ବୀମାରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମ୍ପର୍କରେ ରେଜିଷ୍ଟ୍ରାର ଅଫ କୋଅପରେଟିଭ, ଭୁବନେଶ୍ୱରରେ ମାମଲା ରୁଜୁ କରାଯିବା ପରେ ୩ ଥର ଶୁଣାଣି କରାଯାଇଛି ଓ ବୀମା କମ୍ପାନୀକୁ ମଧ୍ୟ ଡକାଯାଇଛି । ଆବଶ୍ୟକୀୟ କାଗଜପତ୍ର ମଧ୍ୟ ସମିତି ପକ୍ଷରୁ ଦାଖଲ କରାଯାଇଛି । ଇତିମଧ୍ୟରେ ବହୁ ମାସ ବିତିଯାଇଥିବା ବେଳେ ଚାଷୀମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ପ୍ରାପ୍ୟ ମିଳିନାହିଁ ।



# ବଜାରକୁ ଆସିଲା ନୂଆ ପ୍ରିମିୟମ୍ ହୋଣ୍ଡା ଆକ୍ଟିଭା ୧୨୫

ଭୁବନେଶ୍ୱର,୧୨।୬ (ନି.ପ୍ର): ଭାରତୀୟ ଦୁଇ ଚକିଆ ଶିଳ୍ପରେ ଇତିହାସ ସୃଷ୍ଟି କରି ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ହୋଣ୍ଡାର ପ୍ରଥମ ବିଏସ୍-୬ ନିୟମ ପାଳନ କରୁଥିବା ଦୁଇଚକିଆ ଯାନ ଆକ୍ଟିଭା ୧୨୫ ବିଏସ୍-୬କୁ ଉନ୍ମୋଚନ କରାଯାଇଛି। ୨୦୨୦ ଏପ୍ରିଲ୍ ରେ ବିଏସ୍-୬ ନିୟମ ଲାଗୁ ହେବାର ବହୁ ପୂର୍ବରୁ କଂପାନି ଏହି ଯାନକୁ ଉନ୍ମୋଚନ କରାଯାଇଛି। ହୋଣ୍ଡାର ପ୍ରଥମ ବିଏସ୍-୬ ଦୁଇ ଚକିଆ ଯାନ ସମ୍ପୂର୍ଣ୍ଣ ନୂଆ ଆକ୍ଟିଭା ୧୨୫ ସ୍ୱଚ୍ଛ ଇନ୍ଧନ ଦିଗରେ ଏକ ବଡ଼ ପଦକ୍ଷେପ। ଗ୍ରାହକଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ଏଥିରେ ଏଭଳି ଅନେକ ସୁବିଧା ସୁଯୋଗ ପ୍ରଦାନ କରାଯାଇଛି ଯାହା ଶିଳ୍ପର ପ୍ରଥମ ଏବଂ ଏହା ଭାରତରେ AQuietRevolution ଏ କ୍ୱାଏଟ୍ ରିଭଲ୍ୟୁସନ'(ଏକ ଶାନ୍ତ ବିପ୍ଳବ) ସୃଷ୍ଟି କରିବ।



ଏହି ଅବସରରେ ନୋରିଆକି ଆବେ, ମ୍ୟାନେଜିଂ ଅଫିସର ଆଣ୍ଡ୍ ଚିଫ୍ ଅଫିସର, ମୋଟରସାଇକଲ୍ ଅପରେସନ, ହୋଣ୍ଡା ମୋଟର କଂପାନି ଲିମିଟେଡ୍ କହିଛନ୍ତି ଯେ, "ସ୍ୱତନ୍ତ୍ର ଗମନାଗମନ ସମାଧାନ ଜରିଆରେ ସାରା ବିଶ୍ୱର ନୂତନ ଲୋକମାନଙ୍କ ପ୍ରତି ନୂଆ ମୂଲ୍ୟ ସୃଷ୍ଟି କରୁଥିବା ହୋଣ୍ଡା ସାରା ବିଶ୍ୱର ଗ୍ରାହକଙ୍କ ପାଇଁ କିଣିବାର ଖୁସିକୁ ପ୍ରସାର କରିବା ପ୍ରତି ପ୍ରତିବଦ୍ଧ। ଭାରତରେ ହୋଣ୍ଡାର ଦୁଇ ଚକିଆ କାରବାର ବହୁତ ଏବଂ ଆମେ ଉଚ୍ଚ ମାନର ଗ୍ରାହକ ସନ୍ତୁଷ୍ଟି ପାଇଁ ଅଭିନବତା ଜାରି ରଖିବୁ। ଆଜି ମୁଁ ବହୁତ ଖୁସି ଯେ ସମ୍ପୂର୍ଣ୍ଣ ନୂଆ ଆକ୍ଟିଭା ୧୨୫ ବିଏସ୍ ୬ ସହିତ ଆମେ ଭାରତକୁ ଆମର ବିଶ୍ୱ ସ୍ତରୀୟ ମାନଦଣ୍ଡ ଆଣିଛୁ।''

ହୋଣ୍ଡାର ପ୍ରଥମ ବିଏସ୍-୬ ଦୁଇ ଚକିଆ ଯାନକୁ ଉନ୍ମୋଚନ କରିବା ଅବସରରେ ଶ୍ରୀଯୁକ୍ତ ମିନୁରୋ କାଟୋ, ସଭାପତି ଓ ସିଇଓ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ହୋଣ୍ଡାର ବିଶ୍ୱ ସ୍ତୀୟ ଲକ୍ଷ୍ୟ ଗମନାଗମନରେ ଉନ୍ନତିର ଅଗ୍ରଦୂତ ହୋଇଛି ଏବଂ ସାରା ବିଶ୍ୱର ଲୋକମାନଙ୍କ ଦୈନନ୍ଦୀନ ଜୀବନରେ ଉନ୍ନତି ଆଣୁଛି। ନୂତନତ୍ୱ ଏବ ପ୍ରଯୁକ୍ତିରେ ଅଗ୍ରଦୂତ ଭାବେ ସୁପରିୟର ପ୍ରଯୁକ୍ତିରେ ଶକ୍ତି ସହିତ ପରବର୍ତି ବିପ୍ଳବ ପାଇଁ ଆମେ ପ୍ରସ୍ତୁତ। ନୂଆ ଆକ୍ଟିଭା ୧୨୫ ବିଏସ୍ ୬କୁ ଉନ୍ମୋଚନ କରିବା ସହିତ ହୋଣ୍ଡା ସ୍ୱତନ୍ତ୍ର ଶାନ୍ତ ଭାବେ ବିଏସ୍ ୬ ନିୟମ ପ୍ରତି ପରିବର୍ତିତ ହୋଇଛି।''

ସ୍କୁଟରୀକରଣ କ୍ଷେତ୍ରରେ ହୋଣ୍ଡାର ବଡ଼ ପଦକ୍ଷେପ ବିଷୟରେ ଶ୍ରୀଯୁକ୍ତ ଯଦବିନ୍ଦର ସିଂହ ଗୁଲେରିଆ, ବରିଷ୍ଠ ଉପସଭାପତି, ବିକ୍ରି ଓ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ପ୍ରଦୂଷଣମୁକ୍ତ ଭାରତ ପ୍ରତି ପରିବର୍ତନର ଅଗ୍ରଦୂତ ହୋଇ ଆଜି ଆମେ ନୂଆ ଆକ୍ଟିଭା ୧୨୫ ବିଏସ୍-୬କୁ ଉନ୍ମୋଚନ କରି ଅତ୍ୟନ୍ତ ଆନନ୍ଦିତ। ଯେଉଁଭଳି ଉଲ୍ଲେଖନୀୟ ଗତିରେ ସ୍ୱୟଂଚାଳିତ ସ୍କୁଟର ଭାରତରେ ଲୋକପ୍ରିୟତା ହାସଲ କରିଛି ଆମକୁ ତାହା ସ୍କୁଟର କ୍ଷେତ୍ରରେ ପରିବର୍ତନ ଆଣିବାର ଦୃଢ଼ ବିଶ୍ୱାସ ପ୍ରଦାନ କରିଛି। ଗ୍ରାହକମାନଙ୍କ ପାଇଁ ଅନ୍ୟତମ ଉତ୍ସାହ ଆଣି ପ୍ରଥମ ଥର ପାଇଁ ଭାରତୀୟ ଦୁଇଚକିଆ ଯାନ ଶିଳ୍ପରେ ହୋଣ୍ଡା ପକ୍ଷରୁ ସ୍ୱତନ୍ତ୍ର ଛଅ ବର୍ଷର ୱାରେଂଟି ପ୍ୟାକେଜ୍ (୩ ବର୍ଷର ସାଧାରଣ ୱାରେଂଟି+୩ ବର୍ଷର ବିକଳ୍ପ ବର୍ଦ୍ଧିତ ୱାରେଂଟି) ଆକ୍ଟିଭା ୧୨୫ ବିଏସ୍ ୬ରେ ପ୍ରଦାନ କରୁଛି।

# ଟାଟା କ୍ଲାସ୍ଏଜ୍ ପକ୍ଷରୁ ଟାଟା ଟେଷ୍ଟପ୍ରେପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୨।୬ (ନି.ପ୍ର): ପ୍ରଯୁକ୍ତି ଭିତିକ ଶିକ୍ଷାଦାନ ସମାଧାନ ପ୍ରଦାନ କରୁଥିବା ସଂସ୍ଥା ଟାଟା କ୍ଲାସ୍ଏଜ୍ ପକ୍ଷରୁ ଏକ ଇଟଂରଆକ୍ଟିଭ୍ ଆପ୍ ଓ ୱେବ୍ ଭିତିକ ଅଭ୍ୟାସ ଓ ପରୀକ୍ଷା ସମାଧାନ "ଟାଟା ଟେଷ୍ଟ୍‌ପ୍ରେପ୍"କୁ ଉନ୍ମୋଚନ କରାଯାଇଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରବେଶିକା ପରୀକ୍ଷା ଓ ବିଦ୍ୟାଳୟ ସ୍ତରୀୟ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଲାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆଇୱାଇସି ଅନଲାଇନ୍ ସହଯୋଗରେ ଟାଟା କ୍ଲାସ୍ଏଜ୍ ଏହି ସୁବିଧା ଆରମ୍ଭ କରିଛି।

ଟାଟା ଟେଷ୍ଟପ୍ରେପ୍ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରାଇବାରେ ସହାୟକ ହେବ। ଏହା ସେମାନଙ୍କୁ ବିଭିନ୍ନ ମତାମତର ବିବରଣୀ ଏବଂ ତୁଳନାତ୍ମକ ପ୍ରଦର୍ଶନ ଫଳାଫଳ ପ୍ରଦାନ କରିବ ଏଥି ସହିତ ପୂର୍ବ ବର୍ଷ ଗୁଡ଼ିକର ଫଳ ସହିତ ତାହାକୁ ତୁଳନା କରିବ। ଏକ ସମୃଦ୍ଧ ପ୍ରଶ୍ନ ବ୍ୟାଙ୍କ ସୃଷ୍ଟି କରାଯିବ ଯାହାକୁ ନେଇ ଛାତ୍ରଛାତ୍ରୀମାନେ ଅଭ୍ୟାସ କରିପାରିବେ। ସେହି ମକ୍ ପରୀକ୍ଷା ଅସଲି ପରୀକ୍ଷା ସଦୃଶ ରହିବ ଯାହା ଜରିଆରେ ଛାତ୍ରଛାତ୍ରୀମାନେ ପରୀକ୍ଷାକୁ ଶୀଘ୍ର ଦେଇପାରିବେ ଏବଂ ସଠିକ୍ ଉତର ପ୍ରଦାନ କରିପାରିବେ। ଏହି କାର୍ଯ୍ୟକ୍ରମକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯଦ୍ୱାରା ଏହାକୁ ସ୍କୁଲ, କୋଚିଂ କ୍ଲାସ୍, କଲେଜ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ସୁବିଧାରେ ବ୍ୟବହାର କରାଯାଇପାରିବ।

ଟାଟା କ୍ଲାସ୍ଏଜ୍‌ର ଦୀର୍ଘ ୨୫ ବର୍ଷର ଆନ୍ତର୍ଜାତିକ ଅଭିଜ୍ଞତା ରହିଛି ଏବଂ ଏହା ପ୍ରଯୁକ୍ତିକୁ ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ଚାପ ଦୂର କରିବାକୁ ଉଦ୍ୟମ କରୁଛି। ଟେଷ୍ଟପ୍ରେପ୍ ହେଉଛି ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ପାଇଁ ଏକ ଉପଯୁକ୍ତ ସମାଧାନ। ଏହା ଛାତ୍ରଛାତ୍ରୀଙ୍କ ବିଶ୍ୱାସ ମାତ୍ରା ବଢ଼ାଇବ।

ସଞ୍ଜୟ ରାଧାକୃଷ୍ଣନ, ଚିଫ୍ କମର୍ସିଆଲ୍ ଅଫିସର, ଟାଟା ଏଜ୍‌କ୍ଲାସ୍ କହିଛନ୍ତି ଯେ, "ପ୍ରବଳ ଚାପ ବିଶିଷ୍ଟ ପ୍ରତିଦ୍ୱନ୍ଦ୍ୱିତର ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାରେ କ'ଣ ସାହାଯ୍ୟ କରେ। ଏହାର ଅର୍ଥ ହେଉଛି ନିଜର ଦୃଢ଼ତା ଓ ଦୁର୍ବଳତାକୁ ଜାଣିବା, ପରୀକ୍ଷା ଶୈଳୀ, ପରିବେଶ ଏବଂ ଅଧିକ ସ୍କୋର ହାସଲ କରିବା ପାଇଁ ବିଷୟବସ୍ତୁ ସହିତ ଭଲ ଭାବେ ପରିଚିତ ରହିବା। ଟେଷ୍ଟ୍‌ପ୍ରେପ୍‌ରେ ବିଭିନ୍ନ ପ୍ରକାରର ପ୍ରଶ୍ନ ଓ ଫର୍ମାଟ୍ ରହିଛି। ପରୀକ୍ଷାକୁ ଯେଭଳି ପ୍ରଥମ ଦିନରୁ ଛାତ୍ରଛାତ୍ରୀମାନେ ଗ୍ରହଣ କରିପାରିବେ ତାହାକୁ ଦୃଷ୍ଟିରେ ରଖି ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ନିଜ ର୍ୟାଙ୍କକୁ ତୁଳନା କରିବା ଓ ସମୟକୁ ପରିଚାଳନା କରିବା ଭଳି ବ୍ୟବସ୍ଥା ଏଥିରେ ରହିଛି।''

# ଓଡ଼ିଶାରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି ଓୟୋ, ୨୦୧୯ ଶେଷ ସୁଦ୍ଧା ଉପସ୍ଥିତିକୁ ଦ୍ୱିଗୁଣିତ କରିବ

ଭୁବନେଶ୍ୱର,୧୨।୬ (ନି.ପ୍ର): ଦକ୍ଷିଣ ଏସିଆର ସର୍ବବୃହତ, ଚୀନ୍‌ର ଦ୍ୱିତୀୟ ବୃହତ ଏବଂ ବିଶ୍ୱର ଷଷ୍ଠ ବୃହତମ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଲିଜଡ୍ ଓ ଫ୍ରାଂଚାଇଜଡ୍ ହୋଟେଲ, ହୋମ୍ ଆଣ୍ଡ୍ ଲିଭିଂ ସ୍ପେସ୍ ଶୃଙ୍ଖଳା ଓୟୋ ହୋଟେଲସ୍ ଆଣ୍ଡ୍ ହୋମସ୍ ପକ୍ଷରୁ ଆଜି ଓଡ଼ିଶାର ସଂପ୍ରସାରଣ ଯୋଜନା ବିଷୟରେ ଘୋଷଣା କରାଯାଇଛି। ଏହି ହୋଟେଲ୍ ଶୃଙ୍ଖଳା ଯାହା ଅଧୀନରେ ଏବେ ରାଜ୍ୟର ୫୪୦୦ରୁ ଅଧିକ ସ୍ୱତନ୍ତ୍ର କୋଠରୀ, ୩୩୦ରୁ ଅଧିକ ହୋଟେଲ୍ ରହିଛି ତାହା ନିଜର ଉପସ୍ଥିତିକୁ ବଢ଼ାଉଛି ଏବଂ ୨୦୧୯ ଶେଷ ସୁଦ୍ଧା ସେହି ସଂଖ୍ୟାକୁ ୧୦,୫୦୦ରୁ ଅଧିକରେ ପହଂଚାଇବାକୁ ଲକ୍ଷ୍ୟ ରଖିଛି। ୨୦୧୫ ଅଗଷ୍ଟରେ ଓଡ଼ିଶାରେ ଉନ୍ମୋଚନ ହେବା ପର ଠାରୁ ଓୟୋ ପକ୍ଷରୁ ହଜାର ହଜାର ଅତିଥିଙ୍କୁ ଆତିଥେୟତା ପ୍ରଦାନ କରାଯାଇଥିବା ବେଳେ ସେହି ସମୟରେ ୩୩୦ରୁ ଅଧିକ ସଂପତି ମାଲିକଙ୍କ ପାଇଁ ଉଚ୍ଚ ଆୟକୁ ନିଶ୍ଚିତ କରାଯାଇଛି। ରାଜ୍ୟରେ ଓୟୋର ପରିଚାଳନାକୁ ୧୮୦ରୁ ଅଧିକ ଓୟୋପ୍ରେନ୍ୟୁୟର୍ ସହଯୋଗ ପ୍ରଦାନ କରୁଛନ୍ତି ଯେଉଁମାନେ ଗୁଣାତ୍ମକ ଲିଭିଂ ସ୍ପେସ୍ ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଅକ୍ଳାନ୍ତ ପ୍ରତିବଦ୍ଧତାର ସହିତ କାମ କରୁଛନ୍ତି। କଂପାନି ଆସନ୍ତା ପାଂଚ ବର୍ଷରେ ସାରା ଓଡ଼ିଶାରେ ୬୦୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି।

ଏହି ବିକାଶ ପ୍ରକ୍ରିୟା ବିଷୟରେ ଆଦିତ୍ୟ ଘୋଷ, ସିଇଓ-ଭାରତ ଓ ଦକ୍ଷିଣ ଏସିଆ, ଓୟୋ ହୋଟେଲସ୍ ଆଣ୍ଡ୍ ହୋମସ୍ କହିଛନ୍ତି ଯେ, "ନିରନ୍ତର ଭାବେ ଅତି ଉଚ୍ଚ ଫଳାଫଳ ପ୍ରଦାନ କରୁଥିବା ସୁଦୃଢ଼ ବଜାର ମଧ୍ୟରେ ଓଡ଼ିଶା ରହିଛି ଏବଂ ଆମେ ରାଜ୍ୟରେ ଆମର ଉପସ୍ଥିତିକୁ ଆହୁରି ବଢ଼ାଇବା ଓ ଗଭୀର କରିବାକୁ ଚାହୁଁଛୁ। ଆମ ସେବାର ଶୁଭାରମ୍ଭ ପର ଠାରୁ ଆମେ କ୍ଷୁଦ୍ର ଓ ସ୍ୱାଧୀନ ସଂପତି ମାଲିକଙ୍କ ସହ ସହଯୋଗିତା ସ୍ଥାପନ କରିଛୁ,




ପ୍ରଯୁକ୍ତି, ପରିଚାଳନା, ରାଜସ୍ୱ ପରିଚାଳନା, ନବୀକରଣ ଏବଂ ପରିବର୍ତନ କ୍ଷେତ୍ରରେ ଆମର ରହିବା ବିଶେଷତାକୁ ସେମାନଙ୍କ ବ୍ୟବସାୟକୁ ସଫଳ କରିବା ପାଇଁ ପ୍ରଦାନ କରିଛୁ। ଆମ ଶୃଙ୍ଖଳାର ଏକ ଅଂଶ ହେବା ଏବଂ ଗୁଣାତ୍ମକ ଲିଭିଂ ସ୍ପେସ୍ ସୃଷ୍ଟି କରିବା ପାଇଁ ଓୟୋର ରହିଥିବା ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆମକୁ ସହଯୋଗ କରୁଥିବା ୩୩୦ରୁ ଅଧିକ ସଂପତି ମାଲିକଙ୍କ ନିକଟରେ ଆମେ କୃତଜ୍ଞ। ୨୦୧୯ ଶେଷ ସୁଦ୍ଧା ଆମେ ଓଡ଼ିଶାରେ ଆମର ଉପସ୍ଥିତିକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛୁ ଏବଂ ସେହି ସମୟରେ ଆମର କୋଠରି ସଂଖ୍ୟାକୁ ୧୦, ୫୦୦ରୁ ଅଧିକରେ ପହଂଚାଇବା ସହିତ ଯାତ୍ରୀଙ୍କ ପାଇଁ ଉନ୍ନତ ଏବଂ ଉଚ୍ଚ ଗୁଣାତ୍ମକ ରହଣୀ ସ୍ଥାନକୁ ନିଶ୍ଚିତ କରିବୁ।''

ନିକଟରେ ଉନ୍ମୋଚିତ ହୋଇଥିବା ଏହାର "କ୍ୟାସ୍ ଇନ୍ ବ୍ୟାଙ୍କ" ସୁବିଧା ଜରିଆରେ କଂପାନି ପକ୍ଷରୁ ସଂପତି ମାଲିକମାନଙ୍କୁ ବନ୍ଧକ ମୁକ୍ତ, କମ୍ କାଗଜପତ୍ର ଭିତିକ ଏବଂ ଶୀଘ୍ର ଆବଂଟନ (୪୮ ଘଂଟାରେ) ସହିତ ଗ୍ୟାରେଂଟି ବ୍ୟବସାୟ ଅଗ୍ରିମ ପ୍ରଦାନ କରି, ଓୟୋ ପକ୍ଷରୁ ଫନି ବାତ୍ୟା ଦ୍ୱାରା ପ୍ରଭାବିତ ହୋଟେଲ୍‌ଗୁଡ଼ିକୁ ତତ୍କାଳ ଜରୁରୀକାଳୀନ ସହାୟତା ପ୍ରଦାନ କରାଯାଉଛି। ନିଜକୁ ପୁନରୁଦ୍ଧାର କରିବା ଏବଂ ନିଜ କାରବାରକୁ ଆରମ୍ଭ କରିବା ପାଇଁ ଆର୍ଥିକ ସହଯୋଗ ଦରକାର କରୁଥିବା ଓଡ଼ିଶାର ସଂପତି ମାଲିକମାନଙ୍କ ନିମନ୍ତେ ଏହା ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିଛି।

ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ପଟ୍ଟନାୟକ, ଓୟୋ ୧୬୫୮୬ର ପ୍ରଗତି ବିଚ୍ ରିସୋର୍ଟ ଓ ଓୟୋ ୯୦୧୦ ହୋଟେଲ୍ ରେଲ୍‌ଭିଉର ମାଲିକ, ଓୟୋ ହୋଟେଲସ୍ ଆଣ୍ଡ୍ ହୋମସ୍ ସହିତ ନିଜର ଅଭିଜ୍ଞତାକୁ ବର୍ଣ୍ଣନା କରି କହିଛନ୍ତି ଯେ, "୨୦୧୭ ମେ'ରେ ମୁଁ ମୋର ପ୍ରଥମ ହୋଟେଲ୍ ରେଲଭିଉକୁ ଭୁବନେଶ୍ୱରରେ ଆରମ୍ଭ କରିଥିଲି। କ୍ଷେତ୍ର ଭିତିକରେ ମାର୍କେଟିଂ ଓ ପରିଚାଳନା ସହାୟତାର ଅଭାବ ଯୋଗୁ ପ୍ରାରମ୍ଭିକ ପର୍ଯ୍ୟାୟରେ ହୋଟେଲ୍‌ରେ ଅତିଥି ରହଣୀ ପରିମାଣ (ଅକ୍ୟୁପାନ୍‌ସି) କମ୍ ରହୁଥିଲା। ଓୟୋର ଟିମ୍ ରେଲ୍‌ଭିଉର ପ୍ରତିଟି କ୍ଷେତ୍ର ଯଥା ପରିଚାଳନା, ଅତିଥି ସେବା, ଲଣ୍ଡ୍ରି ଇତ୍ୟାଦିରେ ସହଯୋଗ ପ୍ରଦାନ କରିଥିଲେ। ୨୦୧୭ ଡିସେମ୍ବର ସୁଦ୍ଧା ଅକ୍ୟୁପାନ୍‌ସି ସ୍ତର ୧୦୦%କୁ ବୃଦ୍ଧି ପାଇଥିଲା।

# ଓକ୍ରିଜ୍ ଇଟଂରନ୍ୟାସନାଲ୍ ସ୍କୁଲ୍‌ର "ଗିଭ୍ ୱେ ଟୁ ଆମ୍ବୁଲାନ" ଅଭିଯାନ

ଭୁବନେଶ୍ୱର,୧୨।୬ (ନି.ପ୍ର): ଓକ୍ରିଜ୍ ଇଟଂରନ୍ୟାସନାଲ୍ ସ୍କୁଲ୍, ଭାଇଜାଗ୍ କ୍ୟାମ୍ପସର ଛାତ୍ରଛାତ୍ରୀମାନେ "ଗିଭ୍ ୱେ ଟୁ ଆମ୍ବୁଲାନ୍ସ" ଅଭିଯାନରେ ଆମ୍ବୁଲାନ୍ସକୁ ପଥ ପ୍ରଦାନ କରିବା ଏବଂ ରୋଗୀଙ୍କ ଜୀବନ ବଂଚାଇବା ପାଇଁ ତାହାକୁ ଟ୍ରାଫିକ୍ ଭିଡ଼ ଭିତରେ ନ ଅଟକାଇବା ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଭୁବନେଶ୍ୱର ଓ କଟକର ପୋଲିସ କମିସନର ଶ୍ରୀଯୁକ୍ତ ସତ୍ୟଜିତ ମହାନ୍ତିଙ୍କ ଦ୍ୱାରା ଏହି ଅଭିଯାନର ଶୁଭାରମ୍ଭ।

ପରିବାର, ବନ୍ଧୁ ପରିଜନ ଏବଂ ପଡ଼ୋଶୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ବ୍ୟତୀତ ଛାତ୍ରଛାତ୍ରୀମାନେ ସମାଜର ବିଭିନ୍ନ ପ୍ରଭାବଶାଳୀ ଲୋକଙ୍କ ପାଖରେ ପହଚିଂଛନ୍ତି ଏବଂ ଏହି ବିଷୟରେ ଲୋକମାନଙ୍କୁ ଆହୁରି ସଚେତନ କରାଇବା ପାଇଁ ସେମାନଙ୍କୁ ଶପଥ ପାଠ କରାଇଛନ୍ତି।



ଏହି ଅଭିଯାନର ଅଂଶ ସ୍ୱରୂପ ଟି ଭି ନୀଳିକଣ୍ଠ (ଓକ୍ରିଜ୍ କର୍ମଚାରୀ) କଟକ ଓ ଭୁବନେଶ୍ୱରର ପୋଲିସ କମିସନର ଆଇପିଏସ ଶ୍ରୀଯୁକ୍ତ ସତ୍ୟଜିତ ମହାନ୍ତିଙ୍କୁ ସାକ୍ଷାତ କରିଛନ୍ତି ଏବଂ ରୋଗୀଙ୍କ ପାଇଁ କିଭଳି ପ୍ରତି ସେକେଣ୍ଡ୍ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତି ଚାରି ମିନିଟ୍‌ର ବିଳମ୍ବରେ କିଭଳି ଗୁରୁତର ପୀଡ଼ିତଙ୍କ ବଂଚିବାର ସମ୍ଭାବନା ୭୦%ରୁ ୭%କୁ ହ୍ରାସ ପାଇଥାଏ ତାହା ବର୍ଣ୍ଣନା କରିଛନ୍ତି।

ଏହି ଶପଥ ଗ୍ରହଣ କରି ଏବଂ ଏ ସମ୍ପର୍କରେ ଶ୍ରୀଯୁକ୍ତ ସତ୍ୟଜିତ ମିଶ୍ର, ଆଇପିଏସ, ପୋଲିସ କମିସନର, ଭୁବନେଶ୍ୱର ଓ କଟକ କହିଛନ୍ତି ଯେ, "ଏଭଳି ଏକ ଭଲ କାର୍ଯ୍ୟକ୍ରମ ପାଇଁ ମୁଁ ଓକ୍ରିଜର ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ସମୟ ବଂଚାଇ ଲୋକଙ୍କ ଜୀବନ ବଂଚାଇବାରେ ସାଧାରଣ ଲୋକଙ୍କୁ ସଚେତନ ଓ ଶିକ୍ଷିତ କରିବାର ଏହି ଉଦ୍ୟମକୁ ମୁଁ ପ୍ରଶଂସା କରୁଛି। ଆମ୍ବୁଲାନ୍ସକୁ ବାଟ ଛାଡ଼ିବା ଏବଂ କେବେବି ତାହାର ପଥ ନରୋକିବା ପାଇଁ ମୁଁ ମଧ୍ୟ ଅଧିକରୁ ଅଧିକ ଲୋକମାନଙ୍କୁ ସଚେତନ କରିବାକୁ ଉଦ୍ୟମ କରିବି।''

ଏହି ସଚେତନତା ଅଭିଯାନ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଓକ୍ରିଜ୍ ଇଟଂରନ୍ୟାସନାଲ୍ ସ୍କୁଲ୍‌ର ନିର୍ଦ୍ଦେଶକ ନଳିନ୍ ଶ୍ରୀବାସ୍ତବ କହିଛନ୍ତି ଯେ, "ଗତ ମାର୍ଚ୍ଚ ଶେଷରେ ଏହି ଅଭିଯାନକୁ କ୍ରିକେଟ୍ ଖେଳାଳୀ ଭିଭିଏସ୍ ଲକ୍ଷ୍ମଣ ଆମ ସ୍କୁଲ ପରିସରରେ ଶୁଭାରମ୍ଭ କରିଥିଲେ ଯେଉଁଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତର ୭୫୦ ଛାତ୍ରଛାତ୍ରୀ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଆଗେଇ ଆସିଥିଲେ। ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ଉତ୍ସାହର ସହ ଏହି ଅଭିଯାନର ଅଂଶ ହୋଇଥିଲେ ଏବଂ ଟ୍ରାଫିକ୍ ଯୋଗୁ ଆମ୍ବୁଲାନ୍ସ ଚାଲିବାରେ ହେଉଥିବା ବିଳମ୍ବକୁ ବୁଝିଥିଲେ, ହସ୍ପିଟାଲ୍ କର୍ତୃପକ୍ଷ ଓ ପୀଡ଼ିତଙ୍କ ପରିବାର, ଟ୍ରାଫିକ ବିଭାଗ ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସହ କଥା ହୋଇଥିଲେ ଏବଂ ଏହା ଜଣାପଡ଼ିଥିଲା ଯେ ଆମ୍ବୁଲାନ୍ସରେ ନିଆଯାଉଥିବା ରୋଗୀଙ୍କ ବଂଚିବାର ସମ୍ଭାବନା ୭୦% ରହିଥାଏ ଏବଂ ସୁବର୍ଣ୍ଣ ଘଂଟା (ଆମ୍ବୁଲାନ୍ସରେ ରୋଗୀଙ୍କୁ ହସ୍ପିଟାଲ୍ ପର୍ଯ୍ୟନ୍ତ ନେବା ଏବଂ ଦୁର୍ଘଟଣା କିମ୍ବା ରୋଗର ଚିକିତ୍ସା ଆରମ୍ଭ ହେବା ପର୍ଯ୍ୟନ୍ତର ସମୟ) ଅନେକ ଜୀବନ ବଂଚାଇପାରିବ।

# ପିତୃତ୍ୱ ଦିବସ ଉପଲକ୍ଷେ ଜିପ୍ପୋ ସ୍ୱାର୍କର ଧମାକା

ନୂଆଦିଲ୍ଲୀ,୧୨।୬: ଜିପ୍ପୋ ସ୍ୱାର୍କ କୁ ବ୍ୟବହାର କରି ପିତୃତ୍ୱ ଦିବସ ର ଉତ୍ସବ ମନାଇବାର ଏକ ସୁବର୍ଣ୍ଣ ସୁଯୋଗ । ପିତା ହେଉଛନ୍ତି ପୁତ୍ରର ପ୍ରଥମ ପ୍ରେରଣାଦାୟକ ଓ ଝିଅର ପ୍ରଥମ ଅନନ୍ତ ପ୍ରେମର ପ୍ରତୀକ । ପିତା ଠାରୁ ପିଲାଙ୍କ ପାଇଁ କେହି ନିକଟତର ନୁହଁନ୍ତି । ଜୀବନର ପ୍ରଥମ ସକାଳର ପ୍ରଶ୍ନପତ୍ର ଠାରୁ ରାତ୍ରିର ଶୟନପୂର୍ବରୁ ଆଇସ୍କ୍ରିମ୍ ଖାଇବା ପର୍ଯ୍ୟନ୍ତ, ପିତାଙ୍କ କାର୍ଯ୍ୟାବଳୀ ଏକ ସଫଳ ସୁଦୂର ପ୍ରସାରୀ ଯାତ୍ରାର ବିରଳତମ ଉଦାହରଣ । ଏହାକୁ ଅତ୍ୟନ୍ତ ସୁଦୃଢ ଓ ସମୟଉପଯୋଗୀ କରିବା ନିମନ୍ତେ ଜିପ୍ପୋ ଲାଇଟର ହେଉଛି ଏକ ବଳିଷ୍ଠ ଉପହାର ।

ଏହି ଲାଇଟର ର ଧାତବ୍ୟ ଗଠନ ପ୍ରଣାଳୀ ଓ ବିଭିନ୍ନ ଖେଳିବା ଶୈଳୀ ପିତାଙ୍କୁ ବହୁତ ଖୁସି କରିବାର ସହାୟକ ହେବ । ଏହି ଲାଇଟରକୁ ବଞ୍ଚିବା ପର୍ଯ୍ୟନ୍ତ ଏପହାର ରୁପେ ପରିଗଣିତ କରାଯିବା ସହିତ ପିତା ଓ ସନ୍ତାନ ଙ୍କ ସଂପର୍କରେ ଅଧିକ ସୁଦୃଢ ସ୍ମରଣୀୟ କରି ରଖିବ । ଗତ ୮୦ ବର୍ଷ ଧରି ଜିପ୍ପୋ ବ୍ରାଣ୍ଡ୍ ଏହାର କାରବାର ଜାରି ରଖିଥିବାବେଳେ ଏହାର ଉତ୍ପାଦ ଗୁଡିକୁ ବ୍ୟବହାର କରିବା ସହଜ ଜନକ। ଏହାର ଗୁଣବର୍ତା ତଥା ବିଶ୍ୱାସନୀୟତା ଗ୍ରାହକଙ୍କୁ ଆକୃଷ୍ଟ କରିପାରିଛି। ଫଳରେ ଏହା ବିଶ୍ୱର ସାଂସ୍କୃତିକ ବ୍ରାଣ୍ଡ୍ ଭାବରେ ନିଜର ଉପସ୍ଥିତି ସୁଦୃଢ଼ କରିପାରିଛି। ସମ୍ପ୍ରତି କେବଳ ୟୁନାଇଟେଡ୍ ଷ୍ଟେଟସ୍‌ରେ ଜିପ୍ପୋ ୱିଣ୍ଡପ୍ରୁଫ୍ ଲାଇଟର ୪ନିୟୁତ ବ୍ୟବହାରକାରୀଥିବାବେଳେ ବିଶ୍ୱବ୍ୟାପି ୧୧ଟି ଅଫିସର କ୍ଲବ୍‌ରେ ଏହାକୁ ବ୍ୟବହାର କରାଯାଉଛି। ବିଭିନ୍ନ ରେଞ୍ଜ୍‌ର ଆକର୍ଷଣୀୟ ଜିପ୍ପୋ ଲାଇଟର୍ ଗ୍ରାହକ ଅନ୍‌ଲାଇନ୍ ପ୍ଲାଟଫର୍ମରୁ କ୍ରୟ କରିବା ସହିତ ଦେଶର ୧୦ଟି ପ୍ରମୁଖ ସହରର ୨୮ଟି ୱିଲିୟମ୍ ପେନ୍ନ ଷ୍ଟୋର ତଥା ୩ଟି ସପ୍-ଇନ୍-ସପ୍‌ରୁ ମଧ ସହଜରେ କ୍ରୟ କରିପାରିବେ।

ସୂଚନା ଯୋଗ୍ୟ ଯେ, ଜିପ୍ପୋ ବ୍ରାଣ୍ଡ ୧୯୩୨ ମସିହାରେ ଜର୍ଜ ଜି.ବାଲିସଡେଲଙ୍କ ଦ୍ୱାରା ପେନସିଲ୍‌ଭାନିଆର ବ୍ରାଡ୍‌ଫୋର୍ଡ ଠାରେ ସ୍ଥାପିତ ହୋଇଥିଲା। କମ୍ପାନୀ ବାର୍ଷିକ ୫୫୦ ନିୟୁତରୁ ଅଧିକ ୱିଣ୍ଡ ପ୍ରୁଫ୍ ଲାଇଟର୍ ନିର୍ମିତ କରିଥାଏ। ଏହା ବୁଟେନ୍ କ୍ୟାଣ୍ଡେଲ୍ ଲାଇଟର, ଫ୍ରାଗ୍ରାନ୍ସ ଲାଇଟର ସହିତ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରିଥାଏ। ଜିପ୍ପୋ ବିଶ୍ୱବ୍ୟାପି ୧୮୦ରୁ ଅଧିକ ଦେଶରେ କାରବାର ଜାରି ରଖିଛି।

# ଭାରତ ପାଇଁ କିଆ ମୋଟର୍ସର ପ୍ରଥମ ମିଡ଼-ଏସ୍‌ୟୁଭି, ସେଲ୍ଟୋସ୍

ଭୁବନେଶ୍ୱର,୧୨।୬ (ନି.ପ୍ର): ବିଶ୍ୱର ଅଷ୍ଟମ ବୃହତ ଅଟୋ ପ୍ରସ୍ତୁତକାରୀ କିଆ ମୋଟର୍ସ, ଭୁବନେଶ୍ୱରରେ ଏକ ପ୍ରେସ୍ କନ୍‌ଫରେନ୍ସରେ ଭାରତରେ ଏହାର ବ୍ୟବସାୟ ଯୋଜନା ଓ ସଂପ୍ରସାରଣ ରଣନିତୀର ଘୋଷଣା କରିଛି। ଶ୍ରୀଯୁକ୍ତ ମନୋହର ଭଟ, ବିକ୍ରି ଓ ବଜାର ମୂଖ୍ୟ କିଆ ମୋଟର୍ସ ଇଣ୍ଡିଆ ଘୋଷଣା କରିଛନ୍ତି ଯେ, ଜୁନ୍ ୨୦ରେ କମ୍ପାନୀ ବହୁ ପ୍ରତିକ୍ଷୀତ ସେଲ୍ଟୋସର ୱାର୍ଲ୍‌ଡ ପ୍ରିମିୟର୍ ପରିଚାଳନା କରିବା ନିମନ୍ତେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଏହି ବର୍ଷ ଦ୍ୱିତୀୟ ଅର୍ଦ୍ଧକରେ ଶୁଭାରମ୍ଭ ହେଉଥିବା ଏହାର ନୂତନ ଉତ୍ପାଦ ଭାରତରେ ଶୁଭାରମ୍ଭ କରିସାରିବା ପରେ, ପ୍ରତି ଛଅରୁ ନଅ ମାସରେ ଏକ ନୂତନ କାର୍ ଶୁଭାରମ୍ଭ କରିବାକୁ ଲକ୍ଷ୍ୟ ରଖି, କିଆ ୨୦୨୧ସୁଦ୍ଧା ଅନ୍ତତଃ ୫ଟି ଗାଡ଼ି ସହିତ ଏହାର ସୃଙ୍ଖଳକୁ ସଂପ୍ରସାରିତ କରିବାକୁ ଯୋଜନା କରିଛି। ଏହା ସହିତ ସର୍ବୋତ୍କୃଷ୍ଟ ଡିଜାଇନ୍ ଭାଷା, ଖେଳୁଆଡ଼ ଗୁଣ ଓ ବିଶ୍ୱସନୀୟତା ସହିତ ବିଶ୍ୱସ୍ତରୀୟ ଉତ୍ପାଦ ପ୍ରଦାନ କରି, ସେ ବିଶ୍ୱରେ ଦୃତଗତିରେ ବଢ଼ିଚାଲିଥିବା ଅଟୋମୋଟିଭ୍ ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି। ଜାନୁଆରୀ ୨୯, ୨୦୧୯ରେ କିଆ ମୋଟର୍ସ ଇଣ୍ଡିଆ ଆଗକୁ ଆସୁଥିବା ମିଡ଼-ଏସ୍‌ୟୁଭିର ଟ୍ରାୟଲ୍ ଉତ୍ପାଦନର ଆରମ୍ଭ କରିଥିଲା ଏବଂ ଏହାର ପ୍ରଥମ କାର୍ ସେଲ୍‌ଟସ୍‌ର ଛଦ୍ମାବୃତ ଭର୍ସନର ପ୍ରଦର୍ଶନ କରିଥିଲା, ଯାହା ଭାରତରେ କିଆର ଆରମ୍ଭକୁ ଉତ୍ସାହିତ କରିଥିଲା ଓ ବ୍ରାଣ୍ଡର ଚିନ୍ତାଧାରା "ପାୱାର ଅଫ୍ ସରପ୍ରାଇଜ୍"କୁ ପୁନଃସ୍ମରଣ କରିଥିଲା। କିଆ ସେଲ୍ଟୋସ ବିଶାଳ ୫୩୬ ଏକର କ୍ଷେତ୍ରଫଳ ବିଶିଷ୍ଟ ଅନନ୍ତପୁର କିଆ ଉତ୍ପାଦନ କେନ୍ଦ୍ରରେ ନିର୍ମିତ ହେଉଛି,



ଯାହାର ବାର୍ଷିକ ୩୦୦,୦୦୦ରୁ ଅଧିକ ଗାଡ଼ି ଉତ୍ପାଦନ କରିବା ଓ ଏହି ଅଞ୍ଚଳରେ ୧୦,୦୦୦ରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ତଥା ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବାର କ୍ଷମତା ରହିଛି। ଦୁଇ ବିଲିୟନ ୟୁଏସ୍ ଡଲାର୍ ବ୍ୟୟ କରି କିଆ ଓ ଏହାର ଅଂଶୀଦାର ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଓ ଉଚ୍ଚମାନର ସ୍ଥାନୀୟ ଉତ୍ପାଦନ ଦକ୍ଷତାର ବିକାଶକୁ ନିଶ୍ଚିତ କରିଛନ୍ତି। ଏହି ପ୍ଲାଣ୍ଟର ମଧ ହାଇବ୍ରିଡ଼ ଓ ଇଲେକ୍ଟ୍ରିକ୍ ଗାଡ଼ି ନିର୍ମାଣ କରିବାର କ୍ଷମତା ରହିଛି। କିଆ ମୋଟର୍ସ ପ୍ରତି ଛଅରୁ ନଅ ମାସରେ ଏକ ନୂତନ କାରର ଶୁଭାରମ୍ଭ କରି ଏହାର ସୃଙ୍ଖଳକୁ ସଂପ୍ରସାରିତ କରିବାର ଯୋଜନା କରୁଛି, ଯାହା ୨୦୨୧ ସୁଦ୍ଧା ଅନ୍ତତଃ ୫ଟି ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି। ବିଶ୍ୱସ୍ତରରେ କମ୍ପାନୀର ପ୍ରତିଶ୍ରୁତି 'ଦି ପାୱାର ଅଫ୍ ସରପ୍ରାଇଜ୍'କୁ ବାସ୍ତବ କରିବା ପାଇଁ, କିଆ ଅନୁଭୂତି ପ୍ରଦାନ କରିବାକୁ ଯୋଜନା କରୁଛି, ଯାହା ଅଶାଠାରୁ ଅଧିକ ଅଟେ। ବ୍ରାଣ୍ଡ ବିଶ୍ୱସ୍ତରୀୟ ଗାଡ଼ିର ଯତ୍ନ ନେବା ଓ ଠିକ୍ କରିବା ସେବା ସହିତ ଭବିଷ୍ୟତର ନମନୀୟତା, ଡିଜାଇନ୍, ଉତ୍ପାଦ, ଓ ସକ୍ଷମତା ଉପରେ ଦୃଷ୍ଟି କେନ୍ଦ୍ରିତ କରୁଛି, ଯାହା ଭାରତୀୟ ଗ୍ରାହକାମାନଙ୍କୁ ସର୍ବୋତ୍କୃଷ୍ଟ ମାଲିକାନା ଅନୁଭୁତି ପ୍ରଦାନ କରି ଦେଶରେ ଶକ୍ତ ଭିତିଭୂମି ପ୍ରତିଷ୍ଠା କରୁଛି। ଭାରତ ବଜାରରେ ପ୍ରବେଶ କରିବା ଦିନଠାରୁ କିଆ ମୋଟର୍ସ ଭାରତ ଓ ଗ୍ରାହକମାନଙ୍କ ସମ୍ପର୍କରେ ଏକ ଶକ୍ତ ବିକ୍ରି ଓ ନେଟୱାର୍କ ଉପସ୍ଥିତିକୁ ବିକାଶ କରିବା ଦିଗରେ ଦୃଷ୍ଟି ଦେଉଛି। ଏକ କିଆକୁ କିଣିବା ପାଇଁ ପ୍ରକ୍ରିୟାକୁ ଆହୁରି ସରଳ କରିବା ପାଇଁ, ଅଟୋନିର୍ମାତା ୮ଟି ଭାରତର ପ୍ରମୁଖ ବ୍ୟାଙ୍କମାନଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି, ଯାହା ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫ୍‌ର ସହିତ ଆର୍ଥିକ ସମାଧାନ ପ୍ରଦାନ କରୁଛି। ଏହା ଟାୟାର ୨, ୩ ଓ ୪ ବଜାରରେ ବ୍ରାଣ୍ଡର ପ୍ରବେଶକୁ ତ୍ୱରାନ୍ୱିତ କରୁଛି।

ଏହା ସହିତ କିଆ ମୋଟର୍ସ ଇଣ୍ଡିଆ ଏହାର ରୋଡ଼ସୋର ଦ୍ୱିତୀୟ ଅଧ୍ୟାୟ ୨ ମାସରେ ୨୬ଟି ସହର ସହିତ ୧୫,୦୦୦ କିମି ଅତିକ୍ରମ କରି ସମାପ୍ତ କରିଛି। ଏହି କାର୍ଯ୍ୟକ୍ରମ ମାଧମରେ କିଆ ମୋଟର୍ସ ଇଣ୍ଡିଆ ସାରା ଦେଶରେ ୧୦,୦୦୦ରୁ ଉର୍ଦ୍ଧ୍ୱ ସକ୍ରିୟ ଗ୍ରାହକ ଓ କ୍ରେତାମାନଙ୍କ ନିକଟରେ ପହଞ୍ଚିସାରିଛି। ବିଶ୍ୱସ୍ତରରେ କିଆ ମୋଟର୍ସ କର୍ପୋରେସନ୍‌ର ୨୦୦୮ଠାରୁ ଦୁଇଗୁଣରୁ ଅଧିକ ବିକ୍ରି ହୋଇଛି। ଗତ ବର୍ଷ ଏହା ୨୮ ଲକ୍ଷ କାର ବିକ୍ରି କରିଥିବା ସୂଚନା ମିଳିଛି। କିଆ ମୋଟର୍ସ କର୍ପୋରେସନ୍ ୨୦୨୫ ସୁଦ୍ଧା ୧୬ଟି ବିଦ୍ୟୁତଚାଳିତ ଯାନର ଶୁଭାରମ୍ଭ କରିବା ଏବଂ ଆଗକୁ ଆସୁଥିବା ପିଢ଼ିମାନଙ୍କ ପାଇଁ ବିଶ୍ୱକୁ ସବୁଜ ଓ ସ୍ୱଚ୍ଛ କରିବା ଯୋଜନା ରଖିଛି। କମ୍ପାନୀ ଏହାର ଚାରିଟି ବିଶ୍ୱସ୍ତରୀୟ ଇକୋଫ୍ଲିଟ୍ କାର୍ ପ୍ରଦାନ କରି ଓ ଆନ୍ଧ୍ରପ୍ରଦେଶ ସଚିବାଳୟଠାରେ ଏକ ଚାର୍ଜିଂ ଷ୍ଟେସନ୍ ପ୍ରତିଷ୍ଠା କରି ଆନ୍ଧ୍ରପ୍ରଦେଶ ସହିତ 'ପାର୍ଟନରସିପ୍ ଅଫ୍ ଫ୍ୟୁଚର ଇକୋ ମୋବୋଲିଟି' ନିମନ୍ତେ ସହଯୋଗ କରିବା ଉପରେ ଏକ ଚୁକ୍ତି ସ୍ୱାକ୍ଷରିତ କରିଛି। କିଆର ଯାନଗୁଡ଼ିକ ଆଜି ବିଶ୍ୱରେ ଉଚ୍ଚମାନର ଉତ୍ପାଦ ଅଟନ୍ତି। କିଆ ୟୁଏସ୍ଏରେ ବିକ୍ରି କରାଯାଉଥିବା ଅନ୍ୟ ସମସ୍ତ ବିଶଶ୍ୱସ୍ତରୀୟ ଅଟୋମୋବାଇଲ୍ ବ୍ରାଣ୍ଡମାନଙ୍କୁ ପଛରେ ପକାଇ ଲାଗାତାର ଗତ ଚାରି ଧରି ଜେଡି ପାୱାରର୍ସ କ୍ୱାଲିଟି ଷ୍ଟଡ଼ିରେ ସର୍ବୋଚ୍ଚ ସ୍ଥାନରେ ରହିଆସଛି।



# ଏମ୍‌ଜି(ମୋରିସ୍ ଗ୍ୟାରେଜ୍) ମୋଟର ପକ୍ଷରୁ 'ହେକ୍ଟର' ର ଭୁବନେଶ୍ୱର ବଜାର ପ୍ରବେଶ



**ଭୁବନେଶ୍ୱର,୧୨।୬ :** ଏମ୍‌ଜି(ମୋରିସ୍ ଗ୍ୟାରେଜ୍)ମୋଟର ପକ୍ଷରୁ ଭୁବନେଶ୍ୱରରେ ଏହାର ଇଂଟରନେଟ୍ କାର୍ 'ହେକ୍ଟର'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଶ୍ରୀ ସୁଧିର ସାମଲ (ସାମାଜିକ କର୍ମି ତଥା ଏମ୍‌ଏଲଏ ଢେଙ୍କାନାଳ ନିର୍ବାଚନମଣ୍ଡଳି), ଶ୍ରୀ କୁମାର ଗୌରବ ସାମଲ(ସାମଲ କେୟାର, ଅନୁଗୁଳ) ଶ୍ରୀ ଗଙ୍ଗାଧର ସାମଲ(ନର୍ଦ୍ଦେଶକ,ଏମ୍‌ଶ୍ରିଓ ହ୍ୱିଲସ୍ ପ୍ରା.ଲି., ଭୁବନେଶ୍ୱର), ଶ୍ରୀମତି ନୁପୁର ଜେନ(ଆଂଚଳିକ ବ୍ୟବସାୟ ପରିଚାଳକ, ମୋରିସ୍ ଗ୍ୟାରେଜ୍) ଏବଂ ଶ୍ରୀ ଅଭିନାଶ ସାମଲ(ପରିଚାଳନା ନର୍ଦ୍ଦେଶକ, ଏମ୍‌ଶ୍ରିଓ ହ୍ୱିଲସ୍ ପ୍ରା.ଲି., ଭୁବନେଶ୍ୱର) ପ୍ରମୁଖ ଉପସ୍ଥିତ ଥିଲେ । ଏହା ଭାରତର ପ୍ରଥମ ଇଂଟରନେଟ୍ କାର୍ ଏବଂ ଏଥିରେ ୫୦ରୁ ଅଧିକ କନେକ୍ଟେଡ୍ ଫିଚର ସହିତ ୧୯ ଏକ୍ସକ୍ଲୁସିଭ୍ ଫିଚର ରହିଛି। ଏଥିରେ ନେକ୍ସଟ୍-ଜେନ୍ ଆଇ-ସ୍ମାର୍ଟ ଜ୍ଞାନକୌଶଳ ରହିଛି। ଏହା ୧୦.୪ ଇଂଚ ଏଚଡି ଟଚ୍ ସ୍କ୍ରିନ୍ ସହାୟତାରେ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବାକୁ ସକ୍ଷମ ହେବ। ଏହା ସହିତ ଏଥିରେ ବିଳାସପୂର୍ଣ୍ଣ ୪୮ ଭୋଲ୍ଟ ମିଲ୍ଡ-ହାଇବ୍ରିଡ୍ ନିର୍ମାଣ ବୈଶିଷ୍ଟ୍ୟ ରହିଛି। ଭାରତର ପ୍ରଥମ କାର୍ କମ୍ପାନୀ ଭାବେ ଏମ୍‌ଜି ମୋଟରର୍ସ ୪୮ଭି ଜ୍ଞାନକୌଶଳ ଉପଲବ୍ଧ କରାଇବାକୁ ସକ୍ଷମ ହେବ। ଭୁବନେଶ୍ୱରର ଏନ୍‌ଏଚ୍-୧୬ ଠାରେ ଏହାର ଶୋ'ରୁମ୍ ଆଗାମୀ ୧୫ ଦିନ ମଧ୍ୟରେ ଉଦ୍‌ଘାଟିତ ହେବ। ୪୮ ଭି ମିଲ୍ଡ ହାଇବ୍ରିଡ୍ ଜ୍ଞାନକୌଶଳ ପୃଥିବୀର ଲାଟେଷ୍ଟ୍ ପରିବେଶ ଉପଯୋଗୀ ଇଞ୍ଜିନ୍ ଜ୍ଞାନକୌଶଳ। ଏହା ପେଟ୍ରୋଲ ଇଞ୍ଜିନ ନିର୍ଗମନ(ଇମିସନ୍) ହ୍ରାସ କରିବାକୁ ସକ୍ଷମ ହୋଇଥାଏ। ଏଥିରେ ଥିବା ୪୮-ଭୋଲ୍ଟ ଲିଥିୟମ୍ ଆୟନ ବ୍ୟାଟେରୀ ଶକ୍ତି ସଂରକ୍ଷଣ କରିବା ସହିତ ୨୦ଏନଏମ୍‌ର ଏକ୍ସଟ୍ରା ଟର୍କ ଉପଲବ୍ଧ କରାଇ ଗାଡି ଚାଳନାକୁ ସହଜ ଏବଂ ଆରାମଦାୟକ କରିଥାଏ। ଏମ୍‌ଜି ହେକ୍ଟର ଭାରତ ପ୍ରଥମ ଇଂଟରନେଟ୍ କାର୍। ଏଥିରେ ଅନେକ ଆଧୁନିକ ଫିଚରସ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି। ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ତଥା ଉପଯୋଗିତାକୁ ଦୃଷ୍ଟିରେ ରଖି କମ୍ପାନୀ ଶ୍ରେଷ୍ଠ କାର୍ ଉପଲବ୍ଧ କରାଇବାର ପ୍ରୟାସ ଜାରି ରଖିଛି। ଏଥିରେ ଏମ୍‌ଜିର ସିଗ୍ନେଚର ଡିଜାଇନିଂ ଷ୍ଟାର-ରାଇଡର ଗ୍ରୀଲ୍‌କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ଜିଓମେଟ୍ରିକ୍ ଶେପ୍, ହୋରାଇଜେଂଟାଲ ଫ୍ଲୋ ଏବଂ ସିମେଟ୍ରି ଆଦି ରହିଛି। ଭାରତର ପରିବେସ ତଥା ସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ନିର୍ମାଣ କରାଯାଇଛି। ଏହା ଭାରତ ରାସ୍ତାରେ ଏକ ନିୟୁତ କିଲୋମିଟରରୁ ଅଧିକ ଦୂରତା ପରୀକ୍ଷାମୂଳକ ଭାବେ ଯାତ୍ରା କରିଛି । ଏହାର ନିର୍ମାଣ ଗୁଜରାଟର ହାଲୋଲଠାରେ ଥିବା ପ୍ଲାଂଟ୍‌ରେ କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ୨୫୦ ଆଉଟ୍‌ଲେଟ ସ୍ଥାପନ କରିବାର ଯୋଜନା କମ୍ପାନୀ କରିଛି। ଏମ୍‌ଜି ମୋଟର ଇଣ୍ଡିଆ ହାଲ୍ଲୋଲ୍‌ରେ ୨,୨୦୦କୋଟି ଟଙ୍କା ନିବେଶ କରିଛି। କମ୍ପାନୀ ପକ୍ଷରୁ ଏଠାରେ ନୂଆ ଆସେମ୍ବ୍ଲି ଲାଇନ୍, ପ୍ରେସ୍ ଶପ୍, ବଡି ଶପ୍, ପାର୍ଟସ୍ ଡିଷ୍ଟ୍ରିବ୍ୟୁସନ୍ ସେଂଟର, ଟେଷ୍ଟିଂ ଟ୍ରାକ୍ ତଥା ଟ୍ରେନିଂ ସୁବିଧା ଆଦି ରହିଛି।

### ଶିଶୁ ଶ୍ରମ ଧର୍ତ୍ତବ୍ୟ ଅପରାଧ

# ବିଶ୍ୱ ଶିଶୁଶ୍ରମ ନିରୋଧ ଦିବସ ଅବକାଶରେ ଆହ୍ୱାନ

**ଭୁବନେଶ୍ୱର,୧୨।୬(ନିପ୍ର):** ଶିଶୁର ଅଧିକାରକୁ ସୁରକ୍ଷିତ ରଖିବା ପ୍ରତ୍ୟେକ ଜନସାଧାରଣଙ୍କ ଦାୟିତ୍ୱ। ଶିଶୁଶ୍ରମ ପ୍ରଥାର ଉଚ୍ଛେଦ ପାଇଁ ଆବଶ୍ୟକୀୟ ପଦକ୍ଷେପ ଲୋଡ଼ା। ଏଥିପାଇଁ ବ୍ୟାପକ ସଚେତନତା ତଥା ଜନଜାଗରଣର ଆବଶ୍ୟକତା ଉପରେ ଆଜି ସ୍ଥାନୀୟ ଅରବିନ୍ଦ ନଗର ବସ୍ତିଠାରେ ଆୟୋଜିତ ଶିଶୁଶ୍ରମ ନିରୋଧ ଦିବସ ଅବକାଶରେ ସିସିଡବ୍ଲୁଡି ଓ ଆକ୍ସନ ଏଡ଼ର ମିଳିକ ଆନୁକୂଲ୍ୟରେ ଏକଥା ମତପ୍ରକାଶ ପାଇଛି। ଶିଶୁମାନଙ୍କର ସୁରକ୍ଷିତ ଭବିଷ୍ୟତ ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଗୁରୁତ୍ୱାରୋପ କରିବା ସହିତ ଶିଶୁଶ୍ରମକୁ ପ୍ରତ୍ୟେକ ବ୍ୟକ୍ତି ବିରୋଧ କରିବା



ଦରକାର ବୋଲି କହିଥିଲେ। ଏହି ଅବସରରେ ବସ୍ତିର ଜନସାଧାରଣ, ଭୁବନେଶ୍ୱର ୟଙ୍ଗ ଅର୍ବାନ ଓ୍ୱିମେନ ଫୋରମ, ଶିଶୁ କ୍ଲବର ସଦସ୍ୟ ସଦସ୍ୟା, ମହିଳା ମଣ୍ଡଳ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଇପ୍ସିତା ଅଗ୍ରୱାଲ ପ୍ରଦାନ କରିଥିବା ବେଳେ କଲ୍ୟାଣୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ନିରୂପମା ସାମଲ, ଜଳିବାବା ସାହୁ, ସନ୍ଧ୍ୟାରାଣୀ ପ୍ରଧାନ, ମୋନାଲିସା ପାଣିଗ୍ରାହୀ ପ୍ରମୁଖ।

## ତଳଗୋପବିନ୍ଧା ଆକ୍ରମଣ ଘଟଣାରେ ଜଣେ ଗିରଫ

**ତିହିଡ଼ି,୧୨।୬(ନିପ୍ର):** ତିହିଡ଼ି ଥାନା ଅଧୀନ ତଳଗୋପବିନ୍ଧାରେ ଗତ ମେ ୪ ତାରିଖରେ ହୋଇଥିବା ଆକ୍ରମଣ ଘଟଣାରେ ଅରୁଣ କୁମାର ବେହେରା ନାମକ ଜନୈକ ଯୁବକକୁ ଗିରଫ କରାଯାଇଛି। ଆଜି ତାଙ୍କର ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି।

# ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚର ଯାଞ୍ଚ ପାଇଁ ପ୍ରସ୍ତୁତି ବୈଠକ

**କଟକ,୧୨।୬(ନିପ୍ର):** ଗତ ୨୦୧୯ ନିର୍ବାଚନରେ ଜିଲ୍ଲାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀ ମାନଙ୍କର ବିଧାନ ସଭା ଓ ଲୋକସଭା ନିର୍ବାଚନୀ ଖର୍ଚ୍ଚର ଯାଂଚ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶ୍ରୀକାନ୍ତ ତରାଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ନିୟମ ଓ ପ୍ରଣାଳୀ, ଖର୍ଚ୍ଚର ବିବରଣୀ ଦାଖଲ ଆଦି ସମ୍ପର୍କରେ





ସେମାନଙ୍କୁ ଅବଗତ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଆସନ୍ତା ୧୭ ତାରିଖରୁ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିୟୋଜିତ ନିର୍ବାଚନ ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱାରା ପ୍ରାର୍ଥୀ ମାନଙ୍କର ନିର୍ବାଚନୀ ଖର୍ଚ୍ଚର ସବିଶେଷ ଯାଂଚ ପ୍ରକ୍ରୀୟା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଅଛି । ଏହି ବୈଠକରେ ଡେପୁଟି କଲେକ୍ଟର ଶ୍ରୀ ରଂଜିତା ସାହୁ, ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ମଲ୍ଲିକ, ଅତିରିକ୍ତ ଟ୍ରେଜେରୀ ଅଧିକାରୀ ରମେଶ ଚନ୍ଦ୍ର ଘଡାଇ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ : ୪ ଆହତ

**ଢେଙ୍କାନାଳ,୧୨।୬(ନି.ପ୍ର):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ତଥା କାମାକ୍ଷାନଗର ଥାନା ଅଧିନ ବାଟଗାଁ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ୨ ଗୋଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳା ଏବଂ ୨ ଜଣ ଶିଶୁଙ୍କ ସମେତ ୪ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ନିକଟସ୍ଥ ରହଣି ଗ୍ରାମର ବାଇକ ଚାଳକ ଚିରଞ୍ଜିବୀ ପତି (୨୫) ତାଙ୍କ ବାଇକରେ ସମ୍ପର୍କୀୟା ହାରାମଣୀ ପତି (୪୮) ଏବଂ ସ୍ୱୟଂଶ୍ରୀ ପତି (୮) ଓ ଶୁଭମ୍ ପତି (୫)ଙ୍କୁ ବାଇକ୍‌ରେ ବସାଇ କରଗୋଳା ଗ୍ରାମରେ ହେଉଥିବା ଏକ ବାହାଘର ଭୋଜିକୁ ଯାଉଥିଲେ । ସେହି ସମୟରେ ବିପରୀତ ଦିଗରୁ ଦୃତଗତିରେ ଆସୁଥିବା ଜଣେ ବାଇକ୍ ଚାଳକ ଚିରଞ୍ଜିବୀଙ୍କ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେଇ ପଳାଇ ଯାଇଥିବା ବେଳେ ଚିରଞ୍ଜିବୀଙ୍କ ସମେତ ହାରାମଣୀ, ସ୍ୱୟଂଶ୍ରୀ ଏବଂ ଶୁଭମ୍ ଆହତ ହୋଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ । ହାରାମଣୀ ଓ ଶୁଭମ୍‌ଙ୍କ ଗୋଡ ଭାଙ୍ଗି ଅବସ୍ଥା ଗୁରୁତର ଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ ।

## ପୁରୀରେ ଝାଡାବାନ୍ତି ଡାକ୍ତରଖାନାରେ ୨୫୭ ଚିକିତ୍ସାଧୀନ

**ପୁରୀ,୧୨/୬(ନିପ୍ର):** ବାତ୍ୟା ଫନି ପରେ ପୁରୀରେ ଏବେ ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି। ପୁରୀ ସହର ସମେତ ଜିଲ୍ଲାରେ ବିଭିନ୍ନ ଅଂଚଳରେ ଝାଡାବାନ୍ତି ଅଣାୟତ ହୋଇ ପଡିଲାଣି । ସୂଚନା ମୁତାବକ, ମଙ୍ଗଳବାର ଦିନ ପୁରୀ ରେଡ୍‌କ୍ରସ୍ ରୋଡ୍‌ସ୍ଥିତ ସଂକ୍ରାମକ ରୋଗ ଚିକିତ୍ସା କେନ୍ଦ୍ର (ଆଇଡି ହସ୍ପିଟାଲ)ରେ ଦୁଇଶହ ଝାଡା ବାନ୍ତି ରୋଗୀ ଚିକିତ୍ସାଧୀନ ରହିଛନ୍ତି । ଅଧିକାଂଶ ରୋଗୀ ଦୂଷିତ ପାନୀୟ ଜଳ ପିଇ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ସେହିପରି କଲେରା ହସ୍ପିଟାଲରେ ୫୭ଜଣ ଝାଡା ବାନ୍ତି ରୋଗୀ ଚିକିତ୍ସା ପାଇଁ ଭର୍ତି ହୋଇଛନ୍ତି । ଗତକାଲି ୮୦ ରୋଗୀ ହୋଇଥିବା ବେଳେ ରବିବାରେ ୯୦ ରୋଗୀ ଡାକ୍ତରଖାନାରେ ଭର୍ତି ହୋଇଥିଲେ । ପ୍ରତିଦିନ ଏହି ସଂଖ୍ୟା ବଢିବାରେ ଲାଗିଛି ।ଡାକ୍ତରଖାନାରେ ସ୍ଥାନାଭାବ ଯୋଗୁ ରୋଗୀ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି । ପୁରୀ ଜିଲ୍ଲାର ସତ୍ୟବାଦୀ, କଣାସ, ଡେଲାଙ୍ଗ, ନିମାପଡା, ପୁରୀ ସଦର ,ବ୍ରହ୍ମଗିରି ଓ ପୁରୀ ସହରର ବିଭିନ୍ନ ସାହିବସ୍ତିରୁ ଝାଡା ବାନ୍ତି ରୋଗୀଙ୍କ ସୁଅ ଛୁଟୁଛି । ଆକ୍ରାନ୍ତ ରୋଗୀଙ୍କ ପେଟ ମୋଡିବା ସହ ଲଗାତର ବାନ୍ତି ହେଉଛି । ଦୂଷିତ ପାଣି ପିଇବା କାରଣରୁ ଝାଡାବାନ୍ତି ବ୍ୟାପୁଥିବା ଡାକ୍ତର କହିଛନ୍ତି । ଝାଡାବାନ୍ତି ବ୍ୟାପୁଥିବା ଅଚଂଳରେ ମେଡିକାଲ ଟିମ୍ ପହଂଚ ନଥିବା ରୁ ସ୍ଥିତି ଉତ୍କଟ ହୋଇପଡିଛି ।

# ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ : ମୁଖ୍ୟ ପ୍ରଶାସକ

**ପୁରୀ,୧୨/୬(ନିପ୍ର):** ନୀଳଚକ୍ର ସମ୍ପୂର୍ଣ୍ଣ ସୁରକ୍ଷିତ । ଏଥିରେ କୌଣସି ପ୍ରକାର କ୍ଷତି ହୋଇନାହିଁ । ସେହିପରି ଶ୍ରୀମନ୍ଦିରର ମୁଖ୍ୟ ମନ୍ଦିର ମଧ୍ୟ ସୁରକ୍ଷିତ ଅଛି । ବାତ୍ୟାରେ ନୀଳଚକ୍ର ବଙ୍କା, ତେଢା ହୋଇ ଯାଇଥିବା ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ଭୁଲ୍ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦିପ୍ତ ମହାପାତ୍ର । ମଙ୍ଗଳବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ଶେଷରେ ଗଣମାଧ୍ୟମକୁ ସୁଚନା ଦେଇ ମୁଖ୍ୟ ପ୍ରଶାସକ କହିଥିଲେ, ଫନି ବାତ୍ୟାରେ ଶ୍ରୀମନ୍ଦିରରେ କ୍ଷୟକ୍ଷତି ହୋଇଥିଲା । କିନ୍ତୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରକୁ ନେଇ ଯାହା ଶୁଣିବାକୁ ମିଳିଥିଲା ତାହାର କୌଣସି ସତ୍ୟତା ନଥିବା ଏଏସ୍‌ଆଇର ଡ୍ରୋନ୍ ଫଟୋଗ୍ରାଫିରୁ ସ୍ପଷ୍ଟ ହୋଇଛି । ମୁଖ୍ୟ ପ୍ରଶାସକ କହିଛନ୍ତି, ଗତ ପରିଚାଳନା କମିଟି ବୈଠକରେ ଏଏସ୍‌ଆଇକୁ ଶ୍ରୀମନ୍ଦିରର ଡ୍ରୋନ୍ ଫଟୋଗ୍ରାଫି କରିବାଲାଗି ଅନୁମତି ଦିଆଯାଇଥିଲା ।ବାତ୍ୟା ପରେ ଶ୍ରୀମନ୍ଦିର ଏବଂ ନୀଳଚକ୍ରର ସ୍ଥିତି ଯାଂଚ ଲାଗି ଏହି ନିଷ୍ପତି ହୋଇଥିଲା । ନିଷ୍ପତି ମୁତାବକ, ଏଏସ୍‌ଆଇର ସୁପରିଟେଣ୍ଡେଣ୍ଟ୍ ଆର୍କିଓଲୋଜିଷ୍ଟ ଡ୍ରୋନ୍ ଫଟୋଗ୍ରଫି କରି କ'ଣ କ୍ଷୟକ୍ଷତି ହୋଇଛି ତାହା ଦେଖାଇଥିଲେ । ପରିଚାଳନା କମିଟି ସଦସ୍ୟମାନେ ସ୍କ୍ରିନ୍ ରେ ଏ ସବୁକୁ ଦେଖିଥିଲେ । ମହାପ୍ରଭୁଙ୍କ ଆଶୀର୍ବାଦରୁ ନୀଳଚକ୍ର ଓ ମୁଖ୍ୟ ମନ୍ଦିରରେ କୌଣସି କ୍ଷତି ହୋଇନାହିଁ । ନୀଳଚକ୍ରକୁ ଭିନ୍ନ ଭିନ୍ନ ଆଙ୍ଗେଲରୁ ଦେଖାଯାଇଥିଲା । ମାତ୍ର ପୁର୍ବରୁ ଯେମିତିଥିଲା ସେମିତି ରହିଛି, ସାମାନ୍ୟତମ ବଙ୍କା ହୋଇନାହିଁ । ମୋଟାମୋଟି ଭାବେ ମୁଖ୍ୟ ମନ୍ଦିର ସମ୍ପୁର୍ଣ୍ଣ ଭାବେ ସୁରକ୍ଷିତ ରହିଛି । ଅନ୍ୟ ପକ୍ଷରେ ଭୋଗମଣ୍ଡପ କଳସ ମରାମତି କାମ ଶେଷ ହୋଇ ସ୍ଥାପନ କରାଯାଇଛି । ମୁଖ୍ୟ ମନ୍ଦିରରୁ ଗଳି ପଡିଥରବା ସିଂହ ମୂର୍ତି ମଧ୍ୟ ଲଗା ସରିଛି । ସେହିପରି ବାତ୍ୟାରେ ସିଂହ ଦ୍ୱାର ପ୍ରବେଶ ପଥରେ ଜୟମୂର୍ତି ଭାଙ୍ଗି ଯାଇଥିଲା । ବର୍ତମାନ ଜୟବିଜୟ ମୂର୍ତି ତିଆରି ଚାଲିଛି । ଖଣ୍ଡୋଲାଇଟ୍ ପଥରରେ ତିଆରି କରାଯାଉଥିବା ଏହି ମୂର୍ତି ଦୁଇଟିକୁ ଆସନ୍ତା ୧୬ ତାରିଖରେ ସ୍ଥାପନ କରାଯିବ ।ବାତ୍ୟା ପରେ ଶ୍ରୀମନ୍ଦିରରେ ହୋଇଥିବାକ୍ଷୟକ୍ଷତି ମଧ୍ୟରେ ଏହି ୩ଟି କାମ ପ୍ରମୁଖ ରହିଥିଲା ।ଜୁନ୍ ୧୭ ପୁର୍ବରୁ ଶ୍ରୀମନ୍ଦିରର ମରାମତି କାମ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନର୍ଦ୍ଦେଶ ଦେଇଛନ୍ତି । ଏହାକୁ ନଜରରେ ରଖି ଏଏସ୍‌ଆଇ ଦ୍ରୁତ ଗତିରେ କାମ କରୁଛି । ଜୟବିଜୟ ମୂର୍ତି ସ୍ଥାପନ କରିସାରିବା ପରେ ମୁଖ୍ୟ କାମ ଶେଷ ହୋଇଯିବ । ଅନ୍ୟ ପକ୍ଷରେ ରଥ ଯାତ୍ରା ପାଇଁ ଶ୍ରୀମନ୍ଦିରରେ ଯେଉଁ କାମ ହୁଏ ସେ ନେଇ ମଙ୍ଗଳବାର ଭୁବନେଶ୍ୱରରେ ଏକ ବୈଠକ ହେବ । ଅପରାହ୍ନ ୪ଟାରେ ଓପେପା ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ । ଏଥିରେ ଶ୍ରୀମନ୍ଦିର କୋର୍ କମିଟି ସଦସ୍ୟ ମାନେ ମଧ୍ୟ ଯୋଗ ଦେବେବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି ।

## ସହର ମଧ୍ୟରେ ଦିନରେ ଭାରିଯାନ ଚଳାଚଳକୁ ନ୍ୟୁ ହୋପ ଯୁବ ସଂଗଠନ ବିରୋଧ



**ରାୟଗଡା,୧୨/୬(ନିପ୍ର):** ରାୟଗଡା ସହର ମଧ୍ୟରେ ଦିନ ସମୟରେ ଭାରିଯାନ ଚଳାଚଳ କରିବା ପାଇଁ ପ୍ରଶାସନ ତରଫରୁ ଏକ ତରଫା ମଂଜୁର ପ୍ରଦାନକୁ ବିରୋଧ କରୁଛନ୍ତି ସହରବାସୀ । ଏ ନେଇ ଆଜି ରାୟଗଡା ସହରର ନ୍ୟୁ ହୋପ ଯୁବ ସଂଗଠନ କର୍ମକର୍ତା ଅତିରିକ୍ତ ଜିଲ୍ଲାପାଳ ସୁଧାକର ଶବର ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡ. ଶ୍ରବଣା ବିବେକ ଏମଙ୍କୁ ସାକ୍ଷାତ କରି ଦିନରେ ଭାରି ଯାନ ଚଳାଚଳ ଯୋଗୁଁ ସହରବାସୀ ଯେଉଁ ସବୁ ସମସ୍ୟା ଦେଇ ଗତି କରିବା ସେ ନେଇ ଆଲୋଚନା କରିଥିଲେ । ସକାଳ ୬ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ସହର ମଧ୍ୟରେ ଭାରିଯାନ ପ୍ରବେଶକୁ ନିଷେଧ ଘୋଷଣା କରାଯାଇ ଏହି ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ସଂଗଠନର କର୍ମକର୍ତା ମାନେ ଦାବୀ କରିଥିଲେ । ଏଥି ସହ ସହର ମଧ୍ୟ ଦେଇ ଯିବାକୁ ଥିବା ବାଇପାସ ରାସ୍ତାର ତୁରନ୍ତ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରିବା ନିମନ୍ତେ ଦାବୀ କରିଥିଲେ । ଆଜିର ଏହି ଦାବୀପତ୍ର ପ୍ରଦାନ ସମୟରେ ଶଶୀକାନ୍ତ ବେହେରା, ସଦାଶିବ ତ୍ରିପାଠୀ, ବିନୋଦ ସ୍ୱାଇଁ, ସୟଦ ଜିନୁୟଲ ହକ, ସନ୍ତୋଷ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ।

### ରଜବତୀ ସାହିତ୍ୟ ସଂସ୍କୃତିର ପ୍ରସ୍ତୁତି ବୈଠକ

**ତିହିଡ଼ି,୧୨।୬(ନିପ୍ର):** ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଚଉଁରୀ ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ସମାରୋହରେ ରଜ ପର୍ବ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କବି ଦୀନ ରଂଜନ ପାଢ଼ୀଙ୍କ ସଭାପତିତ୍ୱରେ ଏହି ସଭାରେ ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ଏବଂ ଗ୍ରାମବାସୀମାନେ ଉପସ୍ଥିତ ରହିଥିଲେ। ସଂପ୍ରତି ରଜ ଉତ୍ସବକୁ ଲୋକେ ଭୁଲି ଯାଉଥିବା ବେଳେ ଏହାକୁ ଉଜ୍ଜିବୀତ ରଖିବା ପାଇଁ ରଂଗୋଲି, ନାଚ, ପୁଚି, ମେହେନ୍ଦି, ରଜଦୋଳି, ପାଲା, ଛୁଙ୍କ ପଖାଳ, ରଜ ରାଇତା, ପୋଡ଼ପିଠା, ଟଙ୍କ ତୋରାଣୀ, କବିତା ପାଠୋତ୍ସବ ଆଦି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ଦାସ, ରତିକାନ୍ତ ଦାସ, ମନୋରଂଜନ ମହାନ୍ତି, ସଭାପତି ପଦ୍ମଲୋଚନ ଦାସ, ରମେଶ ଦାସ, ହିମାଂଶୁ ଦାସି, ଚିନ୍ମୟ ବେହେରା, ନିତ୍ୟାନନ୍ଦ ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ଗୁଡ଼ି, ଗୁଲି, ବିନ୍ଧି, ଲିପି ଉପସ୍ଥିତ ରହିଥିଲେ।

## ରଥଯାତ୍ରା ପ୍ରସ୍ତୁତିର ତୃତୀୟ ସମନ୍ୱୟ କମିଟି ବୈଠକ

**ପୁରୀ,୧୨/୬(ନିପ୍ର):** ଆସନ୍ତା କାଲି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ତୃତୀୟ ପ୍ରସ୍ତୁତି ସମନ୍ୱୟ କମିଟି ବୈଠକ ନିଳାଦ୍ରି ଭକ୍ତ ନିବାସ ହଲ୍ ଟାରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ ।ଉକ୍ତ ବୈଠକରେ ରାଜ୍ୟ ଆଇନ୍ ମନ୍ତ୍ରୀ ଅଧ୍ୟକ୍ଷତାକରି କେଉଁ ବିଭାଗର କ'ଣ ପ୍ରସ୍ତୁତି ହୋଇଛି ସେ ସମ୍ପର୍କରେ ସମିକ୍ଷା କରିବା ।

# ରେମୁଣା-ପାଳସିଆ ପୋଲ ମରାମତି ପାଇଁ ଦାବୀ

**ବାଲେଶ୍ୱର,୧୨/୬(ନି.ପ୍ର):** ମଇ ୨ ତାରିଖରେ ହୋଇଥିବା ଫୋନୀ ବାତ୍ୟାରେ ବାଲେଶ୍ୱର ଓ ମୟୁରଭଞ୍ଜକୁ ସଂଯୋଗ କରୁଥିବା ରେମୁଣା-ପାଳସିଆ ପୋଲ ସମ୍ପୂର୍ଣ୍ଣ ରୂପେ ଭୁସୁଡି ପଡିଥିଲା । ଗୋଟିଏ ସ୍ଲାନ୍ ସ୍ଲାପ୍ ଭାଙ୍ଗି ଯିବା ଯୋଗୁଁ କଲ୍ୟାଣପୁର ପଞ୍ଚାୟତ, ଗୁଡୁଦା, ଶାଳଗାଁ, ପତ୍ରିପାଳ, ଗଣ୍ଡର୍ଦ୍ଦା ପଞ୍ଚାୟତରୁ ପାଖାପାଖି ୧୦ ହଜାର ଲୋକ ଦୈନନ୍ଦିନ କାମ କରିବା ପାଇଁ ସେହି ପୋଲ ଦେଇ ଯିବାଆସିବା କରନ୍ତି । ପୋଲଟି ଭାଙ୍ଗି ଯିବା ଫଳରେ ଉକ୍ତ ଅଞ୍ଚଳର ହଜାର ହଜାର ଲୋକଙ୍କର ଯାତାୟତରେ ବହୁ ଅସୁବିଧା ଦେଖାଦେଇଛି । ଏହା ମଧ୍ୟରେ ୪୨ ଦିନ ବିତିଯାଇଥିଲେ ମଧ୍ୟ ପୋଲକାର୍ଯ୍ୟ କରିବାରେ ସରକାରଙ୍କର ନିଦ ଭାଙ୍ଗୁନାହିଁ । ଏହି ପୋଲ ନିର୍ମାଣ ନିମ୍ନମାନର ହୋଇଥିବା ଯୋଗୁଁ ଏହା ଭୁଷୁଡି ପଡିଛି ବୋଲି ଜନସାଧାରଣ ମତ ଦେଇଛନ୍ତି । ବାଲେଶ୍ୱରରେ ଜେଇ ରବି ମିଶ୍ର ଦୀର୍ଘ ୨୦ ବର୍ଷ ଧରି ଏଠାରେ ରହିଲେଣି । ସେହିପରି ଅଶ୍ୱନୀ ଦଣ୍ଡପାଟ ୧୭ ବର୍ଷ ଓ ନନ୍ଦଦୁଲାଲ ଘଡେଇ ଦୀର୍ଘ ୯ ବର୍ଷ ଧରି ଏଠାରେ ରହି କିପରି କାର୍ଯ୍ୟ କରୁଛନ୍ତି ତାହା ଜଣାପଡିଛି । ଜିଲ୍ଲା ପ୍ରଶାସନ ସବୁ ଜାଣି ମଧ୍ୟ ପୋଲ ମରାମତି କରାଯାଉନଥିବାକୁ ନେଇ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ପୋଲ କାର୍ଯ୍ୟ ଖୁବ୍ ଶୀଘ୍ର ମରାମତି କରିବା ପାଇଁ ବିଭିନ୍ନ ମହଲରୁ ଦାବୀ କରାଯାଇଛି ।

# ବାଙ୍କତିରା ଜଳସେଚନ ପ୍ରକଳ୍ପ ନିର୍ମାଣ ଅନିଶ୍ଚିତତା ନେଇ କ୍ରିୟାନୁଷ୍ଠାନ କମିଟି ବୈଠକରେ ଉଦ୍‌ବେଗ

**ବାଲେଶ୍ୱର,୧୨/୬(ନି.ପ୍ର):** ବୁଧବାର ପୂର୍ବାହ୍ନରେ ବାଙ୍କତିରା ଜଳସେଚନ ପ୍ରକଳ୍ପ ନିର୍ମାଣ କ୍ରିୟାନୁଷ୍ଠାନ କମିଟିର ବୈଠକ ନିଳିଆବାଗ ଠାରେ ସଂଘର ସଭାପତି ଶ୍ରୀ ଶୁଭଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ବାଙ୍କତିରା ଠାରେ ଜଳସେଚନ ପ୍ରକଳ୍ପ ନହୋଇ ଏହା ସ୍ଥାନାନ୍ତରିତ ହେବାର ଖବର ଜଳସେଚନ ପ୍ରକଳ୍ପ ଘେନି ଉପକୃତ ହେଉଥିବା ପନ୍ଦରଟି ପଞ୍ଚାୟତର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ସ୍ଥଳେ ଏହି ବିଷୟରେ ସବିଶେଷ ବିବରଣୀ ସଂଘର ସାଧାରଣ ସଂପାଦକ ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ ସୂଚନା ଦେବା ସଙ୍ଗେ



ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଲୋକମାନଙ୍କ ମତାମତ ଲୋଡ଼ିଥିଲେ। ସଂଘର ଉପସଭାପତି ଇଂ. ପ୍ରଦୀପ ମହାନ୍ତି, ଶ୍ରୀ ପ୍ରଭୁଚରଣ ରାଉତ, କୋଷାଧ୍ୟକ୍ଷ ଶ୍ରୀ ଲମ୍ବୋଦର ପ୍ରଧାନ, ଉତ୍ତମ ପ୍ରଧାନ, ଶ୍ରୀକୃଷ୍ଣ ଗିରି, ବିଜୟକୃଷ୍ଣ ବେରା, ଦୁର୍ଗାପଦ ଭୂୟାଁ, ସଦାଶିବ ନାୟକ, ଚନ୍ଦ୍ରଶେଖର ପାଣି, ଶଶିକାନ୍ତ ବେହେରା, ମନୋରଞ୍ଜନ ପ୍ରଧାନ, ଅଭିମନ୍ୟୁ ଦାସ, ଅନନ୍ତ ମହାଳିକ, ଚୈତନ୍ୟ ମହାପାତ୍ର, ଦିବାକର ତରେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଆଗାମୀ ଦିନରେ ତୀବ୍ର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାପାଇଁ ମତ ରଖିଥିଲେ। ନବନିର୍ବାଚିତ ବିଧାୟକ, ସାଂସଦ ପ୍ରମୁଖଙ୍କୁ ଏହି ବିଷୟରେ ଅବଗତ କରି ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାପାଇଁ ସତର୍କବାଣୀ ସହ ଆଇନଗତ ପଦକ୍ଷେପ ନେବାପାଇଁ ମତାମତ ପ୍ରକାଶ ପାଇଥିଲା। ଏଥିରେ ଜଳସେଚିତ ହେବାକୁ ଥିବା ୧୫ଟି ପଞ୍ଚାୟତର ବହୁ କମିଟି ସଦସ୍ୟ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ଶେଷରେ ସଂଯୋଜକ ଶ୍ରୀ ଚକ୍ରଧର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସବିଆଇ ଲାଇଫ୍ ପକ୍ଷରୁ ପାପା ହୈ ନା-ମେରା ପାପା ଫର୍ମୁଲା ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର, ୧୨/୬ (ନି.ପ୍ର.): ଭାରତର ସବୁଠୁ ବିଶ୍ୱାସଯୋଗ୍ୟ ଜୀବନ ବୀମା କଂପାନି ଏସବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ପିତୃ ଦିବସକୁ ଦୃଷ୍ଟିରେ ରଖି ପାପା ହେ ନା-ମେରା ପାପା ଫର୍ମୁଲା ଅଭିଯାନର ଶୁଭାରମ୍ଭ କରାଯାଇଛି । କଂପାନି ପକ୍ଷରୁ ପିତୃ ଦିବସକୁ ଏକ ସ୍ୱତନ୍ତ୍ର ଢ଼ଙ୍ଗରେ ପାଳନ କରାଯାଇଛି ଯେଉଁଥିରେ ଏକ ବାର୍ତ୍ତାଳାପ ଭିତିକ ମାଇକ୍ରୋ ସାଇଟ୍ ବିକଶିତ କରାଯାଇଛି ଯେଉଁଥିରେ ପାପା ଫର୍ମୁଲା ରହିଛି ଯାହାକୁ ବ୍ୟବହାର କରି ଲୋକମାନେ ବ୍ୟକ୍ତିତ୍ୱ ଭାବ ଚୟନ କରିପାରିବେ ଏବଂ ନିଜକୁ ବାପା ଭାବେ ଅନୁଶୀଳନ କରିପାରିବେ । ଏହି ମାଇକ୍ରୋ ସାଇଟ୍ ପକ୍ଷରୁ ବ୍ୟକ୍ତିଗତ ସୁହାଇବା ଭଳି ଫର୍ମୁଲା ସୃଷ୍ଟି କରାଯାଇଛି ଯାହାକୁ ମ୍ୟୁଜିକାଲ୍ ଭିଡିଓ ଫର୍ମାଟ୍‌ରେ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ ତାହାକୁ ବାପାମାନେ ନିଜ ପରିବାର, ବନ୍ଧୁ ପରିଜନ ଏବଂ ସେମାନଙ୍କ ପିଲାମାନଙ୍କ ସୋସିଆଲ୍ ମିଡିଆରେ ସେୟାର କରିପାରିବେ । ଏସବିଆଇ ଲାଇଫ୍



ପକ୍ଷରୁ ୨୦୧୫ରେ ପାପା ହେ ନା ଉନ୍ମୋଚନ କରାଯାଇଥିଲା ଯାହା ପ୍ରତିବର୍ଷ ପିତୃ ଦିବସକୁ ପାଳନ କରୁଛି । ଏଥରର ପାପା ହୈ ନା ଅଭିଯାନକୁ ଲୋକପ୍ରିୟ ପ୍ରଚ୍ଛଦପଟ୍ଟ ଗାୟକ ଶାନଙ୍କ ମ୍ୟୁଜିକାଲ୍ ଭିଡିଓ ସହିତ ଆରମ୍ଭ କରାଯାଇଛି ଯାହା ବାପାମାନଙ୍କୁ ସେମାନଙ୍କ ସ୍ୱତନ୍ତ୍ର ଭାବକୁ ପରିପ୍ରକାଶ କରିବା ପାଇଁ ଉତ୍ସାହିତ କରୁଛି । ଏହି ଅବସରରେ ଶ୍ରୀଯୁକ୍ତ ରବିନ୍ଦ୍ର ଶର୍ମା, ଚିଫ୍ ଅଫ୍ ବ୍ରାଣ୍ଡ୍ ଆଣ୍ଡ୍ କର୍ପୋରେଟ୍ କମ୍ୟୁନିକେସନ, ଏସବିଆଇ ଲାଇଫ୍ କହିଛନ୍ତି ଯେ, "ବାପାମାନେ ନିଜ ଭଲ ପାଇବାକୁ ଅଲଗା ଭାବେ ପରିପ୍ରକାଶ କରନ୍ତି । ବିଗତ ବର୍ଷଗୁଡ଼ିକରେ 'ପାପା ହେ ନା' ବାପାଙ୍କ ଭଲ ପାଇବାର ବିଭିନ୍ନ ସାଂସ୍କୃତିକ ଭାବର ପରିପ୍ରକାଶ କରୁଛି । ମେରା ପାପା ଫର୍ମୁଲା ହେଉଛି ପ୍ରଯୁକ୍ତିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ଏକ ପରିକଳ୍ପନା ଯାହା ବାପାଙ୍କୁ ନିଜକୁ ପୁନଃ ଆବିଷ୍କାର କରିବାର ସୁଯୋଗ ପ୍ରଦାନ କରୁଥିବା ବେଳେ ତାହାକୁ ସଙ୍ଗିତ ସହିତ ପ୍ରିୟଜନଙ୍କ ସହ ବାଂଟିବାରେ ସାହାଯ୍ୟ କରୁଛି ।

ଆମେ ସାରା ବିଶ୍ୱର ବାପାମାନଙ୍କୁ ସେମାନଙ୍କ ପାପା ଫର୍ମୁଲାକୁ ନିଜ ପିଲା ଓ ପ୍ରିୟଜନଙ୍କ ସହ ବାଂଟିବା ପାଇଁ ଉତ୍ସାହିତ କରୁଛି ଏବଂ ଆଶା କରୁଛୁ ଯେ ଏହା ବାପାମାନଙ୍କୁ ଭଲ ଭାବେ ବୁଝିବାରେ ସହାୟକ ହେବ ଏବଂ ଆମ ଜୀବନରେ ସେମାନଙ୍କ ସ୍ଥାନକୁ ସଠିକ୍ ଭାବେ ପ୍ରଶଂସା କରିବାରେ ସହାୟକ ହେବ ।'' ରାଜୀବ ଡିଙ୍ଗରା, ପ୍ରତିଷ୍ଠାତା ଓ ସିଇଓ, ଓ୍ୱାଟ୍ କନ୍‌ସଲ୍‌ଟ, କହିଛନ୍ତି ଯେ, "ପିତୃ ଦିବସ ପାଳନ କରିବା ପାଇଁ ଆମେ ମେରା ପାପା ଫର୍ମୁଲାକୁ ସଙ୍ଗୀତ ଏବଂ ବାର୍ତ୍ତାଳାପ ପ୍ରଯୁକ୍ତିର ମିଶ୍ରଣରେ ଶୁଭାରମ୍ଭ କରିଛୁ ଯାହା ପ୍ରତିଟି ବାପାଙ୍କୁ ସେମାନଙ୍କ ପିଲାଙ୍କୁ ସ୍ୱତନ୍ତ୍ର ପାପା ଫର୍ମୁଲା ପ୍ରଦର୍ଶନ କରିବାରେ ସହାୟକ ହେବ ।

## ଆରଏସ୍‌ଏସ୍‌ର ସଂଘ ଶିକ୍ଷାବର୍ଗ ଉଦ୍‌ଯାପିତ

ଭୁବନେଶ୍ୱର, ୧୨/୬ (ନି.ପ୍ର.): ସଂଘର ୯୪ ବର୍ଷ ସାଧନାରେ ଭାରତର ହିନ୍ଦୁତ୍ୱର ପ୍ରଭାବ ତ୍ରିବ୍ରଗତିରେ ବଢିବାରେ ଲାଗିଛି । ଭାରତ ହିନ୍ଦୁତ୍ୱ ରାସ୍ତାରେ ଚାଲିବାକୁ ଆରମ୍ଭ କରିଥିବା କାରଣରୁ ବିଶ୍ୱରେ ଦେଶର ଗୌରବ ବୃଦ୍ଧି ପାଇଛି । ସଂଘଶିକ୍ଷା ବର୍ଗରେ ଏପରି କାର୍ଯ୍ୟକର୍ତ୍ତା ନିର୍ମାଣ କରିବା ପକ୍ରିୟା ୧୯୨୭ରୁ ଚାଲି ଆସିଛି । ଚଳିତ ବର୍ଷ ୮୬ଟି ସ୍ଥାନରେ ୨୦,୦୦୦ରୁ ଉର୍ଦ୍ଧ୍ୱ ଶିକ୍ଷାର୍ଥି ପ୍ରଶିକ୍ଷଣ ନେଉଛନ୍ତି । ଭାରତର ଗୌରବ ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବା ସହିତ ବିଶ୍ୱଗୁରୁ ଆଶା ସାକାର ହେବାକୁ ଯାଉଛି ବୋଲି ପ୍ରାଧାପକ ଶ୍ରୀ ଗୋପାଳ ପ୍ରସାଦ ମହାପାତ୍ର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘଶିକ୍ଷା ବର୍ଗ ଉଦ୍‌ଯାପନ ଉତ୍ସବରେ ମତବ୍ୟକ୍ତ କରିଛନ୍ତି ।

ସବୁବର୍ଷ ପରି ଏବର୍ଷ ମଧ୍ୟ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ନୀରବ ସାଧକ ନିର୍ମାଣ କାର୍ଯ୍ୟ ତଥା



ମାନବୀୟତାର ବିକାଶ ପାଇଁ କଟକ ସହର ଉପକଣ୍ଠ ଗତିରାଉତପାଟଣାସ୍ଥିତ କେଶବଧାମ ଠାରେ ଗତ ମେ ୨୨ ତାରିଖ ଠାରୁ ୨୧ ଦିନ ବ୍ୟାପି ଚାଲୁଥିବା ସଂଘଶିକ୍ଷା ବର୍ଗର ଆଜି ସମାରୋପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଘ ତରଫରୁ ଏଠାରେ ଅନୁଷ୍ଠିତ ତିନୋଟି ବର୍ଗର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ୫୪ ଜଣ ଶିକ୍ଷକ ଓ ଅଧ୍ୟାପକ, ୩୧ ଜଣ କୃଷକ, ୭୧ ଜଣ ବ୍ୟବସାୟୀ, ୩୨ ଜଣ କର୍ମଚାରୀ, ୦୨ ଜଣ ଡାକ୍ତର, ୧୫ ଜଣ ଓକିଲ, ୨୦୩ ଜଣ ଛାତ୍ର ଓ ୨୦ ଜଣ ଅନ୍ୟ ଶିକ୍ଷାର୍ଥୀ ଭାଗ ନେଇଛନ୍ତି । ଶିକ୍ଷାର୍ଥୀମାନେ ଏହି ବର୍ଗରୁ ଶିକ୍ଷା କରିଥିବା ଯୋଗ,ସୂର୍ଯ୍ୟ ନମସ୍କାର, ଆସନ, ବ୍ୟାୟାମଯୋଗ, ଦଣ୍ଡ, ନିଯୁଦ୍ଧ, ସ୍ୱଦେଶୀ ଖେଳ, ପଦବିନ୍ୟାସ, ସମତା, ଆଚାରପଦ୍ଧତି, ଚେରଓ୍ୱାଡି ଆଦିର ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ. ମୋହନ ମଧୁକର ରାଓ ଭାଗବତ ଜୀ, ସହ ସରକାର୍ଯ୍ୟବାହ ଡ. କୃଷ୍ଣ ଗୋପାଳ ଜୀ, ଶ୍ରୀ ଭି. ଭାଗେୟାଜୀ ଏବଂ ଶ୍ରୀ ମନମୋହନ ବୈଦ୍ୟଜୀ ଉପସ୍ଥିତ ରହି ସ୍ୱୟଂସେବକମାନଙ୍କୁ ମାର୍ଗଦର୍ଶନ କରିଥିଲେ ।

## ଚୋରି ଅଭିଯୋଗରେ ୭ ମହିଳା ଗିରଫ



ପାରାଦ୍ୱୀପ, ୧୨।୬ (ନି.ପ୍ର.): ଚଳନ୍ତା ଟ୍ରେନରୁ କୋଇଲା ଚୋରୀ କରୁଥିବା ଅଭିଯୋଗରେ ସାତ ଜଣ ମହିଳାଙ୍କୁ ଗିରଫ କରିଛି ପାରାଦୀପ ଆର.ପି.ଏଫ୍ ଥାନା ପୋଲିସ । ପାରାଦୀପ ବନ୍ଦରକୁ ଟ୍ରେନ ଯୋଗେ ମାଲ ପରିବହନ କରାଯାଉଥିବା ବେଳେ କୋଇଲା ଗୁଡିକ ଚୋରୀ କରାଯାଉଥିବା ଅଭିଯୋଗ ନେଇ ଗତ କଛି ଦିନ ହେବ ପାରାଦୀପ କଟକ ରେଳପଥର ପାଟପୁର, ବଗଦିଆ,ଜଳଧରପୁର ଏହି ଭଳି ଅନେକ ସ୍ଥାନରେ ବହୁ ମାତ୍ରାରେ କୋଇଲା ଚୋରୀ ହେଉଥିବା ଆର.ପି.ଏଫ ଜଳଧରପୁର ଠାରେ ଚଢାଉ କରି କୋଇଲା ଚୋରୀ କରୁଥିବା ୭ଜଣ ମହିଳାଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ପ୍ରାୟ ୧୦ରୁ ଉର୍ଦ୍ଧ କୋଇଲା ବସ୍ତା ଜବତ କରିବା ସହ ସେମାନଙ୍କ ବିରୁଦ୍ଧରେ କେଶ୍ ରୁଜୁ କରି କୋଟ ଚାଲାଣ କରାଯାଇଛି ।

## ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦୁଝର,୧୨।୬ (ନି.ପ୍ର.): କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଚଳିତ ଜୁନ୍ ୧୧ ମଙ୍ଗଳବାର ଦିନ ଦରବାର ହଲ୍‌ଠାରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାମରାଇ ମୁନ୍ଦୁୟା, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, କେନ୍ଦୁଝର ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତର ସୋମନାଥ ପ୍ରଧାନ, ଡି.ଏସ୍.ପି. ଡିଆଇବି ହରେଶ ଚନ୍ଦ୍ର ପାଣ୍ଡେ, କେନ୍ଦୁଝର ସଦର ଏସ୍‌ଡିପିଓ ପି.ଜେ. ଟପ୍ପୋ, ବଡ଼ପଣ୍ଡା ରାଜକିଶୋର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ,ସେବାୟତ/ସେବକ/ପହଣ୍ଡିଆ,ଗଣମାଧ୍ୟମର ପ୍ରତିନିଧି, ବିଭିନ୍ନ କ୍ଲବ୍/ଅନୁଷ୍ଠାନର ପ୍ରତିନିଧି ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଠାକରେ ଉଦ୍‌ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ । ରଥଯାତ୍ରା ସହିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷତଃ ମହିଳା ଭକ୍ତମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ନିର୍ଦ୍ଦେଶ ଦେଇଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶ୍ରୀ ମୁନ୍ଦୁୟା, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର ନିଜ ଉଦ୍‌ବୋଧନରେ କେନ୍ଦୁଝର ମାଟିର ରାଷ୍ଟ୍ରଦେବ ଆରାଧ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରାର ସୁପରିଚାଳନା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ତତ୍‌ପରେ ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ, ଦେବୋତର ସୋମନାଥ ପ୍ରଧାନ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ୨୦୧୮ ମସିହା ରଥଯାତ୍ରାର ଆୟ ଓ ବ୍ୟୟ ହିସାବ ଉପସ୍ଥାପନ ସହ ଚଳିତ ବର୍ଷ ରଥଯାତ୍ରା ପାଇଁ ବଜେଟ୍ ଉପସ୍ଥାପନ କରିଥିଲେ । ସହକାରୀ ଜିଲ୍ଲାପାଳ ସୁବୋଧ ଦାସ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଚିତରଂଜନ ଦାସ, ଦେବୋତର ହିସାବ ରକ୍ଷକ ରାଜକିଶୋର ପଣ୍ଡା, ନିତି ତଦାରଖକାରୀ ଦ୍ୱାରିକା ପ୍ରସାଦ ରଥ ପ୍ରମୁଖ ପ୍ରସ୍ତୁତି ବୈଠକ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

## ଭୁବନେଶ୍ୱର ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୨।୬ (ନି.ପ୍ର.): ସାମ୍ବାଦିକମାନେ ସବୁବେଳେ ପ୍ରତିକୂଳ ପରିସ୍ଥିତିରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି । ମାତ୍ର ସେମାନେ ଉପଯୁକ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଆସୁଛନ୍ତି । ସେମାନଙ୍କ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ବିଧାନସଭାରେ ଉତଥାପନ କରିବେ ବୋଲି



ପୂର୍ବତନ ମନ୍ତ୍ରୀ ତଥା ଜୟଦେବ ବିଧାୟକ ଅରବିନ୍ଦ ଢାଲି ପ୍ରକାଶ କରିଛନ୍ତି । ଭୁବନେଶ୍ୱର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଢାଲି ଏହା କହିଛନ୍ତି । ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏ ନେଇ ବିଧାନସଭାରେ ପ୍ରଶ୍ନ ଉତଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସାମ୍ବାଦିକ ସଂଘ ପକ୍ଷରୁ ତିନି ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ସାଧାରଣ ସମ୍ପାଦକ ଲିଙ୍ଗରାଜ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘର ଶୃଙ୍ଖଳା କମିଟି ଅଧ୍ୟକ୍ଷ ଭାବେ ଭଦ୍ରକ ଜିଲା ସଭାପତି ରବିନାରାୟଣ ଖିଲାରଙ୍କୁ ମନୋନୀତ କରାଯାଇଥିଲା । ଉତ୍ସବରେ ଯୋଗ ଦେଇଥିବା ୩୦ଟି ଜିଲାର ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ଉପସଭାପତି ନୃସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଜେନା, ଚିତ୍ତ ମହାପାତ୍ର, ଡ. ଅସିତ୍ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବକୁ ରାଜେନ ଚୌଧୁରୀ, ଭରତ ବେହେରା, ଟୁଲୁ ପାତ୍ର, ବିଜୟ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ ।

## ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣା: ୧୮୦ ମଧ୍ୟରୁ ୩ ଜଣଙ୍କ ସାକ୍ଷ୍ୟ ପ୍ରଦାନ

ପାରାଦ୍ୱୀପ, ୧୨।୬ (ନି.ପ୍ର.): ସିଓ୍ୱେଜ୍ ସିପିଙ୍ଗ ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଶୁଣାଣୀ କୁଜଙ୍ଗ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ମଙ୍ଗଳବାର ଦିନ ଠାରୁ ଆରମ୍ଭ ହୋଇଛି । ୧୮୦ ଜଣ ସାକ୍ଷୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଗତ ମଙ୍ଗଳବାର ଦିନ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି । ଏହାର ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷ୍ୟ ଆସନ୍ତା ଜୁନ ୨୬ତାରିଖକୁ ରଖାଯାଇଥିବାର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ । ପ୍ରକାଶ ଥାଉକି ୨୦୧୬ ମସିହା ଅକ୍ଟୋବର ମାସ ୨୬ ତାରିଖରେ ପାରାଦ୍ୱୀପ ସିଓ୍ୱେଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକସ୍ ପ୍ରାଇଭେଟ ଲିମିଟେଡ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କୁ ମଧୁବନ ନିକଟସ୍ଥ ଆମ୍ବେଦକର ଭବନ ନିକଟରେ ନୃସଂସ ଭାବେ ହତ୍ୟା କରାଯାଇଥିଲା । ସେ ପ୍ରତ୍ୟୁଷରେ ନିଜ ଏସ୍‌ୟୁଭି ଗାଡିରେ ଅଫିସ ଯିବା ବାଟରେ ଅପରାଧିମାନେ ତାଙ୍କ ଗାଡି ଉପରକୁ ବୋମା ନିକ୍ଷେପ କରିଥିଲେ । ନିଜ ଜୀବନକୁ ରକ୍ଷା କରିବାକୁ ଯାଇ ଶ୍ରୀ ସ୍ୱାଇଁ ଜୀବନ ବିକଳରେ ଗାଡିରୁ ବାହାରି



ଦୌଡି ପଳାଇ ଯିବାକୁ ଉଦ୍ୟମ କଲାବେଳେ ଅପରାଧିମାନେ ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି କରିଥିଲେ । ଏବଂ ସେହିଠାରେ ହିଁ ସ୍ୱାଇଁଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ମୁଖ୍ୟ ଅପରାଧି ଅଶୋକ ବିହାରୀକୁ ପଶ୍ଚିମ ବଙ୍ଗଳାର ହାଓ୍ୱଡା ନିକଟରୁ ପୋଲିସ ଗିରଫ କରିଥିଲାବେଳେ ତାର ସହଯୋଗୀ ସାର୍ପ ସୁଟର ଓ କଣ୍ଟ୍ରାକ୍ଟ କିଲର ମହମ୍ମଦ ବବୁଲ ମଧ୍ୟ ଏହି ଘଟଣାରେ କଲିକତାରୁ ଗିରଫ ହୋଇଥିଲା । ଏହି ସଂକ୍ରାନ୍ତରେ ୨୦୧୭ ମସିହା ମାର୍ଚ୍ଚ ୧୪ତାରିଖରେ ପାରାଦ୍ୱୀପ ପୋଲିସ ପକ୍ଷରୁ ୫୦୦ ପୃଷ୍ଠାର ଏକ ଚାର୍ଜସିଟ୍ କୋର୍ଟରେ ଦାଖଲ ହୋଇଥିଲା । ଏହି ଘଟଣାରେ ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ (ଓଏସ୍‌ଏଲ୍) କମ୍ପାନୀ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମହିମାନନ୍ଦ ମିଶ୍ର ଓ କାର୍ଯ୍ୟକାରୀ ନିର୍ଦ୍ଦେଶକ ବସନ୍ତ ବଳଙ୍କ ସମେତ ୧୦ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା । ସେତେବେଳେ ମହିମା ଓ ବଳଙ୍କୁ ଥାଇଲାଣ୍ଡର ବ୍ୟାଙ୍କକରୁ ଧରାଯାଇ ଗିରଫ କରାଯାଇଥିଲା । ତେବେ ଏହି ହତ୍ୟା ଘଟଣା ଷ୍ଟିଭେଡୋର ବ୍ୟବସାୟକୁ ନେଇ ଘଟିଥିବା ସନ୍ଦେହ କରାଯାଏ ।

## ମୌସୁମୀ ଲାଗି ନିରାପତ୍ତା କଡାକଡି କଲା ପୂର୍ବତଟ ରେଳପଥ



ଭୁବନେଶ୍ୱର, ୧୨।୬ (ନି.ପ୍ର.): ପ୍ରବଳ ବର୍ଷାଜନୀତ ସଙ୍କଟ ପରିସ୍ଥିତିରେ ଯାତ୍ରୀମାନଙ୍କର ସୁରକ୍ଷା ଓ ରେଳ ଚଳାଚଳ କ୍ଷେତ୍ରରେ ନିରାପତ୍ତାକୁ କଡ଼ାକଡ଼ି କରିବା ପାଇଁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ଆଦେଶ ଦେଇ ରେଳ ବ୍ରିଜ୍ ଓ ରେଳଧାରଣାର ନିରାପତ୍ତାପ୍ରତି ସତର୍କ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ କହିଛନ୍ତି । ତଦନୁସାରେ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ପ୍ରାକ୍-ସାବଧାନତା ଅବଲମ୍ବନ କରାଯାଉଛି । ସେଥିପାଇଁ ପାଣି ଧରିରଖୁଥିବା ଓ ପାର୍ଶ୍ୱ ଡ୍ରେନ୍‌ମାନଙ୍କରୁ ପଙ୍କମାଟି, ଝାଡ଼ି ଏବଂ ଅନ୍ୟାନ୍ୟ ବାଧକଗୁଡ଼ିକୁ ସଫା କରାଯାଉଅଛି । ରେଳ ପୋଲମାନଙ୍କ ପାଖରୁ ମଧ୍ୟ ଝାଡ଼ି ପରିଷ୍କାର କରାଯିବା ସହ ପଙ୍କମାଟିକୁ କଢ଼ାଯାଇଅଛି ଯାହାଫଳରେ ପାଣି ଜମା ନ ରହି ସଠିକ୍ ଭାବେ ଅତିକ୍ରମ କରିପାରିବ । ୨୪ ଘଣ୍ଟିଆ ଖୋଲା ରହୁଥିବା ପୂର୍ବ ତଟ ରେଳପଥ କାଣ୍ଟ୍ରୋଲ ଅଫିସ୍ କ୍ରମାଗତଭାବେ ପାଣିପାଗ ବିଭାଗ, ଆପଦ ପ୍ରବନ୍ଧନ କକ୍ଷ ଏବଂ ବନ୍ୟା ପ୍ରବଣ ଅଞ୍ଚଳରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କ ସହ ଲଗାତର ସମ୍ପର୍କରେ ଥାଇ ନିରନ୍ତର ଭାବେ ଦୃଷ୍ଟି ରଖି ପରିସ୍ଥିତିର ଅନୁଧ୍ୟାନ କରୁଅଛି । ଏଥିପାଇଁ ରାଜ୍ୟସରକାରଙ୍କ ଜଳସେଚନ ବିଭାଗ ସହ ସମନ୍ୱୟ ରକ୍ଷା କରାଯାଉଛି ଯାହାଫଳରେ ପାଣିକୁ ରେଳଧାରଣା କଡ଼ରୁ ହଟାଇ ଦିଆଯାଇ ପାରିବ । ଦରକାର ହେଲେ ରେଳଧାରଣାକୁ ସୁରକ୍ଷା ଦେବା ପାଇଁ ନଦୀ ଓ ଜଳ ଗଚ୍ଛିତ ଅଞ୍ଚଳକୁ ପାଣି କଢ଼ାଯିବାର ବ୍ୟବସ୍ଥା କରାଯିବ । ପୋଲମାନଙ୍କରେ ପିଲାରଗୁଡ଼ିକରେ ବିପଦ ସଙ୍କେତ ଚିହ୍ନକୁ ମଧ୍ୟ ନାଲି ଉଜ୍ଜ୍ୱଳ ସାଙ୍କେତିକ ବ୍ୟବସ୍ଥା କରାଯାଇଅଛି ଯାହା ଦ୍ୱାରା ରେଳବାଇ ପ୍ରହରୀ ଓ ନିରାପତ୍ତା କର୍ମଚାରୀମାନେ ସଠିକ ଭାବେ ଦେଖିପାରିବେ ।

ରେଳଧାରଣା ଉପରେ ପାଣି ଜମା ହୋଇ ନ ରହିବା ପାଇଁ ବ୍ୟବସ୍ଥା କରାଯାଇଛି । ଷ୍ଟେସନର ୟାର୍ଡ, ଡ୍ରେନ୍‌ଗୁଡ଼ିକୁ ମଧ୍ୟ ସଫାଇ କରାଯାଇଅଛି । ବର୍ଷା ସମୟରେ ରେଳଧାରଣା ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପ୍ରହରୀ/ଜଗୁଆଳୀ ବ୍ୟବସ୍ଥା କରାଯାଇଅଛି । କୌଣସି ବିପଦ ନଜରକୁ ଆସିଲେ ସେମାନେ ଟ୍ରେନକୁ ଅଟକାଇ ଯାତ୍ରୀମାନଙ୍କର ଧନଜୀବନକୁ ସୁରକ୍ଷା ଦେଇପାରିବେ । ସମ୍ବେଦନଶୀଳ ଅଞ୍ଚଳରେ ପ୍ରହରୀ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ପଦକ୍ଷେପମାନ ନିଆଯାଇଅଛି ।

ପ୍ରବଳ ବର୍ଷା ସମୟରେ ରେଳ ସେକ୍ସନର ଗ୍ୟାଙ୍ଗ୍‌ମ୍ୟାନ୍ ସେମାନଙ୍କର ସେକ୍ସନରେ ରେଳ ବ୍ରିଜ୍ ଓ ରେଳ ଧାରଣାର ନିରାପତ୍ତାପ୍ରତି ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି ଯାହାଫଳରେ ରେଳ ଚଳାଚଳକୁ ସ୍ୱାଭାବିକ କରାଯିବା ସହ ଯାତ୍ରୀମାନଙ୍କର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ପାରିବ ।

ଏଥିପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ନିରାପତ୍ତାସାମଗ୍ରୀକୁ ଯଥା ବାଲାଷ୍ଟ/ପଥର, ବାଲିବସ୍ତା, ପାଉଁଶ ବସ୍ତା, ଖଣିମାନଙ୍କରେ ଅବ୍ୟବହୃତ ମାଟି, ଇତ୍ୟାଦୀକୁ ସମ୍ବେଦନଶୀଳ ସ୍ଥାନମାନଙ୍କରେ ପର୍ଯ୍ୟାପ୍ତ ମାତ୍ରାରେ ଗଛିତ କରାଯାଉଅଛି । ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ ସହ ନିରାପତ୍ତା ସାମଗ୍ରୀକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଅଛି । ଏହା ସହିତ ସିମେଣ୍ଟ କଙ୍କ୍ରିଟ୍ କ୍ରିବ୍ ଏବଂ ପୋଲମାନଙ୍କରେ ବ୍ୟବହୃତ ଗାର୍ଡରକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି ଯାହାଫଳରେ ଦରକାର ଆସିଲେ ଏଗୁଡ଼ିକୁ ସ୍ଥାନାନ୍ତର କରାଯିବ । ଏତଦ୍‌ବ୍ୟତୀତ ପୂର୍ବ ତଟ ରେଳପଥ ଭାରତୀୟ ପାଣିପାଗ ବିଭାଗସହ ମଧ୍ୟ ଲଗାତର ସଂଯୋଗ ରକ୍ଷା କରିଚାଲିଛି ଯାହାଫଳରେ ସଙ୍କେତ ମିଳିବା କ୍ଷଣି ରେଳପଥ ଏହାର କର୍ମଚାରୀଙ୍କୁ ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରୟୋଗ କରିପାରିବ ।

## ବ୍ୟଙ୍ଗ ଲେଖକ ଡମ୍ବରୁଧର ପଟ୍ଟନାୟକ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସମ୍ମାନିତ

ରାୟଗଡା, ୧୨।୬ (ନି.ପ୍ର.): କଟକ ସ୍ଥିତ ଶତାବ୍ଦୀ ଭବନରେ ଅନୁଷ୍ଠିତ ଉତ୍କଳ ସାହିତ୍ୟ ସମାଜ, କଟକଙ୍କ ୧୧୭ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ବିଶିଷ୍ଟ ହାସ୍ୟବ୍ୟଙ୍ଗ ଲେଖକ ଡମ୍ବରୁଧର ପଟ୍ଟନାୟକଙ୍କୁ ପ୍ରଭା ପଟେଲ୍ ରମ୍ୟରଚନା ଓ ଲଳିତନିବନ୍ଧ ସମ୍ମାନ ପ୍ରଦାନ କରାଯାଇଛି । ଏହି ଉତ୍ସବରେ ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅନ୍ୟମାନଙ୍କ ସମେତ ଶ୍ରୀ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ । ତାଙ୍କର ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରାପ୍ତିରେ ଉତ୍କଳ ସାହିତ୍ୟ ସମାଜ, ରାୟଗଡ ଶାଖାର ଆବାହକ ଡ.ନିରଂଜନ ବକ୍ସିପାତ୍ର, ସଂଯୋଜକ ଗୋପୀନାଥ ସାହୁ, ଆମ ପଂଚବଟୀର ସଂପାଦକ ସୁଶାନ୍ତ କୁମାର ନାୟକ, ଆମ ଖଟିର ଆବାହକ ଆଶୁତୋଷ ପାତ୍ର ଓ ସଦସ୍ୟଗଣ, ରାୟଗଡ ସାହିତ୍ୟ ସଂସଦର ସଂପାଦକ ସତ୍ୟନାରାୟଣ ଗନ୍ତାୟତ, ସମ୍ବାଦ ସାହିତ୍ୟଘର, ରାୟଗଡ ଶାଖାର ସମସ୍ତ ସଦସ୍ୟ, ଟିକିରି ସାହିତ୍ୟ ପରିଷଦର ନିରଂଜନ ନାୟକ,



ଲକ୍ଷ୍ମୀପୁର ସାହିତ୍ୟ ପରିଷଦର ଡ. ପ୍ରକାଶ କୁମାର ସେନାପତି, ସୃଜନୀ ସାହିତ୍ୟ ସଂସଦ, ଜୟପୁରର ଡ.କମଳାକୃଷ୍ଣ ତ୍ରିପାଠୀ, ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଡ.ନରେନ୍ଦ୍ର କୁମାର ମିଶ୍ର, ଶିବ ପ୍ରସାଦ ମିଶ୍ର, ଦ୍ୱିତୀଚନ୍ଦ୍ର ସାହୁ ସମେତ ବହୁ କବି ଲେଖକ ତାଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ କବି ଡମ୍ବରୁଧର ପଟ୍ଟନାୟକ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ଅଦ୍ୟାବଧି ୧୫ଟି ପୁସ୍ତକ ଓଡିଆ ସାହିତ୍ୟ ଭଣ୍ଡାରକୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ ହାସ୍ୟବ୍ୟଙ୍ଗ, ରମ୍ୟରଚନା ଓ ଲଳିତନିବନ୍ଧ ବିଭାଗରେ ଲେଖିଥିବା ଉତ୍କୃଷ୍ଟ ପୁସ୍ତକଗୁଡିକ ହେଲା ଜଗତେକେବଳ, ତେରେଛା ନଜର, ପରୀକ୍ଷା ପ୍ରାର୍ଥନୀୟ, ବ୍ୟଙ୍ଗ ଚଟକଣି ଓ ଚୋପା ଆଲୋଚନା । ପୂର୍ବରୁ ବହୁ ସମ୍ମାନରେ ସମ୍ମାନିତ ହୋଇଥିଲେ ମଧ୍ୟ ଉତ୍କଳ ସାହିତ୍ୟ ସମାଜ ଭଳି ଏକ ସମ୍ମାନାସ୍ପଦ ଶତାୟୁ ଅନୁଷ୍ଠାନ ତରଫରୁ ଶ୍ରୀ ପଟ୍ଟନାୟକ ସମ୍ମାନିତ ହୋଇଥିବାରୁ ସାହିତ୍ୟିକ ବନ୍ଧୁମାନେ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।


Printed and Published by Sitesh Kumar Rout _ owned by Manthan Printers Private Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9437004473, 9437024883 **Email : odishamanthan@gmail.com**

● **Editor : Sarat Raut** Managing Editor - Bibhuti Bhusan Patra

ପରିଚାଳନା ସମ୍ପାଦକ: ବିଭୂତି ଭୂଷଣ ପାତ୍ର **ସଂପାଦକ: ଶରତ ରାଉତ**